ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୯/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Tuesday, October 19/2021 | ★★★★

୪୭ଶ ଭାଗ ୩୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



## ସଂକ୍ଷେପରେ

### ବାଲେଶ୍ୱର ଜିଲା ଯୁବ କଂଗ୍ରେସ ଉପ ସଭାପତିଙ୍କ ଦିଲ୍ଲୀରେ ସନ୍ଦେହଜନକ ମୃତ୍ୟୁ

**ସୋର,୧୮।୧୦(ଡି.ଏନ.ଏ):** ବାଲେଶ୍ୱର ଜିଲା ଯୁବ କଂଗ୍ରେସ ଉପସଭାପତି ତନ୍ମୟ ଦାଶମହାପାତ୍ରଙ୍କର ରବିବାର ନୂଆଦିଲ୍ଲୀଠାରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସୋର ଥାନା ଅଧୀନ କୁଢ଼େଇ ଗ୍ରାମର ସତ୍ୟନାରାୟଣ ଦାଶମହାପାତ୍ରଙ୍କ ବଡ଼ ପୁଅ ତନ୍ମୟ ଗତ ୧୩ ତାରିଖରେ ଦିଲ୍ଲୀ ନୋଇଡ଼ା ସେକ୍ଟର ୧୫ ଥାନା ଅଞ୍ଚଳରେ ରହୁଥିବା ତାଙ୍କ ସାଙ୍ଗଙ୍କ ପାଖକୁ ଯାଇଥିଲେ। ସେଠାରେ ରବିବାର ରାତି ୯ଟା ବେଳେ ସେ କିଛି କାମରେ ବାହାରକୁ ଯାଇ ବହୁ ସମୟ ପର୍ଯ୍ୟନ୍ତ ଫେରି ନ ଥିଲେ। ସାଙ୍ଗଜଣକ ତାଙ୍କ ମୋବାଇଲକୁ ଫୋନ୍ କରି କିଛି ଉତ୍ତର ନ ପାଇବାରୁ ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ସକାଳେ ଦିଲ୍ଲୀ ପୋଲିସ ତନ୍ମୟଙ୍କ ମୃତଦେହ ରାସ୍ତାକଡ଼ରୁ ଉଦ୍ଧାର କରି ତାଙ୍କ ମୋବାଇଲରେ ସାଙ୍ଗଙ୍କ ମୋବାଇଲକୁ ଫୋନ କରିବାରୁ ସାଙ୍ଗଜଣକ ସେଠାରେ ପହଞ୍ଚି ତନ୍ମୟଙ୍କୁ ଚିହ୍ନଟ କରିଥିଲେ। ସୋମବାର ତାଙ୍କର ମୃତଦେହ ବ୍ୟବଚ୍ଛେଦ ପରେ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ସୋରକୁ ଅଣାଯାଉଛି। ଏହି ଖବର ପ୍ରସାରିତ ହେବା ପରେ ସୋର କଂଗ୍ରେସ ମହଲରେ ଶୋକର ଛାୟା ଖେଳିଯାଇଛି।

### ନିମାଇଁ ଚରଣ ହେଲେ ଭାଜପା ମାଲକାନଗିରି ସଭାପତି

**ଭୁବନେଶ୍ୱର,୧୮।୧୦(ବ୍ୟୁରୋ):** ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନ ଅନୁଯାୟୀ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିମାଇଁ ଚରଣ ପାଲଙ୍କୁ ମାଲକାନଗିରି ଜିଲା ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଗଲା ବୋଲି ଗଣମାଧ୍ୟମ ବିଭାଗ ମୁଖ୍ୟ ଶ୍ରୀ ଦିଲୀପ ମଲ୍ଲିକ ସୁଚନା ଦେଇଛନ୍ତି ।

### କଂଗ୍ରେସରେ ଯୋଗଦେବେ ପପୁ ଯାଦବ



**ନୂଆଦିଲ୍ଲୀ, ୧୮।୧୦:** ଜନ ଅଧିକାର ପାର୍ଟି (ଜେଏପି) ମୁଖ୍ୟ ପପୁ ଯାଦବ ନଭେମ୍ବର ପ୍ରଥମ ସପ୍ତାହରେ କଂଗ୍ରେସରେ ଯୋଗ ଦେଇପାରନ୍ତି। ପୂର୍ବତନ ଏମ୍‌ପି ପପୁ ଯାଦବ କଂଗ୍ରେସରେ ଯୋଗଦେବା ନେଇ କଥାବାର୍ତ୍ତା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି। ପପୁଙ୍କ ଜେଏପିକୁ କଂଗ୍ରେସରେ ମିଶାଇବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏଥିପାଇଁ ସେ କ'ଣ ସର୍ତ୍ତ ରଖିବେ ତାହା ସ୍ଥିର ହୋଇନାହିଁ। ଆଗାମୀ ବିହାର ଉପନିର୍ବାଚନରେ ସେ କଂଗ୍ରେସକୁ ସମର୍ଥନ ଦେବେ ବୋଲି ପୂର୍ବରୁ ସୂଚନା ଦେଇଥିଲେ। ସୂତ୍ର ଅନୁଯାୟୀ ନଭେମ୍ବର ପ୍ରଥମ ସପ୍ତାହରେ ପପୁ ଦିଲ୍ଲୀ ଯାଇ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟିବେ। ଏହା ପରେ ସେ କଂଗ୍ରେସରେ ଯୋଗଦେବା ନେଇ ଆନୁଷ୍ଠାନିକ ଘୋଷଣା କରାଯିବ। ପପୁ ଯାଦବଙ୍କ ସ୍ତ୍ରୀ ରଞ୍ଜିତ ରଞ୍ଜନ ବିହାରର ସୁପୁଲରୁ ଏମ୍‌ପି ଅଛନ୍ତି। କଂଗ୍ରେସର ଜାତୀୟ ସମ୍ପାଦକ ଥିବା ରଞ୍ଜିତ ଆଗାମୀ ଉପନିର୍ବାଚନ ପାଇଁ କୁଶେଶ୍ୱର ଅସ୍ଥାନ ଆସନର ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ପ୍ରଚାର କରୁଛନ୍ତି।



ବିଭିନ୍ନ ଦାବି ନେଇ କଟକ ରେଳ ଷ୍ଟେଶନ ୧ନଂ. ଗେଟ୍ ସମ୍ମୁଖରେ କେନ୍ଦ୍ରୀୟ ଶ୍ରମିକ ଓ ଚାଷୀ ସଙ୍ଗଠନଗୁଡିକ ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ ।



କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କୁ ବରଖାସ୍ତ ଓ ଅନ୍ୟାନ୍ୟ ୪ ଦଫା ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ସୋମବାର କଂଗ୍ରେସ ପକ୍ଷରୁ କରାଯାଇଥିବା ରେଳରୋକ।


କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ରେଳଷ୍ଟେଶନଠାରେ ସୋମବାର କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କୁ ବରଖାସ୍ତ ଦାବିରେ ଜଣେ ବିକ୍ଷୋଭକାରୀଙ୍କୁ ପୋଲିସ ଉଠାଇ ନେଉଛି।


ପଞ୍ଜାବର ଅମୃତସର ଜିଲା ଦେବୀ ଦାସପୁରାଠାରେ କୃଷକମାନେ ରେଳଧାରଣାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ରେଲରୋକୋ: ଓଡ଼ିଶାରେ ଶାନ୍ତିପୂର୍ଣ୍ଣ

**ଭୁବନେଶ୍ୱର,୧୮।୧୦(ବ୍ୟୁରୋ)**

ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ସୋମବାର ଦେଶବ୍ୟାପୀ ୬ ଘଣ୍ଟିଆ ରେଲରୋକୋ ଓଡ଼ିଶାରେ ଶାନ୍ତିପୂର୍ଣ୍ଣ ହୋଇଛି। ଉତ୍ତର ପ୍ରଦେଶ ଲଖିମପୁର ଖେରି କୃଷକ ଗଣହତ୍ୟା ଘଟଣାରେ ତଦନ୍ତର ନିରପେକ୍ଷତା ପାଇଁ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କୁ ବରଖାସ୍ତ କରିବା ସହ ଅପରାଧୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା, ନୂତନ କୃଷି ଆଇନ ରଦ୍ଦ ଓ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ପାଇଁ ଆଇନଗତ ବ୍ୟବସ୍ଥା କରିବା ଦାବିରେ ଏହି ଆନ୍ଦୋଳନ ଡାକରା ଦିଆଯାଇଥିଲା। ଜନସାଧାରଣଙ୍କ ପୂର୍ଣ୍ଣ ସହଯୋଗରେ ବାମ ଦଳ, ସମାଜବାଦୀ ପାର୍ଟି, କଂଗ୍ରେସ, ବିଭିନ୍ନ ସଙ୍ଗଠନର ସମର୍ଥନରେ ଆନ୍ଦୋଳନ ସଫଳ ହୋଇଥିବା ମୋର୍ଚ୍ଚା ପକ୍ଷରୁ କୁହାଯାଇଛି।

ରାଜ୍ୟରେ ସଂଯୁକ୍ତ କିଷାନ ମୋର୍ଚ୍ଚା ସମର୍ଥିତ ରାଜନୈତିକ ଦଳ ଓ ସଙ୍ଗଠନର ସହଯୋଗରେ ରାଜ୍ୟର ବିଭିନ୍ନ ଷ୍ଟେଶନରେ ରେଲରୋକୋ କରାଯାଇଥିଲା। କେଉଁଠି ୧ ଘଣ୍ଟା ତ ଆଉ କେଉଁଠି ୪ ଘଣ୍ଟା ରେଲରୋକୋ କରାଯାଇଥିବା ଦେଖିବାକୁ ମିଳିଥିଲା। ବିଶେଷକରି ଭୁବନେଶ୍ୱର, କଟକ, ବିମଳାଗଡ, ବ୍ରହ୍ମପୁର, ଜଳେଶ୍ୱର, ବାଲେଶ୍ୱର, ଭଦ୍ରକ, ରାୟଗଡା, କେନ୍ଦ୍ରାପଡ଼ା, ନିରାକାରପୁର, ପୁରୀ, ନୟାଗଡ ଆଦିରେ ଆନ୍ଦୋଳନ ପ୍ରଭାବଶାଳୀ ହୋଇଥିଲା। ଭୁବନେଶ୍ୱର ରେଳ ଷ୍ଟେଶନରେ ପୂର୍ବାହ୍ନ ୧୦ରେ ରେଲରୋକୋ ଆରମ୍ଭହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିଥିଲା। ଏନେଇ ସଂଯୁକ୍ତ କିଷାନ ମୋର୍ଚ୍ଚାର ଆବାହକ ସୁରେଶ ପାଣିଗ୍ରାହୀ କହିଛନ୍ତି, ଓଡିଶାରେ ଏହି ରେଲରୋକୋ ରାଜ୍ୟବାସୀଙ୍କ ବ୍ୟାପକ ସମର୍ଥନ ଓ ସହଯୋଗରେ ସଫଳ ହୋଇଛି। ସେହିପରି କଟକ ରେଳ ଷ୍ଟେଶନ ୧ନଂ. ଗେଟ୍ ସମ୍ମୁଖରେ ବିଭିନ୍ନ ଶ୍ରମିକ ଓ ଚାଷୀ ସଙ୍ଗଠନ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ଶ୍ରମିକତା ନେତା ରବି ନାରାୟଣ ମଲ୍ଲିକ ଯୋଗଦେଇ କେନ୍ଦ୍ର ସରକାରଙ୍କ କୃଷକ, ଶ୍ରମିକ ମାରଣ ଓ ଜନବିରୋଧୀ ନୀତିର ସମାଲୋଚନା କରିଥିଲେ।

## ପ୍ରଦୀପ ପାଣିଗ୍ରାହୀଙ୍କ ଭଳି ଅଛନ୍ତି ୪୦ ନେତା, ଅଧିକାରୀ

**ଭୁବନେଶ୍ୱର,୧୮।୧୦(ବ୍ୟୁରୋ)**

ଦୁର୍ନୀତିର ଗନ୍ତାଘର ସାଜିଛି ଓଡ଼ିଶା । ଜନକଲ୍ୟାଣ ଅର୍ଥକୁ ଆତ୍ମସାତ୍ କରି ଶାସକ ବିଜେଡିର ନେତାମାନେ ଅଜସ୍ର ସମ୍ପତ୍ତିର ମାଲିକ ସାଜୁଛନ୍ତି। ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଦୀର୍ଘ ୨୦/୨୧ ବର୍ଷ ଧରି ମୁଖ୍ୟମନ୍ତ୍ରୀଙ୍କ ଘନିଷ୍ଠ ଥିଲେ। ଏହା ସହ ଗଞ୍ଜାମ ଜିଲାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ କାର୍ଯ୍ୟ କରୁଥିଲେ । ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ଓଡ଼ିଶା ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ପରେ ରାଜ୍ୟ କ୍ରାଇମବ୍ରାଞ୍ଚ ପାଣିଗ୍ରାହୀଙ୍କ ପାଖରୁ ଅଜସ୍ର ବେଆଇନ ସମ୍ପତ୍ତି ଜବତ ହୋଇଛି ବୋଲି ରାଜ୍ୟ ସରକାର ଜଣାଇଛନ୍ତି। ଏହିଭଳି ୪୦ ଜଣ ବିଜେଡି ନେତା ଓ ରାଜ୍ୟ ସରକାରଙ୍କ ଉଚ୍ଚପଦସ୍ଥ ଅଧିକାରୀମାନେ ଶାସନ କ୍ଷମତାକୁ ଉପଭୋଗ କରିବା ସହିତ ଶହ ଶହ କୋଟି ଟଙ୍କା ଆତ୍ମସାତ୍ କରିଛନ୍ତି । ଏହାର ମଧ୍ୟ ପ୍ରକୃତ ତଦନ୍ତ ହେବା ନିହାତି ଆବଶ୍ୟକ । ନିଜ ଅସ୍ତିତ୍ୱ ଓ ବିଶ୍ୱସନୀୟତା ହରାଇ ବସିଥିବା ଓଡ଼ିଶା ଲୋକାୟୁକ୍ତ ନିଜ ପଦ ଓ ସମ୍ମାନ ଫେରାଇ ଆଣିବା ପାଇଁ ନିଜ ଆଡୁ ମୁଖ୍ୟମନ୍ତ୍ରୀଙ୍କ ୩୦ରୁ ୪୦ ଘନିଷ୍ଠ ସହଯୋଗୀଙ୍କ ଆୟ ବହିର୍ଭୂତ ସମ୍ପତ୍ତିର ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ନିହାତି ଆବଶ୍ୟକ ବୋଲି ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର ସୋମବାର କହିଛନ୍ତି ।

## ଭାଜପାରେ ମିଶିଲେ ପୂର୍ବତନ ମନ୍ତ୍ରୀ

**ଭୁବନେଶ୍ୱର,୧୮।୧୦(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଅପାରଗତା ଓ ନିଷ୍କ୍ରିୟତା ଏବଂ ବ୍ଲକ ସ୍ତରରେ ବ୍ୟାପକ ଦୁର୍ନୀତି କାରଣରୁ ରାଜ୍ୟରେ ବିକାଶ ବାଧାପ୍ରାପ୍ତ ହୋଇଛି । ଦୁର୍ନୀତି ଓ ଭ୍ରଷ୍ଟାଚାର ଯୋଗୁ ରାଜ୍ୟବାସୀ ହନ୍ତସନ୍ତ। ହିଂସା, ହତ୍ୟାକାଣ୍ଡ, ନାରୀ ନିର୍ଯାତନା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଅବାଧ ନିଶା କାରବାର ଭଳି ବହୁ ଆପରାଧିକ କାର୍ଯ୍ୟ ଦିନକୁ ଦିନ ବୃଦ୍ଧି ପାଇଚାଲିଛି । ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିକାଶକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରୁଥିବାବେଳେ ଅନ୍ୟପଟେ ବ୍ୟାପକ ଦୁର୍ନୀତି ଯୋଗୁ ରାଜ୍ୟବାସୀ ବିଭିନ୍ନ ଜନକଲ୍ୟାଣ ଯୋଜନାର ସୁଫଳ ପାଇବାକୁ ବଞ୍ଚିତ ହେଉଛନ୍ତି ବୋଲି ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା କହିଛନ୍ତି।


ରାଜ୍ୟ ଭାଜପା କାର୍ଯ୍ୟାଳୟରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରାଙ୍କୁ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରୁଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଞ୍ଜଳି ଏବଂ ତାଙ୍କ ସହକର୍ମୀମାନଙ୍କୁ ଉତ୍ତରୀୟ ଏବଂ ଟୋପି ଦେଇ ଭାଜପାକୁ ସ୍ୱାଗତ କରାଯାଇଛି। ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଅଞ୍ଜଳି ବେହେରା ଭାଜପାରେ ସାମିଲ ହୋଇଛନ୍ତି। ଏହି ଅବସରରେ ଅଞ୍ଜଳି କହିଛନ୍ତି, ଆଗାମୀ ଦିନରେ ଆମେ ସମସ୍ତେ ଏକାଠି ହୋଇ ଭାଜପାକୁ ହିନ୍ଦୋଳ ନିର୍ବାଚନମଣ୍ଡଳୀ ସମେତ ସମଗ୍ର ରାଜ୍ୟରେ ଏକ ନମ୍ବର ଦଳ ଭାବେ ଗଢ଼ି ତୋଳିବା। ଏହି ଅବସରରେ ଢେଙ୍କାନାଳ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୁରୀ ଜ ।ୟକ, ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ, ପୂର୍ବତନ ଏମ୍‌ପି ରୁଦ୍ରନାରାୟଣ ପାଣି, ବିଭୂତିପ୍ରଧାନ, ଶତ୍ରୁଘ୍ନ ଜେନା, ଜିଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମା, ରାସବିହାରୀ ବେହେରା, ରତିକାନ୍ତ ସାହୁ, ରାମଚନ୍ଦ୍ର ପାତ୍ର, ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଦୀପକ ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ।


ଉତ୍ତରପ୍ରଦେଶ ବାଚସ୍ପତି ଏଚ.ଏନ୍.ଦୀକ୍ଷିତ୍ ସୋମବାର ନବନିର୍ବାଚିତ ଉପ ବାଚସ୍ପତି ନୀତୀନ ଅଗ୍ରୱାଲଙ୍କୁ ମିଠା ଖୁଆଉଛନ୍ତି।

## ବିଧାୟକ ପଦରୁ ପ୍ରଦୀପଙ୍କୁ ହଟାଇବାକୁ ଦାବି

**ଗୋପାଳପୁର,୧୮।୧୦(ଡି.ଏନ.ଏ)**–ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ତାଙ୍କ ସମ୍ପର୍କୀୟଙ୍କ ଘରେ ରବିବାର ଭିଜିଲାନ୍ସ ଚଢ଼ାଉ କରିଥିଲା। କଟକ ଭିଜିଲାନ୍ସ ଟିମ୍‌ର ସ୍ୱତନ୍ତ୍ର ଟିମ ପ୍ରଦୀପଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନ ସମେତ ଏକକାଳୀନ ୧୫ ସ୍ଥାନରେ ଚଢ଼ାଉ କରିଥିଲା । ଚଢ଼ାଉରେ ଭିଜିଲାନ୍ସ ହାତରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ସହ ୧୪୦ଗ୍ରାମ୍ ସୁନା ସହ ୨୫ ଲକ୍ଷ ଟଙ୍କାର ଅଳଙ୍କାର ଜବତ ହୋଇଥିବା ଭିଜିଲାନ୍ସ ସୂଚନା ଦେବା ପରେ ଗୋପାଳପୁର ନିର୍ବାଚନମଣ୍ଡଳୀରେ ପ୍ରଦୀପଙ୍କୁ ବିଧାୟକ ପଦରୁ ହଟାଇବା ଦାବି ଜୋର ଧରିଛି । ସୋମବାର ପୂର୍ବାହ୍ନରେ ରଙ୍ଗେଇଲୁଣ୍ଡା ବ୍ଲକ ମୁଖ୍ୟ ଫାଟକ ଆଗରେ ନିର୍ବାଚନମଣ୍ଡଳୀର କିଛି ଯୁବକ ବ୍ୟାନର ଧରି ବିଧାୟକ ରୂପେ ସେ ଆଉ ପ୍ରତିନିଧିତ୍ୱ କରିବା ପାଇଁ ଯୋଗ୍ୟ ନୁହନ୍ତି, ନିଜ ପଦରୁ ଇସ୍ତଫା ଦିଅନ୍ତୁ, ତାଙ୍କୁ ପଦରୁ ବହିଷ୍କାର କରାଯାଉ ଆଦି ସ୍ଲୋଗାନ ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

## ଦର ବୃଦ୍ଧି ପ୍ରତିବାଦରେ ଛାତ୍ର କଂଗ୍ରେସର ବିକ୍ଷୋଭ

**ଭୁବନେଶ୍ୱର,୧୮।୧୦(ବ୍ୟୁରୋ)**

ରନ୍ଧନଗ୍ୟାସ୍ ଓ ତୈଳ ଦର ବୃଦ୍ଧି ପ୍ରତିବାଦରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସୋମବାର ମାଷ୍ଟରକ୍ୟାଣ୍ଟିନଠାରେ ପ୍ରତିବାଦ କରାଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସମେତ ଭୁବନେଶ୍ୱର ଛାତ୍ର କଂଗ୍ରେସ, ଏକାମ୍ର ଭୁବନେଶ୍ୱର, ମଧ୍ୟ ଭୁବନେଶ୍ୱର ଓ ଉତ୍ତର ଭୁବନେଶ୍ୱର ଛାତ୍ର କଂଗ୍ରେସର ସଭାପତି ଓ କର୍ମକର୍ତ୍ତାମାନେ ଆନ୍ଦୋଳନରେ ସାମିଲ ହୋଇ ବିକ୍ଷୋଭ କରିଥିଲେ। ଦରବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାୟୀ କରି ସେମାନଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏଥିସହ ବିଭିନ୍ନ ବ୍ୟାନରରେ ଥିବା ପ୍ରଧାନମନ୍ତ୍ରୀଙ୍କ ମୁହଁରେ ସେମାନେ ପୋଷ୍ଟର ଲଗାଇ ପ୍ରତିବାଦ କରିଥିଲେ।

ବିକ୍ଷୋଭ ପ୍ରଦର୍ଶନ ସମୟରେ ଛାତ୍ର କଂଗ୍ରେସର କର୍ମକର୍ତ୍ତାମାନେ ମାଷ୍ଟରକ୍ୟାଣ୍ଟିନ ମୁଖ୍ୟ ରାସ୍ତାକୁ ଅବରୋଧ କରିବାପରେ ଏକ ରାଲିରେ ସହର ପରିକ୍ରମା କରି ବିରୋଧ ପ୍ରଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୈଳ ଏବଂ ରନ୍ଧନ ଗ୍ୟାସ ଦର ଏହିଭଳି ବୃଦ୍ଧି କରିଛନ୍ତି ଯେ ତାହା ସାଧାରଣ ଜନତାଙ୍କୁ ଶୋଷଣ କରିବା ସଦୃଶ ହୋଇଛି। ପେଟ୍ରୋଲ ଓ ଡିଜେଲ ଦର ୪୦ ଟଙ୍କା କରିବାକୁ କହି କ୍ଷମତାକୁ ଆସିଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଚ୍ଛେଦିନ୍‌ର ବିକୃତ ଓ ବିକଳ ଚିତ୍ର ଆଜି ଦେଶବାସୀ ଦେଖୁଛନ୍ତି ବୋଲି ନୱାଜ କହିଛନ୍ତି। ବିକ୍ଷୋଭ କାର୍ଯ୍ୟକ୍ରମରେ ମାନସ ଚୌଧୁରୀ, ରଜତ ଚୌଧୁରୀ, ବିଶ୍ୱଜିତ ଦାଶ, ଜାନକୀ ବଲ୍ଲଭ ପଟ୍ଟନାୟକ, ପ୍ରକାଶ ମିଶ୍ର, ସୁବ୍ରତ ମହପାତ୍ର, ନିହାର ବେହେରା, ମୁନୁ ପରିଡ଼ା, ସୁନୀଲ ମାଟିଆ, ବାବୁ ଜେନା, ମହମ୍ମଦ ଗୁଲଫାମ, ସାଗର ପଟ୍ଟନାୟକ, ରଞ୍ଜିତ ସେନାପତି, ଅଭିରାମ ଗୌଡ଼, ବିଶ୍ୱଭୂଷଣ ମହାପାତ୍ର ପ୍ରମୁଖ ଛାତ୍ରନେତା ସାମିଲ ଥିଲେ।



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରେ ଛାତ୍ର କଂଗ୍ରେସ ପକ୍ଷରୁ ପ୍ରତିବାଦ।

## ମିଛରେ ଚିକିତ୍ସିତ ହେଉଛନ୍ତି ବିଧାୟକ

### ତୁରନ୍ତ ପଦକ୍ଷେପ ନିଅ, ନ ହେଲେ କାର୍ଯ୍ୟାନୁଷ୍ଠାନ:ଭାଜପା

**ଭୁବନେଶ୍ୱର,୧୮।୧୦(ବ୍ୟୁରୋ)**

ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଜେଲରେ ଭର୍ତ୍ତି କରିବା ପରିବର୍ତ୍ତେ ଡାକ୍ତରଖାନାରେ ରାଜକୀୟ ଜୀବନ ବିତାଇବାକୁ କିପରି ଅନୁମତି ଦିଆଯାଇଛି ବୋଲି ଭାଜପା ଅଭିଯୋଗ ଆଣିଛି। ଭାଜପା କହିଛି, ଜେଲ ନ ଯିବା ଲାଗି ବାହାନା ଦେଖାଇ ମିଛରେ ବିଧାୟକ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ସମସ୍ତ ପୁରୁଣା ରୋଗର ଇତିହାସ ଆଗେ ସାର୍ବଜନୀନ କରାଯାଉ ବୋଲି ଭାଜପା ଦାବି କରିଛି। ଏନେଇ ଭାଜପା ଅନୁସୂଚିତ ଜାତି ରାଜ୍ୟ ସଭାପତି ବିଭୁ ତରାଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ଭେଟି ଡାକ୍ତରଖାନାରେ ଚିକିତ୍ସିତ ରୋଗୀମାନେ ମଦ୍ୟପାନ କରିବାର ଅନୁମତି ଅଛି କି, କଏଦୀ ଏବଂ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଅଭିଯୁକ୍ତଙ୍କ ପାଇଁ କୌଣସି ଭିଜିଟର ରେଜିଷ୍ଟରର ବ୍ୟବସ୍ଥା ରହିଛି ନା ନାହିଁ ବୋଲି ପ୍ରଶ୍ନ କରିଥିଲେ।

ଭାଜପା ଅଭିଯୋଗ କରିଛି, ଆଇପିସିର ଦଫା ୩୪୧,୨୯୪,୩୨୩,୫୦୬ ଏବଂ ୩୨ ଓ ଏସ୍‌ସି ଏସ୍‌ଟି (ପିଓଏ) ଅଧିନିୟମ ୧୯୮୯ ଧାରା ୩(୧) (ଘ)ରେ ଗିରଫ ହୋଇ ଜାମିନ ନାମଞ୍ଜୁର ହେଲା। ତେବେ କୌଣସି ରୋଗର ଇତିହାସ ନ ଥିବା ସତ୍ତ୍ୱେ ଅସୁସ୍ଥତା ଦର୍ଶାଇ ଚିଲିକା ବିଧାୟକ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ହସ୍ପିଟାଲରେ ରହି ଗଳାବାଟ ଦେଇ ଜେଲ ଯିବାକୁ ଏଡାଇ ଆସୁଛନ୍ତି । ବିଧାୟକଙ୍କୁ ଦଳରୁ ନିଲମ୍ବିତ କରିବାର ଡ୍ରାମା କରି ବିଜେଡି ପରୋକ୍ଷରେ ସମସ୍ତ ପ୍ରକାର ସହାୟତା ଓ ସହଯୋଗ କରିଆସୁଛି । ଏଭଳି ଘଟଣାରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଭାଜପା ହସ୍ପିଟାଲ ସମ୍ମୁଖରେ ଧାରଣା ପ୍ରଦର୍ଶନ କରିବ ବୋଲି ତରାଇ ଚେତାବନୀ ଦେଇଛନ୍ତି ।

ଅନ୍ୟପଟେ ଭାଜପାର ଅଭିଯୋଗ ପରେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି, ବିନା ସ୍ୱାସ୍ଥ୍ୟଗତ କାରଣରେ ବିଧାୟକ ଜଗଦେବଙ୍କ ଚିକିତ୍ସା କରାଯିବା ଅଭିଯୋଗ ମିଛ। କିଛିଦିନ ହେବ କ୍ୟାପିଟାଲ ହସ୍ପିଟାଲରେ ବିଧାୟକ ଭର୍ତ୍ତି ହୋଇଛନ୍ତି। ତାଙ୍କର ନିଃଶ୍ୱାସ ନେବାରେ ଅସୁବିଧା ହେଉଛି। ତାଙ୍କର ଡାଇବେଟିସ ଓ ବ୍ଲଡ୍ ପ୍ରେସର ସମସ୍ୟା ଅଛି। ମେଡିସିନ ଓ ହୃଦ୍‌ରୋଗ ବିଭାଗକୁ ନେଇ ଏକ ଟିମ୍ ଗଠନ କରାଯାଇଛି। ସେମାନେ ତାଙ୍କର ଚିକିତ୍ସା କରୁଛନ୍ତି। ବିଧାୟକଙ୍କୁ କେଉଁମାନେ ଦେଖା କରିପାରିବେ ତାହା ପୋଲିସ ଦାୟିତ୍ୱ। ପୋଲିସ ସେସବୁର ରେକର୍ଡ ରଖିବ। ପୋଲିସ ତାଙ୍କ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ତେଣୁ ହସ୍ପିଟାଲର କୌଣସି କର୍ମଚାରୀ ଏପରି କାର୍ଯ୍ୟ କରୁନାହାନ୍ତି। ଯଦି ଏଭଳି କେହି କରୁଥିବେ ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସାହୁ କହିଛନ୍ତି।

# ଧରିତ୍ରୀ
DHARITRI

ମଙ୍ଗଳବାର, ଅକ୍ଟୋବର ୧୯/୨୦୨୧ | Tuesday, October 19/2021 | ପୃଷ୍ଠା-୧




**ପ୍ରଭାବଶାଳୀ ତାରକା ରଶ୍ମିକା**

ନ୍ୟାଶନାଲ କ୍ରଶ୍ ତଥା ଅଭିନେତ୍ରୀ ରଶ୍ମିକା ମନ୍ଦାନା ଫୋର୍ବସ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ପ୍ରଭାବଶାଳୀ ତାରକା ତାଲିକାର ଶୀର୍ଷ ସ୍ଥାନ ଅକ୍ତିଆର କରିଛନ୍ତି।

**୦୫ ୦୬**

**କ୍ୟାମ୍ଫରଙ୍କ କୀର୍ତ୍ତିମାନ**

ଆଇସିସି ଟି୨୦ ବିଶ୍ୱକପ୍‌ର ନେଦରଲାଣ୍ଡ ବିପକ୍ଷ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚରେ ୪ ବଲ୍‌ରେ ୪ଟି ଉଇକେଟ ନେଇଛନ୍ତି ଆୟର୍ଲାଣ୍ଡର କୁର୍ଟିସ କ୍ୟାମ୍ଫର।



# ସ୍କୁଲ ଅଧ୍ୟକ୍ଷା ନିଖୋଜ: ସନ୍ଦେହରେ ମନ୍ତ୍ରୀ

## ପୋଲିସ କହୁଛି ବାରାକ୍‌ରୁ ଖସିଗଲେ ସ୍କୁଲ ସଭାପତି

**ବଲାଙ୍ଗୀର ଅଫିସ/ ଟିଟିଲାଗଡ ୧୮।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ ମହାଲିଙ୍ଗର ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ନିଖୋଜ ଘଟଣାକୁ ୧୧ ଦିନ ବିତିଯାଇଥିଲେ ବି ତାଙ୍କର ପତ୍ତା ମିଳିନାହିଁ। ଏଭଳି ସ୍ଥଳେ ନିଖୋଜ ମାମଲାରେ ଅଟକ ଥିବା ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁ ରବିବାର ରାତିରେ ଟିଟିଲାଗଡ଼ ପୋଲିସ ବାରାକ୍‌ରୁ ଫେରାର ହୋଇଯାଇଛନ୍ତି। ଏଥିରୁ ମମିତାଙ୍କ ନିଖୋଜ ପଛରେ ସୁଚିନ୍ତିତ ଯୋଜନା ରହିଥିବା ସନ୍ଦେହ କରାଯାଉଛି। ଏହାସହ ଗୋବିନ୍ଦଙ୍କୁ କୋର୍ଟଚାଲାଣ କରା ନ ଯାଇ କାହିଁକି ୪ ଦିନ ଧରି ଅଟକ ରଖାଯାଇଥିଲା, ଏହି ଘଟଣାରେ କେଉଁମାନଙ୍କ ସମ୍ପୃକ୍ତି ରହିଛି, ଗୋବିନ୍ଦଙ୍କ ସହ ନେତା ଓ ମନ୍ତ୍ରୀଙ୍କ ଘନିଷ୍ଠ ସମ୍ପର୍କ ଥିବା ନେଇ ସୋସିଆଲ ମିଡିଆରେ ହେଉଥିବା ଚର୍ଚ୍ଚା କେତେ ସତ, ସେନେଇ ଅନେକ ପ୍ରଶ୍ନ ଉଠୁଛି। ଏଭଳି ସ୍ଥଳେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ନିର୍ଦ୍ଦେଶରେ ପୋଲିସ ଗୋବିନ୍ଦଙ୍କୁ ଖସାଇ ଦେଇଥିବା ଅଭିଯୋଗ ଆଣିଛନ୍ତି ମମିତାଙ୍କ ବାପା ସୁଚନ୍ଦ୍ର



ନିଖୋଜ ମମିତା ମେହେର



ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁ

ମେହେର। ସେ ଗଣମାଧ୍ୟମକୁ କହିଛନ୍ତି ଯେ, ମମିତାଙ୍କ ସ୍କୁଲକୁ ଅନେକ ନେତା ଓ ମନ୍ତ୍ରୀ ଆସନ୍ତି। ସେଠାରେ ଅନୈତିକ କାର୍ଯ୍ୟ ଚାଲିଥିବାବେଳେ ମମିତା ତାହାକୁ ବିରୋଧ କରୁଥିଲେ। ତେଣୁ ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରାଯାଇଥିଲା। ମୋ ଝିଅକୁ ହତ୍ୟା କରାଯାଇଛି ବୋଲି ସୁଚନ୍ଦ୍ର ଅଭିଯୋଗ କରିଛନ୍ତି। ଏପରି କି ସ୍କୁଲ ସଭାପତି ମନ୍ତ୍ରୀଙ୍କୁ ଡାକୁଥିଲେ। ଝିଅମାନଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ମନ୍ତ୍ରୀ ଆସୁଥିଲେ ବୋଲି ସୁଚନ୍ଦ୍ର ସାଂଘାତିକ ଅଭିଯୋଗ କରିଛନ୍ତି। ବିରୋଧୀ ଭାଜପା ଓ କଂଗ୍ରେସ ମଧ୍ୟ ଏହାକୁ ନେଇ ମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ଅପରପକ୍ଷରେ ମନ୍ତ୍ରୀ ମିଶ୍ର ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ଆଇନ ତା ବାଟରେ ଯିବ। ଆମର ଆଇନ ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ଭରସା ରହିଛି। ଯେକେହି ଦୋଷୀ ସାବ୍ୟସ୍ତ ହେଲେ ଦଣ୍ଡବିଧାନ ହେବ। ଭଦ୍ର ସମାଜରେ ବିରୋଧୀଙ୍କ ରଦି ଚର୍ଚ୍ଚା ଗ୍ରହଣୀୟ ନୁହେଁ। ସବୁକଥାକୁ ଅତିରଞ୍ଜିତ କରିବା ଠିକ୍ ନୁହେଁ। ଏବେ ଇଲେକ୍ଟ୍ରୋନିକ୍ସ ଯୁଗରେ ସବୁ କଥା ସାମ୍ନାକୁ ଆସିବ, କିଛି ଲୁଚି ରହିବ ନାହିଁ ବୋଲି ମନ୍ତ୍ରୀ ମିଶ୍ର କହିଛନ୍ତି।

ବଲାଙ୍ଗୀର ଜିଲା ତୁରେକେଲା ଥାନା ଝରଣୀ ଗ୍ରାମର ମମିତା ଗତ ୮ ତାରିଖରୁ ନିଖୋଜ ହୋଇଯାଇଛନ୍ତି। ମମିତାଙ୍କ ମା' ତୁଳସୀ ମେହେରଙ୍କ କହିବାନୁଯାୟୀ, ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁ ଗତ ୭ତାରିଖରେ ମମିତାଙ୍କୁ ଫୋନ୍ କରିଥିଲେ। ମିଟିଂ ଥିବା କହି ସ୍କୁଲକୁ ଆସିବାକୁ କହିଥିଲେ। ୮ ତାରିଖ ସକାଳେ ଝରଣୀରୁ ମମିତା ମହାଲିଙ୍ଗ ଅଭିମୁଖେ ବାହାରିଥିଲେ।

ଝରଣୀରୁ କଣ୍ଟାବାଞ୍ଜି ଆସିବା ପରେ ସକାଳ ପ୍ରାୟ ୫.୪୫ରେ କଣ୍ଟାବାଞ୍ଜି ବସ୍‌ଷ୍ଟାଣ୍ଡରୁ ମମିତା ମହାଲିଙ୍ଗ ଅଭିମୁଖେ ଯାଉଥିବା ବସ୍‌ରେ ବସିଥିଲେ। ସେଠାରୁ ୩୧ କିଲୋମିଟର ଦୂର ସିନ୍ଧେକେଲା ଥାନା ଚାନ୍ଦୋତରାରେ ପହଞ୍ଚିବା ପରେ ଗୋବିନ୍ଦଙ୍କ କହିବା ☞ପୃଷ୍ଠା-୨

### ମମିତାଙ୍କ ମୋବାଇଲ, ଲାପ୍‌ଟପ୍‌କୁ ନେଇ ଚର୍ଚ୍ଚା

ନିଖୋଜ ମମିତା ମେହେରଙ୍କ ଲାପ୍‌ଟପ୍ ଓ ମୋବାଇଲ ଫୋନ୍ ଏବେ କେଉଁଠି ଅଛି ତାହା ସ୍ପଷ୍ଟ ହୋଇନାହିଁ। ଲାପ୍‌ଟପ୍ ଓ ଫୋନ୍ ପୋଲିସ ହେପାଜତରେ ରହିଥିବା ଶୁଣାଯାଉଥିଲେ ମଧ୍ୟ ଏ ନେଇ ପୋଲିସ କିଛି କହୁନାହିଁ। ଉକ୍ତ ଲାପଟପ୍‌ରେ ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲରେ ଚାଲିଥିବା ବିଭିନ୍ନ ଅନୈତିକ କାର୍ଯ୍ୟର ଅନେକ ସାଂଘାତିକ ପ୍ରମାଣ ରହିଥିବା କୁହାଯାଉଛି। ଉକ୍ତ ଲାପଟପ୍‌ରେ ଡାଟା ସୁରକ୍ଷିତ ଅଛି ନା ତାହାକୁ ନଷ୍ଟ କରିଦିଆଯାଇଛି ସେନେଇ ସାଧାରଣରେ ସନ୍ଦେହ କରାଯାଉଛି।

## ରାମ ରହିମଙ୍କ ସମେତ ୫ଙ୍କୁ ଆଜୀବନ ଜେଲ

**ରଞ୍ଜିତ୍ ସିଂ ହତ୍ୟା ମାମଲା**



ଗୁର୍‌ମିତ ରାମ ରହିମ ସିଂ

**ଚଣ୍ଡିଗଡ଼, ୧୮।୧୦:** ଡେରା ସଚା ସୌଦାର ପୂର୍ବତନ ପରିଚାଳକ ରଞ୍ଜିତ୍ ସିଂ ହତ୍ୟା ମାମଲାରେ ଏହାର ମୁଖ୍ୟ ଗୁର୍‌ମିତ ରାମ ରହିମ ସିଂ ଓ ଅନ୍ୟ ୪ ଜଣଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ହୋଇଛି। ହତ୍ୟାକାଣ୍ଡର ପ୍ରାୟ ୨ ଦଶନ୍ଧି ପରେ ହରିୟାଣାର ପଞ୍ଚକୁଲାସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟ ସୋମବାର ଦଣ୍ଡାଦେଶ ଶୁଣାଇଛନ୍ତି। ଆଜୀବନ ସଜା ପାଇଥିବା ଅନ୍ୟ ୪ ଜଣ ହେଲେ କ୍ରିଷନ ଲାଲ୍, ଯଶବୀର ସିଂ, ଅବତାର ସିଂ ଏବଂ ସବ୍‌ଦିଲ ସିଂ। ଜେଲଦଣ୍ଡ ସହିତ ରାମ ରହିମଙ୍କୁ ୩୧ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ସେହିପରି ସବଦିଲଙ୍କୁ ୧.୫ ଲକ୍ଷ, କ୍ରିଷନ ଲାଲ୍ ଏବଂ ଯଶବୀରଙ୍କୁ ୧.୨୫ ଲକ୍ଷ ଲେଖାଏ ଏବଂ ଅବତାରଙ୍କୁ ୭୫ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅର୍ଥର ୫୦ ପ୍ରତିଶତ ମୃତକଙ୍କ ପରିବାରକୁ ପ୍ରଦାନ କରାଯିବ। ରଞ୍ଜିତ୍ ସିଂ ହତ୍ୟା ☞ପୃଷ୍ଠା-୨

## ବଦଳିଲେ ଖୋର୍ଦ୍ଧା, ଜଗତ୍‌ସିଂହପୁର ଜିଲାପାଳ

**ଭୁବନେଶ୍ୱର,୧୮।୧୦(ବ୍ୟୁରୋ)**

ରାଜ୍ୟ ସରକାର ଆଇଏଏସ୍ ଏବଂ ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ସୋମବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବୈଷୟିକ ଶିକ୍ଷା ଏବଂ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ତଥା ମଧ୍ୟାହ୍ନ ଭୋଜନର ନୋଡାଲ ଅଫିସର ଥିବା ଆଇଏଏସ୍ ଅଧିକାରୀ ଗଙ୍ଗାଧର ସାହୁଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବା ବେଳେ ପୂର୍ତ୍ତ ବିଭାଗର ଡେପୁଟି ସେକ୍ରେଟାରି ଥିବା ୨୦୧୫ ବ୍ୟାଚ ଆଇଏଏସ୍ ଅଫିସର ପାରୁଲ ପଟୱାରୀଙ୍କୁ ଜଗତ୍‌ସିଂହପୁର ଜିଲାପାଳ ଭାବେ ବଦଳି କରାଯାଇଛି। ସେହିପରି ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଖୋର୍ଦ୍ଧା ଜିଲାପାଳ ଭାବେ ବଦଳି କରାଯାଇଥିବା ବେଳେ ଖୋର୍ଦ୍ଧା ଜିଲାପାଳ ସନତ କୁମାର ମହାନ୍ତିଙ୍କୁ ବୈଷୟିକ ଶିକ୍ଷା ଓ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

**ଆଜିର ସମ୍ପାଦକୀୟ**

ଭୁଲ୍ ବାର୍ତ୍ତା

## ସିବିଏସ୍‌ଇ ଦଶମ, ଦ୍ୱାଦଶ ଟର୍ମ-୧ ପରୀକ୍ଷା ତାରିଖ ଘୋଷଣା

**ଭୁବନେଶ୍ୱର, ୧୮।୧୦(ବ୍ୟୁରୋ):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଏବଂ ଦ୍ୱାଦଶର ଟର୍ମ-୧ ପରୀକ୍ଷା ତାରିଖ ଓ କାର୍ଯ୍ୟସୂଚୀ ସୋମବାର ଘୋଷଣା କରାଯାଇଛି। ଦଶମ ଶ୍ରେଣୀ ପିଲାଙ୍କ ଟର୍ମ-୧ ନଭେମ୍ବର ୧୭ରୁ ଆରମ୍ଭ ହେବ। ତେବେ ୧୭ରୁ ମାଇନର ସବ୍‌ଜେକ୍ଟଗୁଡ଼ିକର ପରୀକ୍ଷା ହେବ ଏବଂ ତା'ର କାର୍ଯ୍ୟସୂଚୀ ସ୍କୁଲଗୁଡ଼ିକୁ ପଠାଇ ଦିଆଯିବ। କିନ୍ତୁ ମେଜର ସବ୍‌ଜେକ୍ଟଗୁଡ଼ିକର ପରୀକ୍ଷାର ନଭେମ୍ବର ୩୦ରୁ ଆରମ୍ଭ ହୋଇ ଡିସେମ୍ବର ୧୧ରେ ଶେଷ ହେବ। ସେହିଭଳି ଦ୍ୱାଦଶ ଶ୍ରେଣୀର ଟର୍ମ-୧ ପରୀକ୍ଷା ନଭେମ୍ବର ୧୬ରୁ ଆରମ୍ଭ ହେବ। ୧୬ରୁ ମାଇନର ସବ୍‌ଜେକ୍ଟର ପରୀକ୍ଷା ହେବଓ ତା'ର କାର୍ଯ୍ୟସୂଚୀ ସ୍କୁଲଗୁଡ଼ିକୁ ପଠାଇ ଦିଆଯିବ। କିନ୍ତୁ ମେଜର ସବ୍‌ଜେକ୍ଟଗୁଡ଼ିକ ଡିସେମ୍ବର ୧ରୁ ଆରମ୍ଭ ହୋଇ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ସବୁ ପରୀକ୍ଷାର ଅବଧି ୩ଘଣ୍ଟା ରହିବ। ପୂର୍ବାହ୍ନ ସାଢ଼େ ୧୧ଟାରୁ ପରୀକ୍ଷା ଆରମ୍ଭ ହେବ। ପ୍ରଶ୍ନପତ୍ର ପଢ଼ିବା ପାଇଁ ୨୦ମିନିଟ୍ ଦିଆଯିବ। ଅଧିକ ତଥ୍ୟ ପାଇଁ ଛାତ୍ରୀଛାତ୍ରମାନେ ୱେବ୍‌ସାଇଟ୍ www.cbse.nic.inକୁ ଯାଇ ଦେଖିପାରିବେ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି।

# ରେଳଧାରଣାରେ ୬ ଘଣ୍ଟା ବସିଲେ ଚାଷୀ

## କେନ୍ଦ୍ରମନ୍ତ୍ରୀଙ୍କ ବହିଷ୍କାର ଦାବିରେ ଦେଶବ୍ୟାପୀ ଆନ୍ଦୋଳନ

**ଚଣ୍ଡିଗଡ଼, ୧୮।୧୦**

### ଲଖିମପୁର ଖେରି ହିଂସା ଘଟଣା

ଉତ୍ତରପ୍ରଦେଶର ଲଖିମପୁର ଖେରି ହିଂସା ଘଟଣାରେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କୁ ବହିଷ୍କାର ଏବଂ ଗିରଫ ଦାବିରେ ସୋମବାର କୃଷକଙ୍କ ପକ୍ଷରୁ ଦେଶବ୍ୟାପୀ ରେଳରୋକୋ ଆନ୍ଦୋଳନ କରାଯାଇଛି। ସଂଯୁକ୍ତ କିଷାନ ମୋର୍ଚ୍ଚା ଡାକରାରେ ଆୟୋଜିତ ଏହି ଆନ୍ଦୋଳନର ପ୍ରଭାବ ୭ଟି ଯାକ ରେଳ ଜୋନ୍‌ରେ ଦେଖିବାକୁ ମିଳିଛି। ୧୮୪ରୁ ଊର୍ଦ୍ଧ୍ୱ ସ୍ଥାନରେ ୨୯୩ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ ଶତାଧିକ ଟ୍ରେନ୍ ଅଧାବାଟରେ ଛିଡ଼ା ହୋଇଥିଲା। କେବଳ ଉତ୍ତର ରେଳଜୋନ୍‌ର ୧୫୦ ସ୍ଥାନରେ ଆନ୍ଦୋଳନର ପ୍ରଭାବ ପଡ଼ିଥିବାବେଳେ ୬୦ରୁ ଊର୍ଦ୍ଧ୍ୱ ଟ୍ରେନ୍ ଅଟକି ରହିଥିଲା। ୨୫ରୁ ଅଧିକ ଟ୍ରେନ୍ ଚଳାଚଳ ବାତିଲ କରାଯାଇଥିଲା। କୃଷକମାନେ ରେଳଧାରଣାରେ ବସିରହି ଆନ୍ଦୋଳନ ଚଳାଇଥିଲେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ରେଳରୋକୋ ଜାରିରହିଥିଲା।

ଓଡ଼ିଶାରେ ଏହାର ପ୍ରଭାବ ବିଶେଷ ଭାବରେ ଦେଖିବାକୁ ମିଳିଥିଲା। କଟକ, ଭୁବନେଶ୍ୱର ସମେତ ବିଭିନ୍ନ ରେଳଷ୍ଟେଶନରେ ବିଭିନ୍ନ ସଂଗଠନ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯାଇଥିଲା। ପଞ୍ଜାବର ଫିରୋଜପୁର ଏବଂ ହରିୟାଣାର ଅମ୍ବାଲା ଡିଭିଜନରେ ଆନ୍ଦୋଳନର ପ୍ରଭାବ ଅଧିକ ରହିଥିବା ଉତ୍ତର ରେଳଜୋନ୍‌ର ଜଣେ ମୁଖପାତ୍ର କହିଛନ୍ତି। ତେବେ ମୋରଦାବାଦ୍ ଏବଂ ଲକ୍ଷ୍ନୌରେ ସ୍ଥିତି ଅପେକ୍ଷାକୃତ ସାଧାରଣ ଥିବା ସେ ପ୍ରକାଶ କରିଛନ୍ତି। କେବଳ ପଞ୍ଜାବ ଓ ହରିୟାଣାରେ ୧୩୦ରୁ ଅଧିକ ସ୍ଥାନରେ ଆନ୍ଦୋଳନର ପ୍ରଭାବ ପଡ଼ିଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଟ୍ରେନ୍ ଅଟକିଥିଲା। ସେହିପରି ରାଜସ୍ଥାନ, ଓଡ଼ିଶାରେ ମଧ୍ୟ ରେଳରୋକୋ ଯୋଗୁ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। କୃଷକମାନେ ହନୁମାନଗଡ଼ ଜିଲାରେ ଥିବା ରେଳଧାରଣା ଓ ଜୟପୁର ଜଙ୍କସନ୍ ଷ୍ଟେଶନର ଏଣ୍ଟ୍ରାନ୍ସ ନିକଟରେ ଆନ୍ଦୋଳନ କରି କେନ୍ଦ୍ର ଏବଂ ୟୁପି ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଏଥିସହ ବିଭିନ୍ନ ରାଜ୍ୟରେ ରେଳରୋକୋର ପ୍ରଭାବ ଦେଖିବାକୁ ମିଳିଥିଲା। ଅପରାହ୍ନ ୪ଟା ପରେ କୃଷକମାନେ ଆନ୍ଦୋଳନରୁ ଉଠିଥିଲେ। ଲଖିମପୁର ଖେରି ହିଂସା ଘଟଣାରେ ୪ କୃଷକଙ୍କୁ ହତ୍ୟା ଘଟଣାରେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ସମ୍ପୃକ୍ତି ନେଇ ତଦନ୍ତ କରାଯିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଭାରତୀୟ କିଷାନ ୟୁନିୟନର ରାକେଶ ଟିକାଏତ ଦାବି କରିଛନ୍ତି। ଏହି ଆନ୍ଦୋଳନ ସଫଳ ହୋଇଛି। ତେବେ ନ୍ୟାୟ ନ ମିଳିଲେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଆନ୍ଦୋଳନ ପୂର୍ବରୁ ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

## ଓଡ଼ିଆରେ ଇଞ୍ଜିନିୟରିଂ ଶିକ୍ଷା ଏଆଇସିଟିଇ ଓ ଆଇଓଏସ୍‌ଆର୍ ମଧ୍ୟରେ ଏମ୍‌ଓୟୁ

**ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)**

ଓଡ଼ିଆ ଭାଷାରେ ଇଞ୍ଜିନିୟରିଂ ଶିକ୍ଷା ପ୍ରଦାନ ପାଇଁ ଅଖିଳ ଭାରତୀୟ ଶିକ୍ଷା ପରିଷଦ (ଏଆଇସିଟିଇ) ଏବଂ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାନ (ଆଇଓଏସ୍‌ଆର୍) ମଧ୍ୟରେ ସୋମବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱରସ୍ଥିତ ଆଇଆଇଟି ଖଡ଼ଗପୁରର ବର୍ଦ୍ଧିତ କ୍ୟାମ୍ପସଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ, ଏହି ଏମ୍‌ଓୟୁ ଅନୁସାରେ ଶିକ୍ଷାର ମାନ ଓ ଛାତ୍ରୀଛାତ୍ରଙ୍କ ବୁଝିବାର ସାମର୍ଥ୍ୟ ଆଧାରରେ ଡିପ୍ଲୋମା, ବି.ଟେକ୍ ଭଳି ଇଞ୍ଜିନିୟରିଂ ପାଠ୍ୟକ୍ରମକୁ ଓଡ଼ିଆରେ ଅନୁବାଦ କରାଯିବା ସହ ମାତୃଭାଷାରେ ଶିକ୍ଷା ପ୍ରଦାନ ପାଇଁ ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ଏବଂ ପୁସ୍ତକ ପ୍ରସ୍ତୁତିରେ ☞ପୃଷ୍ଠା-୨

# ପୋଲିସ ଗାଡ଼ି ମାଡ଼ିଯାଇ ମହିଳା ମୃତ



ଗାଡ଼ି ମଡ଼ାଇଥିବା ପୋଲିସ ଅଧିକାରୀଙ୍କ ବିରୋଧରେ ହତ୍ୟା ମାମଲା ଦାବିରେ ରାଜରାସ୍ତା ଅବରୋଧ।

### ଇନ୍‌ସ୍ପେକ୍ଟର ଗିରଫ: ହତ୍ୟା ମାମଲା ଦାବିରେ ରାଜପଥ ଅବରୋଧ

**ଜଳନ୍ଧର, ୧୮।୧୦**

ପଞ୍ଜାବର ଜଳନ୍ଧର ସହରରେ ସୋମବାର ସକାଳେ ପୋଲିସ ଗାଡ଼ି ମାଡ଼ିଯାଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ସ୍ଥାନୀୟ ଲୋକେ ଜଳନ୍ଧର-ଫଗୱାରା ଜାତୀୟ ରାଜପଥ ଅବରୋଧ କରିଥିଲେ। ଗାଡ଼ି ଚଳାଉଥିବା ପୋଲିସ ଇନ୍‌ସ୍ପେକ୍ଟରଙ୍କୁ ଗିରଫ କରାଯାଇଛି। ସିସିଟିଭି କ୍ୟାମେରାରେ ଉକ୍ତ ହିଟ୍ ଆଣ୍ଡ ରନ୍ ଦୃଶ୍ୟ କଏଦ ହୋଇଛି।

ରିପୋର୍ଟ ଅନୁଯାୟୀ ଦୁଇଜଣ ମହିଳା ରାସ୍ତା ପାର ହେବା ପାଇଁ ଜଳନ୍ଧର କ୍ୟାଣ୍ଟନମେଣ୍ଟ ଅଞ୍ଚଳର ଏକ ରୋଡ୍ ଡିଭାଇଡରରେ ଛିଡ଼ାହୋଇ ଅପେକ୍ଷା କରିଥିବାବେଳେ ଏକ ଧଳା ରଙ୍ଗର ମାରୁତି ବ୍ରେଜା ସେମାନଙ୍କ ଆଡ଼କୁ ଦ୍ରୁତ ବେଗରେ ମାଡ଼ିଆସିଥିଲା। ସେମାନେ ପଛକୁ ଘୁଞ୍ଚିଯିବା ସତ୍ତ୍ୱେ ଗାଡ଼ିଟି ସେମାନଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ☞ପୃଷ୍ଠା-୨




ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

DADLS-27

ଆଜି ମହାପୁରୁଷ ମହମ୍ମଦଙ୍କ ପବିତ୍ର ପୁଣ୍ୟ ତିଥି ଅବସରରେ ମୁଁ ରାଜ୍ୟର ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି।

(ଗଣେଶୀ ଲାଲ)

OIPR-15001/13/0051/2122



ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

DADLS-27

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ଓଡ଼ିଶାର ବିକାଶରେ ସମସ୍ତଙ୍କର ସହଯୋଗ କାମନା କରୁଛି।

କୋଭିଡ ନିୟମାବଳୀର ପାଳନ ଯଥା ଠିକ୍ ଭାବରେ ମାସ୍କ ପିନ୍ଧିବା, ହାତ ଧୋଇବା ଏବଂ ସାମାଜିକ ଦୂରତା ରକ୍ଷା କରି ପର୍ବ ପାଳନ ପାଇଁ ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0051/2122



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ବାର୍ତ୍ତା

DADLS-27

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି।

କରୋନା ମହାମାରୀ ସଂପୂର୍ଣ୍ଣ ଦୂରେଇ ଯାଇନାହିଁ। ସରକାରଙ୍କ ତରଫରୁ ଜାରି କରାଯାଇଥିବା କୋଭିଡ କଟକଣା ଅନୁପାଳନ ପୂର୍ବକ ଏହି ଉତ୍ସବ ପାଳନ କରିବାକୁ ମୁଁ ସମସ୍ତଙ୍କୁ ନିବେଦନ କରୁଛି।

(ରଘୁନନ୍ଦନ ଦାସ)
ସୂଚନା ଓ ଲୋକସମ୍ପର୍କ, ଜଳସମ୍ପଦ ମନ୍ତ୍ରୀ

OIPR-15001/13/0051/2122

**ଆଜିର ମନ୍ତବ୍ୟ**

"ହ୍ୱାଇ ଚପଲ ପିନ୍ଧୁଥିବା ଲୋକେ ହ୍ୱାଇ ଜାହାଜରେ ବୁଲିବେ ବୋଲି ଭାଜପା ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ଯୋଗୁ ଏବେ ସାଧାରଣ ଲୋକ ରାସ୍ତାରେ ଚାଲିବା ମଧ୍ୟ କଷ୍ଟକର ହୋଇପଡ଼ିଛି।
– ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ନେତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନାଚି ନ ଜାଣି ଅଗଣାର ଦୋଷ।**

ନିଜର ଅପାରଗତା ଘୋଡ଼ାଇବା ପାଇଁ ଅନେକେ ବୃଥାରେ ଅନ୍ୟ ଉପରେ ଦୋଷ ଲଦି ଦେଇଥାନ୍ତି। ନିଜେ ଠିକ୍‌ରେ ନାଚି ନ ଜାଣି ଅଗଣାର ଦୋଷ ଦେଖେଇବା ହାସ୍ୟାସ୍ପଦ କଥା ହେବାପରି ନିଜର ଅସାମର୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ଅନ୍ୟକୁ ଦୋଷାରୋପ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନଖ ବାଳ ରଖି ଭାଲୁଏ କେବେ ଯୋଗୀ ହେଲେଣି? ପାଣିରେ ଥାଇଣ ମାଛ ତ କେତେ ସ୍ୱର୍ଗେ ଗଲେଣି।**

ନଖ ବାଳ ବଢ଼େଇଦେଲେ କେହି ଯୋଗୀ ବା ସାଧୁ ସନ୍ଥ ପୁରୁଷ ହୋଇଯାଇ ନ ଥାଏ। ସେହିପରି ଜଳରେ ବାସ କଲେ ପୁଣ୍ୟ ଅର୍ଜନ ହୋଇପାରି ନ ଥାଏ। ସତ୍‌କର୍ମ ସତ୍‌ଚିନ୍ତା ହିଁ ବ୍ୟକ୍ତିଙ୍କୁ ମାନବରୁ ଅତିମାନବ ବା ମହାମାନବରେ ରୂପାନ୍ତରିତ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ସବୁ ପିଲାଙ୍କ ଶିକ୍ଷଣ ସ୍ତର ଆକଳନ ହେବ

**ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)**

### ସ୍କୁଲ ଖୋଲିବା ନେଇ ମାର୍ଗଦର୍ଶିକା

ରାଜ୍ୟରେ ଥିବା ସମସ୍ତ ସରକାରୀ, ବେସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ଓଡ଼ିଆ ଓ ଇଂଲିଶ ମାଧ୍ୟମ ସ୍କୁଲ୍‌ର ଏକାଦଶ ଓ ଅଷ୍ଟମ ଶ୍ରେଣୀ ଯଥାକ୍ରମେ ୨୧ ଓ ୨୫ ତାରିଖରୁ ଖୋଲିବ। ଏନେଇ ରାଜ୍ୟ ସରକାର ସୋମବାର ମାର୍ଗଦର୍ଶିକା ଜାରି କରିଛନ୍ତି। ଅଷ୍ଟମ ଶ୍ରେଣୀ ପିଲାଙ୍କର ସକାଳ ୯ଟାରୁ ଅପରାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ କ୍ଲାସ୍ ହେବ। ଏହାପୂର୍ବରୁ ଅର୍ଥାତ୍ ୨୪ ତାରିଖ ପର୍ଯ୍ୟନ୍ତ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା ସମିତିର ବୈଠକ ବସି ପାଠପଢ଼ା ସମ୍ପର୍କିତ ଆଲୋଚନା ହେବ। ପ୍ରଧାନଶିକ୍ଷକମାନେ ବିଦ୍ୟାଳୟ ଖୋଲିବା ପୂର୍ବଦିନ ପରିଚ୍ଛନ୍ନତା ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇବେ। ଦୀର୍ଘ ୧୮ମାସ ପରେ ବିଦ୍ୟାଳୟ ଖୋଲୁଥିବାରୁ ପିଲାଙ୍କ ଆବେଗିକ ଓ ମାନସିକ ଅବସ୍ଥାକୁ ଦୃଷ୍ଟିରେ ରଖି ଶିକ୍ଷକମାନେ ସେମାନଙ୍କୁ ଉଚିତ ମାର୍ଗଦର୍ଶନ କରିବା ସହ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରାଇବେ। ଏଥିପାଇଁ ସ୍କୁଲ ଖୋଲିବାର ପ୍ରଥମ ଦୁଇଦିନ କୌଣସି ପାଠପଢ଼ା ହେବ ନାହିଁ। ଏହି ଦୁଇଦିନରେ ପିଲାଙ୍କ ମଧ୍ୟରେ ଆଲୋଚନା, ତର୍କ ପ୍ରତିଯୋଗିତା, ସଙ୍ଗୀତ ଗାନ, ଚିତ୍ରାଙ୍କନ, ମାଟିକାମ ଭଳି କାର୍ଯ୍ୟକ୍ରମ କରାଯିବ। ଦୀର୍ଘ ମାସ ଧରି ପିଲାମାନେ ପାଠପଢ଼ାରୁ ଦୂରେଇ ରହିଥିବାରୁ ସେମାନଙ୍କ ଶିକ୍ଷଣସ୍ତର ବହୁତ କମିଯାଇଥିବା ଆଶଙ୍କା ରହିଛି। ତେଣୁ ପ୍ରଥମେ ସବୁ ପିଲାଙ୍କର ଶିକ୍ଷଣ ସ୍ତର ଆକଳନ କରାଯିବ। ଅଷ୍ଟମ ଛାତ୍ରୀଛାତ୍ର ୨୭ ତାରିଖରେ ଓଡ଼ିଆ, ୨୮ରେ ଗଣିତ ଓ ୨୯ରେ ଇଂଲିଶ ବିଷୟ ଜ୍ଞାନ ଆକଳନରେ ଅଂଶଗ୍ରହଣ କରିବେ। ଏହାର ସମୟସୀମା ମାତ୍ର ୧ଘଣ୍ଟା ରହିବ। ଓସେପା ଓ ଏସ୍‌ସିଇଆର୍‌ଟି ପ୍ରଶ୍ନପତ୍ର ଯୋଗାଇ ଦେବ। ପ୍ରଧାନଶିକ୍ଷକ ପ୍ରଶ୍ନପତ୍ରକୁ ଜେରକ୍ସ କରି ପିଲାଙ୍କୁ ଦେବେ। ଯେଉଁ ପିଲାମାନେ ସ୍କୁଲ ଆସୁ ନ ଥିବେ ସେମାନଙ୍କ ଘରକୁ ପ୍ରଶ୍ନପତ୍ର ପଠାଇ ଏହି ଆକଳନ କରାଇବେ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଫଳାଫଳକୁ ଲିପିବଦ୍ଧ କରାଯିବ। ପରେ ଏହାର ବିଶ୍ଳେଷଣ ସହ ଆବଶ୍ୟକ ପଦକ୍ଷେପ ନିଆଯିବ। ପ୍ରତି ଛାତ୍ରୀଛାତ୍ରଙ୍କ ପାଇଁ ପ୍ରତିକାରାତ୍ମକ ଶିକ୍ଷା (ରିମେଡିଆଲ ଟିଚିଂ) ପ୍ରଧାନଶିକ୍ଷକଙ୍କ ଦ୍ୱାରା କରାଯିବ। ସେହିପରି ପ୍ରଥମେ ପିଲାଙ୍କୁ ସହଜ ବିଷୟବସ୍ତୁ ପଢ଼ାଇବା ପାଇଁ କୁହାଯାଇଛି। ପ୍ରଧାନଶିକ୍ଷକ ଶ୍ରେଣୀରେ ପାଠ ପଢ଼ାଇବା ସହ ଅନ୍ୟ ଶିକ୍ଷକଙ୍କ ପାଠପଢ଼ାକୁ ଶ୍ରେଣୀର ପଛ ବେଞ୍ଚରେ ବସି ନିରୀକ୍ଷଣ କରିବେ। ପ୍ରତିଦିନ ପାଠପଢ଼ା ପରେ ପ୍ରଧାନଶିକ୍ଷକ ଶିକ୍ଷକଙ୍କ ସହ ୩୦ ମିନିଟ୍‌ର ଏକ ବୈଠକ କରି ଏହାର ଅଗ୍ରଗତିର ସମୀକ୍ଷା କରିବେ। ସିଆର୍‌ସିସି, ଏବିଇଓ, ବିଇଓ, ଏଡିଇଓ, ଡିଇଓ/ଡିପିସିମାନେ ବିଦ୍ୟାଳୟକୁ ନିୟମିତ ତଦାରଖ କରିବେ। କୌଣସି ଶିକ୍ଷକ ବା ଛାତ୍ରୀଛାତ୍ର ଥଣ୍ଡା ବା କଫଜନିତ ରୋଗରେ ପୀଡିତ ଥିଲେ, ସେମାନଙ୍କୁ ବିଦ୍ୟାଳୟରେ ପ୍ରବେଶ ଅନୁମତି ଦିଆଯିବ ନାହିଁ।

# କୋଟିଆରେ ପୁଣି ପଶିଲେ ଆନ୍ଧ୍ର ଅଧିକାରୀ


ଆନ୍ଧ୍ରର ଅଧିକାରୀମାନେ ଫାଟୁସିନେରି ଗ୍ରାମରେ ବୈଠକ କରୁଛନ୍ତି।

**କୋରାପୁଟ,୧୮।୧୦(ସ୍ୱ.ପ୍ର.)**

### ଋଣ, ଖାଉଟି କାର୍ଡ, ପେନ୍‌ସନ ବାଣ୍ଟିଲେ

କୋରାପୁଟ ଜିଲାର କୋଟିଆ ପଞ୍ଚାୟତରେ ଆନ୍ଧ୍ରର ଅଧିକାରୀମାନେ ପଶି ବିଭିନ୍ନ କାର୍ଯ୍ୟ କରୁଥିବା ଘଟଣା ନେଇ ଗତ ବୁଧବାର ଆନ୍ଧ୍ରର ପାର୍ବତୀପୁରମ ପିଓ ଆଇଟିଡିଏ କୋର୍ମନାଥ ଫଗୁଣସିନେରି ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରୁଥିବା ବେଳେ ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀଙ୍କ ସହ ମୁହାଁମୁହିଁ ହୋଇଥିଲା। ଆଉ ଏଠିକୁ ନ ଆସିବାକୁ ବିଧାୟକ ପାଢୀ ଆନ୍ଧ୍ର ଅଧିକାରୀମାନଙ୍କୁ ତାଗିଦ କରିଥିଲେ। ଏହାର କୌଣସି ପ୍ରଭାବ ଆନ୍ଧ୍ର ଉପରେ ପଡିନାହିଁ। ସୋମବାର ଆନ୍ଧ୍ରର ଅଧିକାରୀ ଓ କର୍ମଚାରୀମାନେ କୋଟିଆର ଫାଟୁସିନେରି ଗ୍ରାମକୁ ଆସି ପେନ୍‌ସନ ଓ ଖାଉଟିକାର୍ଡ ବଣ୍ଟନ କରିଛନ୍ତି। ଆନ୍ଧ୍ର ଅଧିକାରୀ ୱାଇ. ସତ୍ୟମ ଓ ଅନ୍ୟ ଅଧିକାରୀମାନେ ଫାଟୁସିନେରି ଗ୍ରାମରେ ଏକ ବୈଠକ କରି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ୱାଇଏସ୍‌ଆର୍ ଭେଲୁଗୁ ଯୋଜନାରେ ଋଣ ପ୍ରଦାନ କରିଥିବା ଜଣାପଡିଛି। ୨ଟି ଚାଉଳ କାର୍ଡ, ୬ଜଣଙ୍କୁ ପେନ୍‌ସନ କାର୍ଡ ଓ ୩୩ ଜଣଙ୍କୁ ଗୃହଋଣ ପ୍ରଦାନ କରାଯାଇଛି। ବାହାରୁ ଋଣ ନ ଆଣିବାକୁ ଅଧିକାରୀମାନେ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଆଗାମୀ ଦିନରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ଏଠାକାର ଚାଷୀମାନଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ସେମାନେ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ବୈଠକରେ ଫାଟୁସିନେରି, ଉପର ମାଣ୍ଡିଙ୍ଗି ଓ ସଲପଗୁଡା ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ପୋଲିସ ଗାଡ଼ି ମାଡ଼ିଯାଇ...

କାର୍ ଶୋ'ରୁମ୍‌ରେ କାର୍ଯ୍ୟ କରୁଥିବା ନବଜୋତ୍ କୌରଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ମହିଳା ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପୋଲିସ ଇନ୍ସପେକ୍ଟର ଅମ୍ରିତ୍ ପାଲ୍ ସିଂ ଉକ୍ତ ଗାଡ଼ିକୁ ଚଳାଉଥିଲେ। ତାଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ପାଇଁ ନବଜୋତ୍‌ଙ୍କ ମାଆ ତେଜିନ୍ଦର କୌର ଦାବି କରିଛନ୍ତି। ଅମ୍ରିତଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ନ ହେବା ପର୍ଯ୍ୟନ୍ତ ରାଜପଥରୁ ଅବରୋଧ ହଟିବ ନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ରାସ୍ତା ଅବରୋଧ ଯୋଗୁ ସହରର ବିଭିନ୍ନ ସ୍ଥାନରେ ପ୍ରବଳ ଟ୍ରାଫିକ୍ ଜାମ ହୋଇଥିଲା। କାରରେ ଇନ୍‌ସ୍‌ପେକ୍ଟର ଅମ୍ରିତ ଏକା ଥିଲେ ଓ ତାଙ୍କୁ ଗିରଫ କରାଯାଇଛି ବୋଲି ଜଲନ୍ଧର ଏଡିସିପି ସୁହେଲ ମିର୍ କହିଛନ୍ତି।

### ଏଆଇସିଟିଇ ଓ ଆଇଓଏସ୍‌ଆର୍...

ବ୍ୟବସ୍ଥା କରାଯିବ। ଓଡ଼ିଆ ଭାଷାରେ ଇଞ୍ଜିନିୟରିଂ ଶିକ୍ଷା ମାତୃଭାଷାକୁ ବ୍ୟବହାରିକ ରୂପ ଦେବ। ନିଜ ଭାଷାରେ ଶିକ୍ଷା ଦ୍ୱାରା ବ୍ୟକ୍ତି ଓ ରାଷ୍ଟ୍ରର ଆର୍ଥିକ ବିକାଶ ଘଟିଥାଏ। ତାହାର ସର୍ବଶ୍ରେଷ୍ଠ ଦୃଷ୍ଟାନ୍ତ ୟୁରୋପୀୟ ଦେଶ ଜର୍ମାନୀ, ଫ୍ରାନ୍ସ ଏବଂ ଏସୀୟ ଦେଶ ଜାପାନରେ ଦେଖିବାକୁ ମିଳେ। ରାଷ୍ଟ୍ରୀୟ ଶିକ୍ଷା ନୀତି-୨୦୨୦ ଅନୁସାରେ ଆମ ଦେଶର ଶିକ୍ଷା ବ୍ୟବସ୍ଥାକୁ ମାତୃଭାଷା ଆଧାରିତ କରିବା ଆବଶ୍ୟକ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଏଆଇସିଟିଇ ଅଧ୍ୟକ୍ଷ ପ୍ରଫେସର ଅନିଲ ସହସ୍ରବୁଦ୍ଧେ, ଅବସରପ୍ରାପ୍ତ ରାଷ୍ଟ୍ରଦୂତ ତଥା ଆଇଓଏସ୍‌ଆର୍ ଅଧ୍ୟକ୍ଷ ଅବସର ବେଉରିଆ, ଆଇଆଇଟି ଖଡ଼ଗପୁରର ନିର୍ଦ୍ଦେଶକ ପ୍ରଫେସର ବୀରେନ୍ଦ୍ର କୁମାର ତିୱାରୀ, ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜକୁମାର, ଏଆଇସିଟିଇ ପରିଷଦ ମୁଖ୍ୟ ସଂଯୋଜକ ବୁଦ୍ଧ ଚନ୍ଦ୍ରଶେଖର, ଆଇଓଏସ୍‌ଆର୍ ସଦସ୍ୟ ସଚିବ ଡା. ସୁବ୍ରତ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

### ରାମ ରହିମଙ୍କ ସମେତ...

ମାମଲାରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ବିଚାରପତି ଡ. ସୁଶୀଲ କୁମାର ଗର୍ଗ ଗତ ୮ ତାରିଖରେ ରାମ ରହିମ ସିଂ ଓ ଅନ୍ୟମାନଙ୍କୁ ଆଇପିସିର ଧାରା ୩୦୨ ଏବଂ ୧୨୦ବି'ରେ ରାମ ରହିମ, ଯଶବୀର ସିଂ, ସବଦିଲ୍ ସିଂ, କ୍ରିଷନ ଲା ଏବଂ ଇନ୍ଦର ସାଇନ୍‌ଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ଏଥିସହିତ କ୍ରିଷନ ଲାଲ, ଇନ୍ଦର ଓ ଯଶବୀରଙ୍କୁ ଅସ୍ତ୍ରଶସ୍ତ୍ର ଆଇନରେ ମଧ୍ୟ ଦୋଷୀସାବ୍ୟସ୍ତ କରାଯାଇଥିଲା। ୧୨ ତାରିଖରେ ଅଦାଲତ ଦଣ୍ଡ ଶୁଣାଇବାର ଥିବାବେଳେ ଏହାକୁ ୧୮ ତାରିଖକୁ ଘୁଞ୍ଚାଯାଇଥିଲା। ସୂଚନାଯୋଗ୍ୟ, ୨୦୦୨ ଜୁଲାଇ ୧୦ରେ ରଞ୍ଜିତ୍ ସିଂଙ୍କୁ ହରିୟାଣାର କୁରୁକ୍ଷେତ୍ର ଅନ୍ତର୍ଗତ ଥାନେସାର ଅଞ୍ଚଳରେ ହତ୍ୟା କରାଯାଇଥିଲା। ଥାନେସାର ପୋଲିସ ହତ୍ୟା ଓ ଅପରାଧ ଷଡ଼ଯନ୍ତ୍ର ମାମଲା ରୁଜୁ କରିଥିଲା। ମାମଲାର ସିବିଆଇ ତଦନ୍ତ ଲାଗି ୨୦୦୩ ନଭେମ୍ବର ୧୦ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସିବିଆଇ ଚାର୍ଜସିଟ ଅନୁଯାୟୀ ସିର୍ସାସ୍ଥିତ ଡେରା ସଚା ସୌଦାର ପରିଚାଳକ ଥିବା ରଞ୍ଜିତ୍ ସିଂଙ୍କୁ ଡେରା ମୁଖ୍ୟ ସନ୍ଦେହ କରୁଥିଲେ। ଗୁର୍ମିତ ମହିଳା ଭକ୍ତମାନଙ୍କୁ ଯୌନ ଶୋଷଣ କରୁଥିବା ନେଇ ରଞ୍ଜିତ ଏକ ବେନାମୀ ଚିଠି ପ୍ରସାର ମାଧ୍ୟମରେ ଲୋକଲୋଚନକୁ ଆଣିଥିବା ଅଭିଯୋଗ ହୋଇଥିଲା। ହତ୍ୟା ମାମଲାରେ ରାମ ରହିମ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ସିବିଆଇ ଚାର୍ଜସିଟ୍‌ରେ ଉଲ୍ଲେଖ କରିଥିଲା। ୨୦୦୭ରେ ଅଭିଯୁକ୍ତମାନଙ୍କ ବିରୋଧରେ ଚାର୍ଜଫ୍ରେମ କରାଯାଇଥିଲା। ରଞ୍ଜିତ୍‌ଙ୍କ ଚିଠିକୁ ଆଧାର କରି ସିର୍ସାର ଖବରଦାତା ରାମଚନ୍ଦ୍ର ଛତ୍ରପତି ଖବର ପରିବେଷଣ କରିବାରୁ ତାଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା। ଖବରଦାତା ହତ୍ୟା ମାମଲାରେ ରାମ ରହିମ ଓ ଅନ୍ୟ ୩ ଜଣ ୨୦୧୯ରେ ଦୋଷୀସାବ୍ୟସ୍ତ ହୋଇଥିଲେ। ନିଜ ଆଶ୍ରମରେ ୨ ଜଣ ମହିଳା ଭକ୍ତଙ୍କୁ ବଳାତ୍କାର କରିବା ମାମଲାରେ ରାମ ରହିମ ଏବେ ସଜା କାଟୁଛନ୍ତି। ୨୦୧୭ ଅଗଷ୍ଟରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ। ସେହିପରି ବୁର୍ଜ ଜୱାହର ସିଂ ୱାଲା ଗୁରୁଦ୍ୱାରାରୁ ଗୁରୁଗ୍ରନ୍ଥ ସାହିବ ଚୋରି ମାମଲାରେ ମଧ୍ୟ ରାମ ରହିମ ଅଭିଯୁକ୍ତ ଅଛନ୍ତି।

### ସ୍କୁଲ ଅଧକ୍ଷା ନିଖୋଜ...

ମୁତାବକ ବସ୍‌ରୁ ଓହ୍ଲାଇ ଏକ କାର୍‌ରେ ବସିଥିଲେ। ଉକ୍ତ କାର୍‌ରେ ସ୍କୁଲ ସଭାପତି ସାହୁ ମମିତାଙ୍କୁ କୁଆଡ଼େ ଅପହରଣ କରି ନେଇଛନ୍ତି ବୋଲି ତୁଳସୀ କହିଛନ୍ତି। ଏନେଇ ମମିତାଙ୍କ ଭାଇ ବଣ୍ଟି ମେହେର ଗତ ୧୩ ତାରିଖରେ ସିନ୍ଧେକେଲା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ସିନ୍ଧେକେଲା ଥାନା ପୋଲିସ ଏ ସଂକ୍ରାନ୍ତରେ ଆଇପିସି ଦଫା ୩୬୬(ଅପହରଣ)ରେ ଏକ ମାମଲା (୯୭/୨୦୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୧୪ ତାରିଖରେ ସିନ୍ଧେକେଲା ପୋଲିସ ଗୋବିନ୍ଦଙ୍କୁ ପଚରାଉଚରା ପାଇଁ ଥାନାକୁ ଆଣି ଅଟକ ରଖିଥିଲା। ସନ୍ଦେହ ବଢ଼ିବାରୁ ଭୁବନେଶ୍ୱରରେ ଗୋବିନ୍ଦଙ୍କ ପଲିଗ୍ରାଫ ଟେଷ୍ଟ କରିବାକୁ ପୋଲିସ ଯୋଜନା କରିଥିଲା। ଅଧିକ ପଚରାଉଚରା କରିବା ପାଇଁ ଗୋବିନ୍ଦଙ୍କୁ ରବିବାର ସିନ୍ଧେକେଲା ଥାନାରୁ ଅଣାଯାଇ ଟିଟିଲାଗଡ଼ ଥାନା ପଛପଟ ବାରାକ୍‌ରେ ରଖାଯାଇଥିଲା। ୪ଜଣ ପୋଲିସ ସୁରକ୍ଷା କର୍ମୀ ଏବଂ ଜଣେ ପୋଲିସ ଅଧିକାରୀ ତାଙ୍କ ଦାୟିତ୍ୱରେ ରହିଥିଲେ। ହେଲେ ରାତି ପ୍ରାୟ ୯ଟାରେ ହାତ ଧୋଇ ଆସୁଛି କହି ଗୋବିନ୍ଦ ସେଠାରୁ ଚମ୍ପଟ୍ ମାରିଥିଲେ। ଏହି ଖବର ଜଣାପଡ଼ିବା ପରେ ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକରଙ୍କ ନିର୍ଦ୍ଦେଶରେ ଟିଟିଲାଗଡ଼ ସହର ଏବଂ ଆଖପାଖ ଅଞ୍ଚଳରେ ନାକାବନ୍ଦୀ କରାଯିବା ସହ ବିଭିନ୍ନ ସ୍ଥାନରେ ଯାଞ୍ଚ ଓ ଚଢ଼ାଉ କରାଯାଇଥିଲା। ଗୋବିନ୍ଦଙ୍କୁ ଠାବ କରିବା ପାଇଁ ଏସ୍‌ପି କୁଶଲକର ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ହେଲେ ଖବର ଲେଖା ହେବା ପର୍ଯ୍ୟନ୍ତ ଗୋବିନ୍ଦଙ୍କ କୌଣସି ପତ୍ତା ମିଳିନାହିଁ। ଏ ସଂକ୍ରାନ୍ତରେ ଏସ୍‌ପି ଗଣମାଧ୍ୟମକୁ କହିଛନ୍ତି ଯେ, ତିନିଜଣ ପୋଲିସ କର୍ମଚାରୀ କର୍ତ୍ତବ୍ୟରେ ଅବହେଳା କରିଥିବାରୁ ସେମାନଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ କନଷ୍ଟେବଲ ରବୀନ୍ଦ୍ର ଖିଲେନି, ଦୟା ଜାନୀ ଓ ରାକେଶ ବିଶ୍ୱାଳ। ଏହାଛଡ଼ା ସ୍ୱତନ୍ତ୍ର ଟିମ୍ ଗୋବିନ୍ଦଙ୍କୁ ଖୋଜା ଜାରି ରଖିଥିବା ଏସ୍‌ପି କହିଛନ୍ତି।

ଅପରପକ୍ଷରେ ଗତ ୮ ତାରିଖଠାରୁ ମମିତାଙ୍କ ସହ ପରିବାର ଲୋକେ ଯୋଗାଯୋଗ କରିପାରିନାହାନ୍ତି। ତାଙ୍କ ମୋବାଇଲ ଫୋନ୍ ସୁଇଚ୍ ଅଫ୍ ରହିଛି। ସୋମବାର ଗଣମାଧ୍ୟମ ସମ୍ମୁଖରେ ତୁଳସୀ କହିଛନ୍ତି ଯେ, ଗୋବିନ୍ଦ ସାହୁ ତାଙ୍କ ଝିଅକୁ ଅପହରଣ କରିଛନ୍ତି। ମମିତା ଏବେ ଜୀବିତ କି ମୃତ ଜଣାନାହିଁ। ପୋଲିସ ବାବୁ (ଏସ୍‌ଡିପିଓ) କହୁଥିଲେ ଝିଅ ଆସିଯିବ। ହେଲେ ଝିଅର ପତ୍ତା ମିଳୁନାହିଁ। ତାକୁ ତୁରନ୍ତ ଖୋଜି ଅଣାଯାଉ ବୋଲି ତୁଳସୀ ଆକୁଳ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ମମିତାଙ୍କ ଭାଇ ବଣ୍ଟି ଉକ୍ତ ବିଦ୍ୟାଳୟରେ ଯୌନ କାରବାର ଚାଲିଥିବା ସନ୍ଦେହ କରିଛନ୍ତି। ଏହା ସହିତ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏବଂ ସ୍କୁଲ ସଭାପତି ଗୋବିନ୍ଦଙ୍କ ଭିତିରି ସମ୍ପର୍କ ଥିବା ଏବଂ ଉକ୍ତ ସ୍କୁଲକୁ ମନ୍ତ୍ରୀ ବାରମ୍ବାର ଆସୁଥିବା ବଣ୍ଟି କହିଛନ୍ତି।

# ବିରୋଧୀଙ୍କ ଟାର୍ଗେଟରେ ଦିବ୍ୟଶଙ୍କର

**ଭୁବନେଶ୍ୱର,୧୮।୧୦(ବ୍ୟୁରୋ):** କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ନିଖୋଜ ଘଟଣାକୁ ୩ ଜିଲା ପୋଲିସ ତଦନ୍ତ କରି ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଗିରଫ କରିଥିଲେ। ହେଲେ ଗୋବିନ୍ଦ ପୋଲସ ହେପାଜତରୁ ଖସିଯିବା ସମସ୍ତଙ୍କୁ ଆଚମ୍ବିତ କରିବା ସହ ସାଧାରଣରେ ବହୁ ସନ୍ଦେହ ସୃଷ୍ଟି କରିଛି। ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସହ ଗୋବିନ୍ଦଙ୍କ ଉତ୍ତମ ସମ୍ପର୍କ ରହିଛି। ଅଭିଯୁକ୍ତ ଥାନାରୁ ଖସିଯାଇ ସମସ୍ତ ତଥ୍ୟ ପ୍ରମାଣ ନଷ୍ଟ କରିଦେବା ସମ୍ଭାବନା ରହିଛି ଏବଂ ଏଥିରେ ମନ୍ତ୍ରୀ ମିଶ୍ରଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଥିବା ଚର୍ଚ୍ଚା ହେଉଛି। 'ମା'କୁ ସମ୍ମାନ'ର ନାରା ଦେଉଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ନିଖୋଜ ଥିବା ମମିତା ମେହେରଙ୍କୁ ଉଦ୍ଧାରକରି ପରିବାରକୁ ହସ୍ତାନ୍ତର କରିବାକୁ ଭାଜପା ଏମ୍‌ପି ବସନ୍ତ ପଣ୍ଡା ଦାବି କରିଛନ୍ତି। କ୍ଷମତାର ଅପବ୍ୟବହାର କରି ତଦନ୍ତ ପ୍ରକ୍ରିୟାକୁ ବିଭ୍ରାନ୍ତ କରିବାର ଷଡ଼ଯନ୍ତ୍ର କରୁଥିବାରୁ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ସର୍ବପ୍ରଥମେ ମୁଖ୍ୟମନ୍ତ୍ରୀ ତାଙ୍କ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରନ୍ତୁ। ସମସ୍ତ ଦୋଷୀଙ୍କ ବିରୋଧରେ ଦୃଢ଼କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଉପଯୁକ୍ତ ଦଣ୍ଡ ପ୍ରଦାନ କରାଯାଉ। ଏହା ହେଲେ ଯାଇ ପ୍ରକୃତ ସତ୍ୟ ସାମ୍ନାକୁ ଆସିପାରିବ ବୋଲି ପଣ୍ଡା କହିଛନ୍ତି।

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଗୋବିନ୍ଦ ସାହୁ ଥାନାରୁ ଫେରାର ହେବା ପଛରେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ହାତ ଅଛି। ଗୋବିନ୍ଦଙ୍କୁ ଗିରଫ କରିବା ପରେ କାହା ଇଙ୍ଗିତରେ ପୋଲିସ ଛାଡ଼ି ଦେଇଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଦିବ୍ୟଶଙ୍କର ତୁରନ୍ତ ଇସ୍ତଫା ଦିଅନ୍ତୁ ଏବଂ ଘଟଣାର ତଦନ୍ତ ସିବିଆଇ ହାତକୁ ହସ୍ତାନ୍ତର କରିବାକୁ ସେ ଦାବି କରିଛନ୍ତି। ସ୍କୁଲରେ ସେକ୍ସ ସ୍କାଣ୍ଡାଲ କଥା ମମିତା ଜାଣିଥିଲେ। ଏଭଳି କାର୍ଯ୍ୟ ବିରୋଧରେ ପ୍ରତିବାଦ କରିବାରୁ ତାଙ୍କୁ ଧମକ ମିଳିଥିଲା। ମମିତା ସ୍କୁଲ ଛାଡ଼ି ଚାଲିଯାଇଥିଲେ। ମାତ୍ର ମିଟିଂ ବାହାନାରେ ମମିତାଙ୍କୁ ସ୍କୁଲ ମାଲିକ ଗୋବିନ୍ଦ ସାହୁ ଡାକିଥିଲେ। ସେହିଦିନଠାରୁ ମମିତା ନିଖୋଜ ହୋଇଯାଇଛନ୍ତି। ତେଣୁ ଗୋବିନ୍ଦ ସାହୁଙ୍କୁ କିଏ ଥାନାରୁ ଛାଡ଼ିଲା ଓ କିଏ ଫେରାର ହେବାକୁ ସୁଯୋଗ ଦେଲା। ଏହାର ତଦନ୍ତ ନିହାତି ଆବଶ୍ୟକ। କାହିଁକି ଗୋବିନ୍ଦଙ୍କୁ କୋର୍ଟ ଚାଲାଣ କିମ୍ବା ରିମାଣ୍ଡରେ ନିଆଗଲା ନାହିଁ ବୋଲି ସାଲୁଜା ପ୍ରଶ୍ନ କରିଛନ୍ତି। ଏହାସହ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ଏବଂ ନିରପେକ୍ଷ ତଦନ୍ତ ହେଉ ବୋଲି ସାଲୁଜା ଦାବି କରିଛନ୍ତ। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି, ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଏହି ଘଟଣା ବର୍ତ୍ତମାନ ତଦନ୍ତ ପରିସରଭୁକ୍ତ। ଏହିଭଳି ଘଟଣାରେ ଭାଜପା ଓ କଂଗ୍ରେସ ରାଜନୀତି କରିବା ବନ୍ଦ କରନ୍ତୁ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସମ୍ପର୍କୀୟଙ୍କ ସହାୟତାରେ ଅର୍ଥନୈତିକ ଉତ୍କର୍ଷତା ମୁହଁରେ ହସ ଫୁଟାଇବ। କିନ୍ତୁ ଏମିତି କେତେକ କାମ ରହିଛି, ଯାହା କି ମନ ଚାହୁଁଥିଲେ ମଧ୍ୟ ଆପଣ ଅସମର୍ଥ ହୋଇପଡ଼ିବେ। ପାରିବାରିକ ସୌଖ୍ୟ ସଙ୍ଗକୁ ପୁତ୍ରକନ୍ୟାଙ୍କ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ଦୂରଯାତ୍ରା ପାଇଁ ପ୍ରସ୍ତୁତିରେ ସମସ୍ୟା ଦେଖାଦେଇପାରେ।

**ବୃଷ** ଅଶାନ୍ତି ଓ ଅର୍ଥାଭାବର ପରିସ୍ଥିତିକୁ କେତେକାଂଶରେ ଦୂରେଇବାରେ ସମର୍ଥ ହେବେ। ବନ୍ଧୁମାନେ ସାମୟିକ ସହଯୋଗକୁ ନିଜର ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। ପରିବାରରେ ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କ ଭଲ ରହି ନ ପାରେ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମିଥୁନ** ପଡ଼ୋଶୀଙ୍କ ସହଯୋଗ ସମସ୍ୟା ସମାଧାନରେ ସାହାଯ୍ୟ କରିବ। ନୂତନ ସ୍ଥାନ ପରିଦର୍ଶନ ସଙ୍ଗକୁ ସତ୍‌ସଙ୍ଗର ସୁଯୋଗ ପାଇବେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ଦକ୍ଷତା ଓ ଦୃଢ଼ତା କେତେକ କ୍ଷେତ୍ରରେ ଆପଣଙ୍କୁ ସାହାଯ୍ୟ କରିବ। ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ଲାଭକରିବେ।

**କର୍କଟ** ଆଜି ଏକାଧାରରେ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଅତୁଟ ରହିବ। ବନ୍ଧୁଙ୍କ ସାହାଯ୍ୟ ଓ ବଦାନ୍ୟତା ଆପଣଙ୍କୁ ଅର୍ଥଲାଭ ଦେଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ଅସ୍ଥିରତା ଲାଗିରହିବ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଅକାଟ୍ୟ ଯୁକ୍ତି ମାନିବାକୁ ବାଧ ହେବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ।

**ସିଂହ** ସହକର୍ମୀଙ୍କ ସହାୟତାରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କର୍ମକ୍ଷେତ୍ରକୁ ସରସ ସୁନ୍ଦର କରିବାରେ ସମର୍ଥ ହେବ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମଘା ନକ୍ଷତ୍ରର ମନରେ ସରସତା ରହିବ ନାହିଁ। ସଭାସମିତି, କଳା, ସାହିତ୍ୟ, ରାଜନୀତି, ଜମିଜମା କାରବାର ତଥା ଗଠନମୂଳକ କାର୍ଯ୍ୟରେ ଉଚ୍ଚ ପ୍ରଶଂସିତ ହେବେ।

**କନ୍ୟା** ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରି ସାମୂହିକ କାମରେ ପଟିଆରା ଜାହିର କରିପାରିବେ। ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ଏବଂ ସାମାଜିକ ପ୍ରତିଷ୍ଠା ଲଭିବେ। ଋଣ ସୂତ୍ରରେ ଅର୍ଥଲାଭ କରିବେ କିନ୍ତୁ ଶିଳ୍ପ, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ତୁଳା** ଆଜି ମନରେ ବହୁବିଧ ଭାବନା ଉଦ୍ରେକ ହେବ କିନ୍ତୁ ବେଶି ଆଶାକରି କିଛି ପାଇବେ ନାହିଁ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ବହୁ ପୂର୍ବର ସୁପରିକଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, ତଥାପି ଜିନିଷପତ୍ର ହଜିଯିବାର ସମ୍ଭାବନା ରହିଛି।

**ବିଛା** ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଅଫିସରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ପ୍ରଶଂସିତ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ବିବାଦୀୟ ଘଟଣା କିମ୍ବା ମାଲି ମକଦ୍ଦମା ଫଇସଲା ହେବାର ସମ୍ଭାବନା ରହିଛି।

**ଧନୁ** ପୂର୍ବ ଶତ୍ରୁତା କାରଣରୁ ଆପଣଙ୍କ ପାଇଁ ଯିଏ ଖାଲ ଖୋଳିବ ସେଥିରେ ସେ ହିଁ ପଡ଼ିବ। ସନ୍ତାନଙ୍କ ବୈବାହିକ କର୍ମ ସକାଶେ ଆଲୋଚନା ଫଳପ୍ରଦ ହୋଇପାରେ। କୌଣସି ସମସ୍ୟା ମନକୁ ବାରମ୍ବାର ଆନ୍ଦୋଳିତ କରିବ। ଘର ଲୋକମାନଙ୍କ ଦ୍ୱାରା କିଛିଟା ଅସୁବିଧାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି।

**ମକର** ଗଣତନ୍ତ୍ରର ପ୍ରତୀକ ଶନିଶ୍ଚର ଗଣମାଧ୍ୟମ ସମ୍ବନ୍ଧିତ ବ୍ୟକ୍ତିମାନଙ୍କ ସକାଶେ ଖୁସି ଖବର ପ୍ରଦାନ କରିବ। ବୈରାଗ୍ୟକାରକ ହେତୁ ବୈଷୟିକ କ୍ଷେତ୍ରରେ ପ୍ରତିବନ୍ଧକର ସାମନା କରିବାକୁ ପଡ଼ିପାରେ। ସାଧାରଣ କଥାରେ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଶିଳ୍ପ, ବାଣିଜ୍ୟରେ ସମସ୍ୟା କ୍ରମଶଃ ଦୂରେଇ ଯିବ।

**କୁମ୍ଭ** କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ କିନ୍ତୁ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଖୁସି ହୋଇପାରିବେ ନାହିଁ। ମାଙ୍ଗଳିକ କାର୍ଯ୍ୟ ସକାଶେ ଅତ୍ୟଧିକ ଭ୍ରମଣଜନିତ ସ୍ୱାସ୍ଥ୍ୟହାନି ଦେଖାଦେଇପାରେ। ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଲାଗି ରହିବ। ପୂଜାବଜାର, ଭସାଣି ଯାତ୍ରାରେ ବନ୍ଧୁମିଳନରୁ ସନ୍ତୋଷ ପାଇବେ।

**ମୀନ** କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହେବ। ଅତି ନିକଟରେ ରହୁଥିବା ବ୍ୟକ୍ତିଟି ଆପଣଙ୍କ ଗୋପନୀୟ କାର୍ଯ୍ୟାବଳୀର ପୁଟୁଳି ଖୋଲି ଦେଇପାରେ। ଆଜି କୌଣସି ଗୋଟିଏ ସ୍ଥାନରେ ଦୀର୍ଘ ସମୟ ରହିବା କଷ୍ଟପ୍ରଦ ମନେହେବ। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହେବେ।


## classifieds

**Everyday**
0674-2580101, 2549302

real estate

**SALE**

Highly developed gharabari land, at Balianta, Bhingarpur, Drainage, electricity, 30'road mega plotting projects. Ready for immediate construction. Cost-850/-. 7008371750.
D-21996

ପିପିଲି ବଜାର, ସାହି ଭିତରେ ଏବଂ ବାଇପାସ୍ plot available. Mob: 9438677566. D-22004

ମାସିକ ମାତ୍ର 7431/- ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 9437686901 D-71711

ଆପଣ ଭୁବନେଶ୍ୱରରେ ଘରକରିବା, ପ୍ଲଟ୍ କିଣିବାକୁ ଚାହୁଁଛନ୍ତି କି ? ସୁନ୍ଦରପଦାରେ sqft. 1500/-, 1000/-, 400/-, କାଟେଣୀରେ - 650/- ଦିଆଯାଉଛି। 9938016295. D-71724

ଭୁବନେଶ୍ୱର-ପୁରୀ ମଙ୍ଗଳପୁର NH Side ଘରବାରି Boundary, Electricity, Park, Temple, Security 30ft. ରାସ୍ତାଥାଇ Sqft- 650/- Plot ମିଳୁଛି - 8117084862. D-717 23

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.- 150/- (outright). 9776974912. D-21938

ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ 14,40,000/-ରେ ମିଳୁଛି। 9437033320. D-71705

construction

Construct your home @ 850/-, 1300/- includes architecture, structure with 3year FMC, provide BDA plan approval, Boring/ interiorwork SNV Construction. 9439295469. D-71710

healthcare

Ashirvaad Saloon and SPA get good massage for your health tha best therapy. 7077181074. D-71801

Newly open full body massage ladies and gents. 8327740003. D-70498

Newly Open Saikrupa Panchakarma Spa positively health benefits with Expert. 8984068077. D-21923

Refreshing your mind, your body with tha best therapy at Lotus SPA. 8018891951. D-71802

Refreshing your mind and body with the best therapy. 7873794731. D-71180

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଅଦ୍ଭୁତ ଶିଶୁ ଜନ୍ମ

ବେତନଟୀ, (ସ୍ୱ.ପ୍ର.): ମୟୂରଭଞ୍ଜ ଜିଲା ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ମୁକ୍ତାପୁର ଅଞ୍ଚଳର ଜଣେ ଗର୍ଭବତୀ ମହିଳା ଏକ ଅଦ୍ଭୁତ ଶିଶୁ ଜନ୍ମ ଦେଇଛନ୍ତି। ଶିଶୁର ନାକ ନ ଥିବା ବେଳେ ଗୋଟିଏ ଜଗାରେ ଦୁଇଟି ଆଖି ରହିଛି। ଶିଶୁଟି ମୃତ ଅବସ୍ଥାରେ ଜନ୍ମଗ୍ରହଣ କରିଥିବା ନେଇ ବିଭାଗୀୟ ଡାକ୍ତର ସିପୁନ ପଣ୍ଡା ସୂଚନା ଦେଇଛନ୍ତି। ଏଭଳି ଅଦ୍ଭୁତ ଶିଶୁ ଜନ୍ମଗ୍ରହଣ ବେତନଟୀ ଡାକ୍ତରଖାନାରେ ପ୍ରଥମ। ଜେନେଟିକ ସମସ୍ୟା ଯୋଗୁ ଶରୀର ଗଠନରେ ଅସୁବିଧା ହୋଇ ଏଭଳି ସମସ୍ୟା ହୋଇଥାଏ ବୋଲି ଡାକ୍ତର ପଣ୍ଡା କହିଛନ୍ତି।






## ସଂକ୍ଷେପରେ

### ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱରେ ଆର୍.କେ. ଶର୍ମା



ଭୁବନେଶ୍ୱର,୧୮।୧୦(ବ୍ୟୁରୋ): ରାଜ୍ୟ କୃଷି ଉତ୍ପାଦନ କମିଶନର (ଏପିସି) ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଦାୟିତ୍ୱରେ ରହିବେ। ଏ ନେଇ ସୋମବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସେପ୍ଟେମ୍ବର ୧୪ରେ ମାସେ ଛୁଟିରେ ଯିବା ପରେ ଆର୍.କେ. ଶର୍ମାଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ପ୍ରଦୀପ୍ତ କାର୍ଯ୍ୟରେ ଯୋଗ ଦେବା ପରେ ଅକ୍ଟୋବର ୧୬ ତାରିଖରେ ତାଙ୍କୁ ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫ୍‌ଡିସି)ର ଅଧକ୍ଷ ଭାବେ ବଦଳି କରାଯାଇଛି। ଆର.କେ. ଶର୍ମା ନିଜ ଦାୟିତ୍ୱ ସହ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଦାୟିତ୍ୱ ତୁଲାଇବେ।

### ପଥରରେ ଛେଚି ଯୁବକଙ୍କୁ ହତ୍ୟା ଅଭିଯୋଗ

#### ୨ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଲେ ଲୋକେ

ଯୋଡ଼ା,୧୮।୧୦(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ସ୍ଥିତ ଆଜାଦ୍ ବସ୍ତିରେ ସୋମବାର ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ହତ୍ୟାକାଣ୍ଡ ଘଟିବା ପରେ ସେଠାରେ ଉତ୍ତେଜନା ଦେଖାଦେବା ସହ ୨ ଅଭିଯୁକ୍ତଙ୍କୁ ଧରି ସ୍ଥାନୀୟ ଲୋକେ ନିସ୍ତୁକ ମାଡ଼ ମାରିଥିଲେ। ପରେ ସେମାନଙ୍କୁ ଯୋଡ଼ା ଥାନା ପୋଲିସ ଜିମା ଦେଇଛନ୍ତି। ପୋଲିସ ସେମାନଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ପୂର୍ବାହ୍ନରେ ଉକ୍ତ ବସ୍ତିରେ ବୁଧୁରାମ ଶିର୍କା ମୁଣ୍ଡାଙ୍କର ଜଣେ ବ୍ୟକ୍ତିଙ୍କ ସହ କୌଣସି କାରଣରୁ ଝଗଡ଼ା ହୋଇଥିଲା। ପରେ ବୁଧୁରାମ ଘରେ ଶୋଇଥିବା ବେଳେ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ଅନ୍ୟ ଜଣେ ମିଶି ତାଙ୍କୁ ପଥରରେ ଛେଚି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଯାଇଛି। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ.୧୭୦/୨୦୨୧) ରୁଜୁ କରାଯାଇଥିବା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି।

#### ବିଧାୟକଙ୍କ ଗାଡ଼ିକୁ ବୋମାମାଡ଼ ଘଟଣା

### ଫେରାର ଅଭିଯୁକ୍ତ ଗିରଫ

କେନ୍ଦୁଝର, ୧୮।୧୦(ଡି.ଏନ.ଏ./ସ୍ୱ.ପ୍ର.): କେନ୍ଦୁଝର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝିଙ୍କ ଗାଡ଼ି ଉପରକୁ ବୋମାମାଡ଼ ଘଟଣାରେ ଫେରାର ଥିବା ଅନ୍ୟତମ ଅଭିଯୁକ୍ତ ରଘୁନାଥ ପଣ୍ଡାଙ୍କୁ ସୋମବାର ଟାଉନ ପୋଲିସ ଗିରଫ କରିଛି। ସେ ନମୋ ସେନା ଦଳର ସଦସ୍ୟ ହୋଇଥିବା ବେଳେ ତାଙ୍କ ଘର ପଣ୍ଡାପଡ଼ା ଥାନା ଅନ୍ତର୍ଗତ ହୁଣ୍ଡା ଗାଁରେ ବୋଲି ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପି. ଜେ. ଟପୋ ସୂଚନା ଦେଇଛନ୍ତି। ତାଙ୍କୁ ଟଙ୍କା ଲୋଭ ଦେଖାଇ ମୁଖ୍ୟ ଅଭିଯୁକ୍ତ ମନମୋହନ ଦାସ (ମୁନା) ଡାକି ଆଣିଥିଲେ ବୋଲି ସେ କହିବା ସହ ବୋମାମାଡ଼ ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଛନ୍ତି।

#### ବାଂଶପାଣି ଷ୍ଟେଶନରେ ତୁମୁଳକାଣ୍ଡ ଘଟଣା

### ଚିକିତ୍ସାଧୀନ ଆର୍‌ପିଏଫ୍ କର୍ମଚାରୀଙ୍କ ମୃତ୍ୟୁ

ଯୋଡ଼ା,୧୮।୧୦(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ ବାଂଶପାଣି ରେଳ ଷ୍ଟେଶନଠାରେ ସ୍ଥାନୀୟ ହଟିଙ୍ଗ ଲୋକଙ୍କ ପକ୍ଷରୁ ଆକ୍ରମଣରେ ଗୁରୁତର ହୋଇ ଚିକିତ୍ସାଧୀନ ଆର୍‌ପିଏଫ୍ କର୍ମଚାରୀଙ୍କ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ସମଶେର କୁମାର ସିଂହ। ତାଙ୍କ ଘର ବିହାରର ମୁଙ୍ଗେର ଜିଲାରେ। ସୂଚନାଯୋଗ୍ୟ, ଗତ ୧୨ ତାରିଖ ରାତିରେ ଉକ୍ତ ଷ୍ଟେଶନରେ ଜଣେ ସ୍ଥାନୀୟ ଯୁବକଙ୍କ ମୃତ୍ୟୁ ଘଟଣାକୁ କେନ୍ଦ୍ରକରି ସ୍ଥାନୀୟ ଲୋକେ ଷ୍ଟେଶନରେ ବ୍ୟାପକ ଭଙ୍ଗାରୁଜା କରିବା ସହ ୪ ଆର୍‌ପିଏଫ୍ କର୍ମଚାରୀଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ।

# ୩ ଅଭିଯୁକ୍ତଙ୍କୁ ଜେରା ଆରମ୍ଭ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)



ମନୀଷ ଅନୁରାଗ ଦାସ

**ମନୀଷ ଅନୁରାଗ ହତ୍ୟା ମାମଲା**

- ୪ ଦିନିଆ ରିମାଣ୍ଡରେ ଆଣିଲା ଇନ୍‌ଫୋସିଟି ପୋଲିସ
- ହତ୍ୟାର ସିନ୍ ରିକ୍ରିଏଶନ୍ କରିବେ ଅଭିଯୁକ୍ତ
- ତଦନ୍ତକୁ ନେଇ ପୁଣି ପ୍ରଶ୍ନ ଉଠାଇଲେ ମନୀଷଙ୍କ ବାପା

ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷ ଅନୁରାଗ ଦାସ ହତ୍ୟା ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ୩ ଅଭିଯୁକ୍ତଙ୍କୁ ସୋମବାର କମିଶନରେଟ ପୋଲିସ ୪ ଦିନିଆ ରିମାଣ୍ଡରେ ଆଣିଛି। ସକାଳେ ଇନ୍‌ଫୋସିଟି ଥାନା ପୋଲିସର ଏକ ଟିମ୍ ସେମାନଙ୍କୁ ଝାରପଡା ଜେଲ୍‌ରୁ ନେବା ପରେ ଅଜଣା ସ୍ଥାନରେ ରଖି ଜେରା ଆରମ୍ଭ କରିଛି। ଅଭିଯୁକ୍ତମାନେ ହେଲେ ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡ଼ା ରାଜନଗରର ଅମ୍ରିତ ପ୍ରୀତମ ବିଶ୍ୱାଳ, କନ୍ଧମାଳ ଜିଲା ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ଅମଲାପଡ଼ାର ଦୀନେଶ କୁମାର ମହାପାତ୍ର ଓରଫ ଲିଟୁ ଓ ପିଅନପଡ଼ାର ମୃତ୍ୟୁଞ୍ଜୟ ମିଶ୍ର ଓରଫ ମୁନା। ଏହି ହତ୍ୟା ଓ ଷଡ଼ଯନ୍ତ୍ର ପଛରେ ଲୁଚି ରହିଥିବା ଆଉକିଛି ରହସ୍ୟ ଉନ୍ମୋଚନ ପାଇଁ ପୋଲିସ ଲକ୍ଷ୍ୟ ରଖିଥିବାବେଳେ ପ୍ରଥମ ଦିନରୁ ସେମାନଙ୍କଠାରୁ ତଥ୍ୟ ପାଇବାକୁ ପଚରାଉଚରା କରାଯାଇଥିବା ସୂଚନା ମିଳିଛି। ତେବେ ଏନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ୩ ଅଭିଯୁକ୍ତଙ୍କୁ ତଦନ୍ତକାରୀ ଟିମ୍ ପଚରାଉଚରା କରୁଛି। ଦରକାର ପଡିଲେ ଯେଉଁ ଯେଉଁ ସ୍ଥାନକୁ ସେମାନେ ଯାଇଥିଲେ, ସେଠାକୁ ନିଆଯାଇ ସିନ୍ ରିକ୍ରିଏଶନ କରାଯିବ। ତଦନ୍ତରେ ଅଧିକ ପ୍ରମାଣ ଯୋଗାଡ ସହ କୋର୍ଟରେ ବଳିଷ୍ଠ ଚାର୍ଜଶିଟ୍ ପ୍ରଦାନ କରି ନ୍ୟାୟ ଦେବାରେ ଆମେ ସକ୍ଷମ ହେବୁ ବୋଲି ଡିସିପି କହିଛନ୍ତି।

ଅପରପକ୍ଷରେ ସୋମବାର ମନୀଷଙ୍କ ବାପା ସାମ୍ବାଦିକ ନବୀନ ଦାସ ପୁଣି ନିର୍ଭୟ ଗୁମର କଥା ମାଧମରେ ଭିଡିଓ ରିଲିଜ୍ କରି ପୋଲିସର ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସ୍ଥାନୀୟ ପୋଲିସର ଜାଣତରେ ସାଉଥ୍ ସିଟି ହୋଟେଲରେ ନାଚଗୀତ ଚାଲୁଥିଲା। ଯଦି ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଉଥ୍ ସିଟି ହୋଟେଲ ଓ ବାର୍ ଖୋଲି ନ ଥାନ୍ତା ଏପରି ଘଟି ନ ଥାନ୍ତା ବୋଲି ସେ କହିଛନ୍ତି। ପୁଣି ଧସ୍ତାଧସ୍ତିରେ କିପରି ମନୀଷଙ୍କର ମୃତ୍ୟୁ ହେଲା ତାହା ଭଗବାନଙ୍କୁଜଣା ବୋଲିକହିକମିଶନରେଟ ପୋଲିସକୁ କଟାକ୍ଷ କରିଛନ୍ତି ନବୀନ।

ଏପଟେ ମନୀଷ ହତ୍ୟା ଘଟଣାକୁ ନେଇ ପୋଲିସ ୩ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ଅନେକ ରହସ୍ୟ ସଂକ୍ରାନ୍ତରେ ପୋଲିସର ତଦନ୍ତ ଅଧାପନ୍ତରିଆ ରହିଛି। ମନୀଷଙ୍କ ମୋବାଇଲକୁ ପୋଲିସ ଖୋଜିପାଇ ନ ଥିବାବେଳେ କେଉଁଠି ଓ କିପରି ପରିସ୍ଥିତିରେ ଅଭିଯୁକ୍ତମାନେ ମନୀଷଙ୍କୁ ହତ୍ୟାକଲେ ସେ ବିଷୟରେ ପୋଲିସ ଠିକ୍ ସୂଚନା ଦେଇପାରିନାହିଁ। ଏବେ ପୋଲିସ ହାତରେ ୪ ଦିନ ରହିଥିବାରୁ ହତ୍ୟା ସଂକ୍ରାନ୍ତରେ ବଳିଷ୍ଠ ପ୍ରମାଣ ଯୋଗାଡ କରିବା ଓ ଜନତାଙ୍କ ପୂରା ସୂଚନା ଦେବା ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି।

ପୋଲିସ ସୂଚନାନୁସାରେ, ଗତ ୯ ତାରିଖ ଅପରାହ୍ନ ୫ଟାରେ ମନୀଷଙ୍କୁ ଅଭିଯୁକ୍ତ ଅମ୍ରିତ ଫୋନ କରିବା ସହ ୨ସାଙ୍ଗ ମୃତ୍ୟୁଞ୍ଜୟ ଓ ଦୀନେଶଙ୍କ ସହ ଏକ ବ୍ୟାଚଲର ପାର୍ଟିରେ ଯିବାକୁ କହି ଏକ କାରରେ ଆଣିଥିଲେ। ସେମାନେ ବିଳମ୍ବିତ ରାତିରେ ପାତ୍ରପଡ଼ାସ୍ଥିତ ସାଉଥ୍ ସିଟି ହୋଟେଲ ଆଣ୍ଡ ବାର୍‌କୁ ଯାଇଥିଲେ। ସେଠାରେ ବିଲ୍ ଦେବାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଟଙ୍କା ନ ଦେବାରୁ ବାର୍ କର୍ମଚାରୀ ମନୀଷଙ୍କ ମୋବାଇଲ ବନ୍ଧକ ରଖିଥିଲେ। ପରେ ମନୀଷ ମା'ଙ୍କୁ ଫୋନ୍ କରି ଅନ୍‌ଲାଇନରେ ୮ହଜାର ଟଙ୍କା ମଗାଇ ବିଲ୍ ଦେବା ପରେ ରାତି ୩ଟା ୨୯ରେ ହୋଟେଲରୁ ବାହାରି ଏକାକୀ ଚାଲି ଚାଲି ଯାଉଥିଲେ। ଅମ୍ରିତ ଓ ଅନ୍ୟମାନେ କାରରେ ପିଛାକରି ମନୀଷଙ୍କ ପାଖରେ ପହଞ୍ଚିଥିଲେ। ବିଲ୍ ପଇଠକୁ ନେଇ ବାଟରେ ୩ଜଣଙ୍କ ସହ ମନୀଷଙ୍କର ଧସ୍ତାଧସ୍ତି ହୋଇଥିଲା। ସେଠାରେ ମନୀଷଙ୍କର ମୃତ୍ୟୁ ଘଟିବା ଦେଖି ଅଭିଯୁକ୍ତମାନେ ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ ପାତ୍ରପଡ଼ା ପୋଖରୀରେ ଫିଙ୍ଗିଦେଇଥିଲେ।

## ବୈତରଣୀରେ ବୁଡ଼ି ୨ ନାବାଳକ ମୃତ

ଝୁମ୍ପୁରି,୧୮।୧୦(ଡି.ଏନ.ଏ.)

- ଗୁରୁତର ଅବସ୍ଥାରେ ଜଣେ ଉଦ୍ଧାର
- କଇଁଫୁଲ ତୋଳିବାକୁ ଯିବା କାଳ ହେଲା

ସୋମବାର ବୈତରଣୀ ନଦୀରେ ବୁଡ଼ି ୨ ନାବାଳକଙ୍କ ମୃତ୍ୟୁ ଘଟିଛି । ଗୁରୁତର ଅବସ୍ଥାରେ ଅନ୍ୟ ଜଣେ ନାବାଳକଙ୍କୁ ଉଦ୍ଧାର କରାଯାଇଛି । ମୃତକ ହେଲେ ଯାଜପୁର ଜିଲା ଦଶରଥପୁର ବ୍ଲକ ଡୋଭାବିଲ ଗ୍ରାମର ଶ୍ରୀକାନ୍ତ ଜେନାଙ୍କ ପୁଅ ବିଭୂତି ଭୂଷଣ(୧୨), ଉମାକାନ୍ତ ଜେନାଙ୍କ ପୁଅ ଦିବ୍ୟରଞ୍ଜନ(୧୫) । ବିଜୟ ଜେନାଙ୍କ ପୁଅ ଶୁଭମ୍(୧୧)ଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୋମବାର ଅପରାହ୍ନ ପ୍ରାୟ ୨ଟା ସମୟରେ ଏହି ୩ ସାଙ୍ଗ ଗୋପକୂଳ ବୈତରଣୀ ନଦୀପଠାକୁ କୁମାର ପୂର୍ଣ୍ଣିମା ପାଇଁ କଇଁଫୁଲ ତୋଳିବାକୁ ଯାଇଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଛି ।

ସୂଚନା ଅନୁଯାୟୀ ଫୁଲ ତୋଳିବା ପାଇଁ ଅଥଳ ପାଣିରେ ପଶିବା ପରେ ପ୍ରଥମେ ବିଭୂତି ବୁଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଦିବ୍ୟରଞ୍ଜନ ଓ ଶୁଭମ୍ ଉଦ୍ୟମ କରୁଥିବାବେଳେ ସେମାନେ ମଧ୍ୟ ବୁଡ଼ିଯାଇଥିଲେ । ଏହି ସମୟରେ ନଦୀବନ୍ଧରେ ଚାଲି ଚାଲି ଯାଉଥିବା ସୁରେନ୍ଦ୍ର ମଲ୍ଲିକ ନାମକ ଜଣେ ଯୁବକ ୩ ପିଲା ବୁଡ଼ିଯାଉଥିବା ଦେଖି ଗ୍ରାମବାସୀଙ୍କୁ ଡାକ ପକାଇଥିଲେ । ପରେ ସୁରେନ୍ଦ୍ରଙ୍କ ସହ ଗ୍ରାମର କେତେଜଣ ଯୁବକ ପହଁରି ପାଣିରୁ ୩ ଜଣଙ୍କୁ ଉଦ୍ଧାର କରିଥିଲେ । ତୁରନ୍ତ ସେମାନଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ହେଲେ ଡାକ୍ତର ବିଭୂତି ଓ ଦିବ୍ୟରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଝୁମ୍ପୁରି ବିଟ୍ ହାଉସ୍ ପୋଲିସ ଓ ମଙ୍ଗଳପୁର ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏହାକୁ ନେଇ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।



ଗଜଲକ୍ଷ୍ମୀ ପୂଜାର ଅବ୍ୟବହିତ ପୂର୍ବରୁ ସୋମବାର ଭୁବନେଶ୍ୱର ୟୁନିଟ୍-୧ ମାର୍କେଟ୍‌ରେ ଜଣେ ଶିଳ୍ପୀ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିରେ ଶେଷସ୍ପର୍ଶ ଦେଉଛନ୍ତି।

## ଅଜଣା ଜ୍ୱରରେ ଶିଶୁ କନ୍ୟା ମୃତ

ପାଟଣା, ୧୮।୧୦ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ବାଉଁଶୁଳୀ ପଞ୍ଚାୟତ ଦାଶରଥିପୁର ଗ୍ରାମର ଜଣେ ଶିଶୁ କନ୍ୟାର ରବିବାର ଅଜଣା ଜ୍ୱରରେ ମୃତ୍ୟୁ ଘଟିଛି। ମୃତ ଶିଶୁ କନ୍ୟା ହେଲେ ଝାଡେଶ୍ୱର ମହାନ୍ତଙ୍କ ଝିଅ ସନ୍ଧ୍ୟା ରାଣୀ (୪)। ସୂଚନା ଅନୁଯାୟୀ ୪ଦିନ ପୂର୍ବରୁ ସନ୍ଧ୍ୟାଙ୍କୁ ଜ୍ୱର ହୋଇଥିଲା। ରବିବାର ବିଳମ୍ବିତ ରାତିରେ ସେ ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

କଟକ ଅଫିସ,୧୮।୧୦

**ବାସନ୍ତୀ ରଣା ହତ୍ୟା ଘଟଣା**

- ନ୍ୟାୟ ପାଇଁ ଡିଜିପି ହସ୍ତକ୍ଷେପ କରନ୍ତୁ
- ଡିଆଇଜିଙ୍କ ନିର୍ଦ୍ଦେଶରେ ହତ୍ୟା ମାମଲା ରୁଜୁ

କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ରତନପୁର ଗ୍ରାମର ବାସନ୍ତୀ ରଣା ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁନି। ଅଭିଯୁକ୍ତଙ୍କ ସହ ସମ୍ପର୍କ ରଖିଛି। ମୋତେ ନ୍ୟାୟ ଦେବା ବଦଳରେ ପୋଲିସ କେସ୍ ଉଠାଇ ନେବାକୁ ଧମକ ଦେଉଥିବା ନେଇ ଗୁରୁତର ଅଭିଯୋଗ ଆଣିଛନ୍ତି ବାସନ୍ତୀଙ୍କ ବାପା କର୍ଲାମୁଣ୍ଡା ବ୍ଲକ ବ୍ରାହ୍ମଣୀମୁଣ୍ଡା ଗ୍ରାମର ନୃପରାଜ ରଣା। ଏ ନେଇ ସେ ସୋମବାର କଟକସ୍ଥିତ ପୋଲିସ ମୁଖ୍ୟାଳୟର ଅଭିଯୋଗ ପ୍ରକୋଷ୍ଠରେ ଏକ ସ୍ମାରକପତ୍ର ଦେବା ସହ ନ୍ୟାୟ ପାଇଁ ଡିଜିପିଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ମୋ ଝିଅର ହତ୍ୟାକାରୀଙ୍କୁ କଠୋର ଦଣ୍ଡ ମିଳୁ। ଯେପରି ଆଉ କେଉଁ ମହିଳା ଯୌତୁକ ଯୋଗୁ ହତ୍ୟାର ଶିକାର ନ ହୁଅନ୍ତୁ ବୋଲି ନୃପରାଜ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କର୍ଲାମୁଣ୍ଡା ବ୍ଲକ ବ୍ରାହ୍ମଣୀମୁଣ୍ଡା ଗ୍ରାମର ବାସନ୍ତୀଙ୍କୁ ୧୯୯୩ ମସିହାରେ ରତନପୁର ଗ୍ରାମର ଗୁମାନ ରଣା ବିବାହ କରିଥିଲେ। ବିବାହ ସମୟରେ ବାପଘର ଲୋକେ ଯୌତୁକ ଦେଇଥିଲେ। ପରବର୍ତ୍ତୀ ସମୟରେ ଅଧିକ ଯୌତୁକ ଦାବିକରି ଶାଶୁଘର ଲୋକେ ବାସନ୍ତୀଙ୍କୁ ନିର୍ଯାତନା ଦେଉଥିଲେ। ଏ ସମ୍ପର୍କରେ ନୃପରାଜ ଜାଣିବା ପରେ ନର୍ଲା ଥାନାରେ ଅଭିଯୋଗ କରିଥିଲେ। ୨୦୧୫ ଏପ୍ରିଲ ୧୦ତାରିଖରେ ଗୁମାନ ଥାନାରେ ପହଞ୍ଚି ଭବିଷ୍ୟତରେ ଆଉ ବାସନ୍ତୀଙ୍କୁ ନିର୍ଯାତନା ଦେବି ନାହିଁ ବୋଲି ପୋଲିସ ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଇଥିଲେ। ଗତ ଅଗଷ୍ଟ ୧୦ ତାରିଖରେ ଶାଶୁଘରୁ ବାସନ୍ତୀଙ୍କ ଝୁଲନ୍ତା ମୃତଦେହ ନର୍ଲା ପୋଲିସ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଅନ୍ୟପକ୍ଷରେ ବାସନ୍ତୀଙ୍କୁ ଶାଶୁଘର ଲୋକେ ହତ୍ୟାକରି ଲୁଗାରେ ଝୁଲାଇ ଦେଇଥିବା ନୃପରାଜ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଏହାକୁ ହାଲୁକା ଭାବେ ଗ୍ରହଣ କରି କୌଣସି ପଦକ୍ଷେପ ନେଇ ନ ଥିଲା। ପରେ ସେ କଳାହାଣ୍ଡି ଏସ୍‌ପିଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଶେଷରେ ସେ ଗତ ସେପ୍ଟେମ୍ବର ୪ ତାରିଖରେ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ପଣ୍ଡିତ ରାଜେଶ ଉତ୍ତମରାଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଡିଆଇଜିଙ୍କ ନିର୍ଦ୍ଦେଶକ୍ରମେ ଗତ ୫ ତାରିଖରେ ନୃପରାଜଙ୍କ ଏତଲାକୁ ଗ୍ରହଣ କରି ପୋଲିସ ହତ୍ୟା ମାମଲା ନଂ. (୨୧୩/୨୧) ରୁଜୁ କରିଥିଲା। ଅଭିଯୁକ୍ତମାନେ ଖୁଲମଖୁଲା ବୁଲୁଥିବାବେଳେ ଘଟଣାର ତଦନ୍ତ ଆଳରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ ବୋଲି ନୃପରାଜ କହିଛନ୍ତି।

## ନଦୀରୁ ମିଳିଲା ପୁଅଙ୍କ ମୃତଦେହ, ଏବେ ବି ବାପା ନିଖୋଜ

ରାୟଗଡ଼ା ଅଫିସ, ୧୮।୧୦

ରାୟଗଡ଼ାସ୍ଥିତ ନାଗାବଳୀ ନଦୀ ଝୁଲାପୋଲ ନିକଟରୁ ରବିବାର ଭାସିଯାଇଥିବା ବାପ ପୁଅଙ୍କ ମଧ୍ୟରୁ ସୋମବାର ପୁଅଙ୍କ ମୃତଦେହ ମିଳିଛି। ରାୟଗଡ଼ାରୁ ୩ କିଲୋମିଟର ଦୂର ବେହେରାଗୁଡ଼ାରୁ ଅଗ୍ନିଶମ ବାହିନୀ କେ. ଜିତେନ୍ଦ୍ରଙ୍କ ମୃତଦେହ ଜବତ କରିଛି। ତେବେ ତାଙ୍କ ବାପା କେ. ଶ୍ରୀନିବାସଙ୍କର କୌଣସି ପତ୍ତା ମିଳିନାହିଁ। ଖବର ଲେଖାଯିବା ପର୍ଯ୍ୟନ୍ତ ସେ ନିଖୋଜ ଥିବା ଜଣାପଡ଼ିଛି।

ସୂଚନାନୁଯାୟୀ ପାରଳାଖେମୁଣ୍ଡି ଥାନା ଅଧୀନ ଦୁର୍ଗମପେଟାର କେ. ଶ୍ରୀନିବାସ ତାଙ୍କ ପରିବାର ଓ ସମ୍ପର୍କୀୟଙ୍କ ସହ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ଦର୍ଶନ ପାଇଁ ଆସିଥିଲେ। ଦର୍ଶନ ପରେ ସେମାନେ ନାଗାବଳୀ ନଦୀ ତଟକୁ ବୁଲାବୁଲି କରିବାକୁ ଯାଇଥିଲେ। ଏହି ସମୟରେ କେ.ଶ୍ରୀନିବାସଙ୍କ ପାଦରେ ବାଲି ଲାଗିଯିବାରୁ ସେ ଧୋଇହେବାକୁ ନଦୀକୁ ଯାଇ ଭାସିଯାଇଥିଲେ । ପାଖରେ ଥିବା ପୁଅ ଜିତେନ୍ଦ୍ର ବାପାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିବାବେଳେ ସେ ମଧ୍ୟ ନଦୀସ୍ରୋତରେ ଭାସିଯାଇଥିଲେ। ପାଖରେ ଉପସ୍ଥିତ ଥିବା ଲୋକେ ରାୟଗଡ଼ା ଥାନା ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ। କିନ୍ତୁ ରବିବାର ସେମାନଙ୍କର କୌଣସି ଖବର ମିଳିପାରି ନ ଥିଲା। ସୋମବାର ଜିତେନ୍ଦ୍ରଙ୍କର ମୃତଦେହ ମିଳିବା ପରେ ରାୟଗଡ଼ା ଟାଉନ ଥାନା ପୋଲିସ କେଶ ନମ୍ବର ୪୧/୨୧ରେ ମାମଲା ରୁଜୁ କରିଛି।

## ୭ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍‌ରେ ସିଜନ ଟିକେଟ ପୁନଃ ପ୍ରଚଳନ

ଭୁବନେଶ୍ୱର,୧୮।୧୦

କୋଭିଡ୍ ସଂକ୍ରମଣ ଯୋଗୁ ପାସେଞ୍ଜର ଟ୍ରେନ୍‌ଗୁଡ଼ିକର ଚଳାଚଳକୁ ସ୍ଥଗିତ ରଖାଯାଇଥିଲା। ମହାମାରୀ ପ୍ରଭାବ ହ୍ରାସ ଓ ରାଜ୍ୟବାସୀ ଅନେକ କାର୍ଯ୍ୟରେ ବିଭିନ୍ନ ସ୍ଥାନକୁ ଗମନାଗମନ ସାଙ୍ଗକୁ ଦୈନନ୍ଦିନ ଯାତାୟାତ କରୁଥିବା ଟ୍ରେନଯାତ୍ରୀମାନଙ୍କ ସୁବିଧା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ବର୍ତ୍ତମାନ ସିଜନ ଟିକେଟର ପୁନଃ ପ୍ରଚଳନ କରାଯାଉଛି। ଫଳରେ ରେଳଯାତ୍ରୀଙ୍କ ପାଇଁ ଆଉ ୭ଯୋଡ଼ା ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା ସାଙ୍ଗକୁ ମାସିକ ସିଜନ ଟିକେଟ୍ (ଏମ୍‌ଏସ୍‌ଟି-ତ୍ରୈମାସିକ ସିଜନ ଟିକେଟ ବା କ୍ୟୁଏସ୍‌ଟି) ସହିତ ଟ୍ରେନ୍‌ଯାତ୍ରାକୁ ଅନୁମତି ଦିଆଯାଇଛି ବୋଲି ରେଳପଥ ସୂଚନା ଦେଇଛି। ଅନୁମତି ମିଳିଥିବା ଟ୍ରେନ୍‌ଗୁଡ଼ିକ ହେଉଛି ୦୮୪୩୧-୦୮୪୩୨ ପୁରୀ-କଟକ-ପୁରୀ,୦୮୪୧୨-୦୮୪୧୧ ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର, ୦୮୪୬୧-୦୮୪୬୨ କଟକ-ପାରାଦୀପ-କଟକ,୦୮୪୫୪-୦୮୪୫୩ କଟକ-ଭଦ୍ରକ-କଟକ,୦୮୪୦୪-୦୮୪୦୩ ପୁରୀ-ଖୋର୍ଦ୍ଧା ରୋଡ୍-ପୁରୀ, ୬୮୦୫୦-୬୮୦୪୯ ଭଦ୍ରକ-ଖଡଗପୁର-ଭଦ୍ରକ,୦୮୦୦୪-୦୮୦୦୩ ଭଦ୍ରକ-ହାଓଡା-ଭଦ୍ରକ ପ୍ରମୁଖ ବିଶେଷ ଟ୍ରେନ। ଏହା ପୂର୍ବରୁ ପୂର୍ବତଟ ରେଳପଥ ୬ ଯୋଡ଼ା ବିଶେଷ ଟ୍ରେନ ଯଥା ପୁରୀ-ଅନୁଗୋଳ-ପୁରୀ, ଖୋର୍ଦ୍ଧାରୋଡ୍-କେନ୍ଦୁଝରଗଡ଼-ଖୋର୍ଦ୍ଧାରୋଡ୍, ବିଶାଖାପାଟଣା-ଗୁଣପୁର-ବିଶାଖାପାଟଣା, ବିଶାଖାପାଟଣା-ରାୟପୁର-ବିଶାଖାପାଟଣା, ଟିଟିଲାଗଡ-ବିଳାସପୁର-ଟିଟିଲାଗଡ଼ ଏବଂ ବିଶାଖାପାଟଣା-କାକିନାଡା ବନ୍ଦର-ବିଶାଖାପାଟଣା ବିଶେଷ ଟ୍ରେନ ପାଇଁ ଏମ୍‌ଏସ୍‌ଟି-କ୍ୟୁଏସ୍‌ଟି ସହିତ ଟ୍ରେନ୍‌ଯାତ୍ରାକୁ ଅନୁମତି ମିଳିଥିଲା। ଉପରୋକ୍ତ ୧୩ଟି ବିଶେଷ ଟ୍ରେନ୍ ବ୍ୟତୀତ ଯାତ୍ରୀମାନେ ଚଳାଚଳ କରୁଥିବା ଅନ୍ୟ ବିଶେଷ ଟ୍ରେନ୍‌ଗୁଡ଼ିକରେ ସିଜନ ଟିକେଟ ଓ ତ୍ରୈମାସିକ ସିଜିନ ଟିକେଟ୍ ସହିତ ଯାତ୍ରା କରିବାକୁ ରେଳ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇନାହିଁ ।

## ଚାଲାଣ ବେଳେ ୨୬ ଦାଦନ ଶ୍ରମିକ ଉଦ୍ଧାର

**ଦୁଇ ମଧ୍ୟସ୍ଥ ଗିରଫ**

ଖପ୍ରାଖୋଲ, ୧୮।୧୦ (ଡି.ଏନ.ଏ.)

ବେଆଇନ ଚାଲାଣ ବେଳେ ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ୨ଟି ସ୍ଥାନରେ ଚଢାଉ କରି ୨୬ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ୨ମଧ୍ୟସ୍ଥଙ୍କୁ ଗିରଫ କରାଯାଇଛି । ଖପ୍ରାଖୋଲ ଥାନା ପୋଲିସ ତରଫରୁ ରବିବାର ରାତିରେ ପାଟ୍ରୋଲିଂ କଲାବେଳେ ହରିଶଙ୍କର ଛକଠାରେ ଏକ ବୋଲେରୋକୁ ତନଖି କରାଯାଇଥିଲା। ଉକ୍ତ ଗାଡିରେ ବେଆଇନଭାବେ ୧୧ଦାଦନ ଶ୍ରମିକଙ୍କୁ ଚାଲାଣ କରାଯାଉଥିବା ଜଣାପଡିଥିଲା। ଉଦ୍ଧାର ସମସ୍ତ ଶ୍ରମିକ ଭାନପୁର ପଞ୍ଚାୟତ ଅନ୍ତର୍ଗତ ଚାବ୍ରିପାଲି ଗାଁର। ସେମାନଙ୍କୁ ନେଇ ଯାଉଥିବା ଚାବ୍ରିପାଲିର ମଧ୍ୟସ୍ଥ ରାଜେନ୍ଦ୍ର କଠାର(୪୦)ଙ୍କୁ ଗିରଫ କରିବା ସହ ବୋଲେରୋକୁ ଜବତ କରିଥିଲା ପୋଲିସ। ଏ ନେଇ ଥାନାରେ ଏକ ମାମଲା(ନଂ. ୧୬୦/୨୧)ରୁଜୁ ହୋଇଛି।

ସେହିପରି ପାଟ୍ରୋଲିଂ ବେଳେ କପସିପାଲି ଗାଁ ନିକଟରୁ ଏକ ବୋଲେରୋରେ ନୂଆପଡ଼ା ଜିଲା ଲଖନା କୁସୁମପଡାର ୧୫ ଜଣ ଦାଦନ ଶ୍ରମିକଙ୍କୁ ପୋଲିସ ଉଦ୍ଧାର କରିଛି। ସେମାନଙ୍କୁ ଚାଲାଣ କରୁଥିବା ମଧ୍ୟସ୍ଥ ଖରଷ ମାଝୀ(୪୫)କୁ ଗିରଫ କରାଯାଇଛି। ଏ ନେଇ ଥାନାରେ ଅନ୍ୟ ଏକ ମାମଲା(ନଂ.୧୬୧/୨୧)ରୁଜୁ ହୋଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି। ଶ୍ରମିକମାନେ ଅଗ୍ରିମ ଟଙ୍କା ନେଇ ମଧ୍ୟସ୍ଥଙ୍କ ଜରିଆରେ ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନାର ଇଟାଭାଟିରେ କାମ କରିବାକୁ ଯାଉଥିଲେ। ଉଦ୍ଧାର ପରେ ଶ୍ରମିକମାନଙ୍କୁ ସେମାନଙ୍କ ଗାଁକୁ ପଠାଇ ଦିଆଯାଇଥିବା ପୋଲିସ କହିଛି।



ଖପ୍ରାଖୋଲ ଥାନାରେ ଉଦ୍ଧାର ଶ୍ରମିକମାନେ।

ପ୍ରତ୍ୟେକ ବ୍ୟକ୍ତି ଈଶ୍ୱରଙ୍କ ସଙ୍ଗେ ଏକ ସ୍ୱତନ୍ତ୍ର ଧାରାରେ ସଂପର୍କିତ ହୁଏ ଏବଂ ଏକ ସ୍ୱତନ୍ତ୍ର ଧାରାରେ ଈଶ୍ୱରଙ୍କୁ ପ୍ରକାଶ କରେ। ତୁମେ ଅନ୍ୟର ପନ୍ଥା ଗ୍ରହଣ କରିବା ଆବଶ୍ୟକ ନାହିଁ। ତୁମେ ତୁମ ବାଟରେ ଅନୁସରଣ କରି ଚାଲ। – ଶ୍ରୀମା



# ଭୁଲ୍ ବାର୍ତ୍ତା

ବାଂଲାଦେଶରେ ଦୁର୍ଗାପୂଜା ସମୟରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ମୁସଲମାନ ସମ୍ପ୍ରଦାୟର କେତେ ଜଣ ଲୋକ ଆକ୍ରମଣ କରିବାରୁ ହିଂସାତ୍ମକ ସ୍ଥିତି ସୃଷ୍ଟି ହୋଇଥିଲା। ଅଦ୍ୟାବଧି ଦୁଇ ଜଣ ହିନ୍ଦୁଙ୍କ ସମେତ ୬ ଜଣ ବ୍ୟକ୍ତିଙ୍କ ଜୀବନ ଯାଇଥିବା ଖବର ମିଳିଛି। ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ଜାରି ରହିଛି। ଶୁଣିବାକୁ ମିଳିଛି ଯେ, ହିନ୍ଦୁ ଦେବତାଙ୍କ ଆଣ୍ଠୁ ଉପରେ କୋରାନ୍ ରଖାଯାଇଥିବାର ଫଟୋ ଭାଇରାଲ ହେବା ପରେ ସ୍ଥିତି ଅଣାୟତ୍ତ ହୋଇଛି। ବାସ୍ତବରେ ବିବାଦୀୟ ବିନ୍ଦୁ କ'ଣ ରହିଥିଲା ତାହା ଜାଣିବା କଷ୍ଟକର। ଯେହେତୁ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଜାରି ରହିଛି ଏବଂ ଆସନ୍ତା ୨୩ ତାରିଖରେ ବାଂଲାଦେଶ ହିନ୍ଦୁ ବୁଦ୍ଧିଷ୍ଟ ଖ୍ରୀଷ୍ଟିଆନ ୟୁନିଟ୍ କାଉନ୍‌ସିଲ ଦେଶବ୍ୟାପୀ ଆମରଣ ଅନଶନ କରିବ ବୋଲି କହିଛି, ତାହାକୁ ସେଠାକାର ସରକାର ଗୁରୁତ୍ୱ ଦେଉଥିବା କହିଛନ୍ତି।

ପରିସଂଖ୍ୟାନ ଦେଖିଲେ ୧୯୭୧ ପରଠାରୁ ବାଂଲାଦେଶରେ ହିନ୍ଦୁଙ୍କ ସଂଖ୍ୟା କମିଚାଲିଛି। ୨୦୧୧ ଜନଗଣନା ଅନୁଯାୟୀ ବାଂଲାଦେଶରେ ହିନ୍ଦୁଙ୍କ ଜନସଂଖ୍ୟା ୮.୮୬ ପ୍ରତିଶତ ରହିଥିଲା। ଇତିମଧ୍ୟରେ ସେମାନଙ୍କ ସଂଖ୍ୟା ଆହୁରି କମିଯାଇଥିବା ବିଷୟରେ କେତେକ ରିପୋର୍ଟ ପ୍ରକାଶ ପାଇଛି। ଏପରିକି ସେଠାକାର ସଂଖ୍ୟାଗରିଷ୍ଠଙ୍କ ଉତ୍ପୀଡ଼ନର ଶିକାର ହୋଇ ହିନ୍ଦୁମାନେ ଭାରତରେ ଶରଣାର୍ଥୀ ଜୀବନ ବିତାଉଛନ୍ତି। ଓଡ଼ିଶା ଉପକୂଳ ଅଞ୍ଚଳରେ ବାଂଲାଦେଶୀଙ୍କ ସଂଖ୍ୟା ବଢ଼ି ଚାଲିଥିବା ବିଷୟରେ ଅନେକ ତଥ୍ୟରୁ ଜଣାପଡ଼ିଛି। ନିକଟରେ ଘଟିଥିବା ହିଂସାକୁ ବାଂଲାଦେଶର ବିରୋଧୀ ଦଳ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି) ଉସୁକାଇଛି ବୋଲି ଶାସକ ଦଳ ଆୱାମି ଲିଗ୍ ପକ୍ଷରୁ ଅଭିଯୋଗ କରାଯାଇଛି। ହିଂସା ପଛରେ ବିଏନ୍‌ପି ଓ ଜମାତ୍ ସଙ୍ଗଠନର ହାତ ରହିଥିବା କୁହାଯାଉଛି। ତେବେ ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ଶେଖ୍ ହାସିନା ସରକାର ସଂଖ୍ୟାଲଘୁଙ୍କୁ ଆଶ୍ୱାସନା ଦେଇଛନ୍ତି। ଏଭଳି ସ୍ଥଳେ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଆକ୍ରମଣକୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଗୁରୁତ୍ୱର ସହିତ ନେବା ଦରକାର। ପ୍ରତି କଥାରେ କେବଳ ପାକିସ୍ତାନ ପଛରେ ପଡ଼ିଲେ ହେବ ନାହିଁ। କିଛି ବର୍ଷ ତଳେ ଭାରତ-ବାଂଲାଦେଶ ସୀମାନ୍ତରେ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍) ଯବାନଙ୍କୁ ହତ୍ୟା କରାଯାଇ ମୃତଶରୀରକୁ ଅସ୍ୱାଭାବିକ ଢଙ୍ଗରେ ବୋହି ନିଆଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ସେତେବେଳେ ତାହାକୁ ନେଇ ଭାରତରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

ଆଫଗାନିସ୍ତାନରେ ଆମେରିକା ଓ ତାହାର ସହଯୋଗୀ ସେନାଙ୍କ ବିଫଳତା ପରେ ତାଲିବାନ୍ ଶାସନ ପୁନଃ ଚାଲିବା ଇସ୍‌ଲାମୀୟ ମୌଳବାଦୀଙ୍କୁ ସକ୍ରିୟ କରାଇଦେଇଛି। ବାଂଲାଦେଶରେ ଯାହା ଘଟିଲା ତାହା କାହାରିକୁ ଆଶ୍ଚର୍ଯ୍ୟ କରିବା କଥା ନୁହେଁ। ଏଭଳି ସ୍ଥଳେ ଭାରତୀୟ ଆଭ୍ୟନ୍ତରୀଣ ନୀତି ତାହାର ବହିର୍ବ୍ୟାପାର ନୀତି ଉପରେ ପ୍ରଭାବ ପକାଇବା ସ୍ୱାଭାବିକ। ଭାରତୀୟଙ୍କ ମନରେ କେବଳ ସଂଖ୍ୟାଲଘୁ ନୁହେଁ, ଦଳିତଙ୍କ ପ୍ରତି ମଧ୍ୟ ଅସହିଷ୍ଣୁ ଭାବ ପ୍ରବଳମାତ୍ରାରେ ରହିଆସିଛି। ସେହି ମନୋଭାବ ପଦାକୁ ଆସିପାରୁ ନ ଥିଲା। କାରଣ ସରକାରୀ ସ୍ତରରେ ତାହାକୁ ଅନୁମୋଦନ ବା ସମର୍ଥନ ମିଳୁ ନ ଥିଲା। ଏବେ ବ୍ୟବସ୍ଥାପକମାନେ ସେହି ଅସହିଷ୍ଣୁତାକୁ ସକ୍ରିୟ ସହଯୋଗ ଯୋଗାଇ ଦେଇଥିବାରୁ ତାହା ଏକ ବିକଟାଳ ରୂପ ଧାରଣ କରିଛି। ଏହି ମନୋଭାବକୁ ଉସୁକାଇଲେ ଆଭ୍ୟନ୍ତରୀଣ ରାଜନୀତି ଓ ଭୋଟରେ ପ୍ରଭାବ ପଡୁଛି। ଅନ୍ୟପଟେ ଭାରତର ପ୍ରାୟ ଅଧିକାଂଶ ପଡ଼ୋଶୀ ଦେଶ ଇସ୍‌ଲାମୀୟ ହୋଇଥିବାରୁ ତାହାର ନାକାରାତ୍ମକ ଦିଗ ଏବେ ବହିର୍ବ୍ୟାପାର କ୍ଷେତ୍ରରେ ଦେଖାଦେଲାଣି। ଏହାବ୍ୟତୀତ ଅଣ-ଇସ୍‌ଲାମୀୟ ଦେଶ ଭାବେ ଭୁଟାନ୍, ଶ୍ରୀଲଙ୍କା, ମ୍ୟାନ୍‌ମାର ଏବଂ ନେପାଳ ବର୍ତ୍ତମାନ ଚାଇନା ସହିତ ଯଥେଷ୍ଟ ଘନିଷ୍ଠ ହୋଇ ସାରିଲେଣି। ଭାରତର ଚାରି ଦିଗରେ କୌଣସି ମିତ୍ର ଦେଶ ଥିବା ଭଳି ମାନଚିତ୍ର ଦେଖିଲେ ଜଣାପଡୁନାହିଁ। ଏହା ହେଉଛି ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟର ବିଫଳତା।

ସେପ୍ଟେମ୍ବର ୨୩ରେ ଆସାମର ଦରଙ୍ଗ ଜିଲାରେ ସରକାରଙ୍କ ଜମି ଉଚ୍ଛେଦ କାର୍ଯ୍ୟ ବେଳେ ହିଂସାକାଣ୍ଡ ଘଟିବାରୁ ଦୁଇ ଜଣ ମୁସଲମାନଙ୍କ ମୃତ୍ୟୁ ଘଟିଥିବା ଖବର ପ୍ରକାଶ ପାଇଥିଲା। ସଂଖ୍ୟାଲଘୁଙ୍କ ଜମିକୁ ଟାର୍ଗେଟ କରାଯାଇ ସେମାନଙ୍କୁ ଯେଭଳି ଭାବେ ହତ୍ୟା କରାଯାଇ ଭିଡିଓ ପ୍ରସାରିତ ହୋଇଥିଲା, ତାହା ଦ୍ୱାରା ହିମନ୍ତ ବିଶ୍ୱଶର୍ମାଙ୍କ ପରିଚାଳିତ ଭାଜପା ସରକାରକୁ ସମାଲୋଚିତ ହେବାକୁ ପଡ଼ିଛି। ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇ ପାକିସ୍ତାନ ପ୍ରତିବାଦ ଉଠାଇଛି। ଭାରତରେ ଥିବା ମୁସଲମାନମାନେ ସୁରକ୍ଷିତ ନୁହନ୍ତି ବୋଲି ଇସ୍‌ଲାମାବାଦ କହିଥିବାରୁ ତାହାକୁ ଭାରତ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ। ଭାରତ ହେଉ ବା ବାଂଲାଦେଶ ଯେଉଁଠାରେ ସଂଖ୍ୟାଲଘୁ ଅତ୍ୟାଚାରିତ ହେଲେ ମଧ୍ୟ ତାହା ଭୁଲ୍ ବାର୍ତ୍ତା ଦେଇଚାଲିବ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | 4 | | | | | | 1 |
| 3 | | | | | | | 9 | |
| | | | | | 1 | 6 | | 5 |
| 1 | | | | | | | | |
| | | 3 | 7 | | 2 | | | |
| 4 | 9 | 8 | | | | | | 2 |
| | | | | | | | | |
| 5 | | | 1 | 8 | 3 | | 7 | |
| 8 | | 9 | 5 | 6 | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 8 | 6 | 2 | 3 | 9 | 7 | 5 |
| 6 | 3 | 5 | 1 | 7 | 9 | 8 | 2 | 4 |
| 7 | 9 | 2 | 4 | 8 | 5 | 6 | 1 | 3 |
| 2 | 7 | 4 | 3 | 9 | 8 | 1 | 5 | 6 |
| 1 | 5 | 9 | 7 | 4 | 6 | 3 | 8 | 2 |
| 3 | 8 | 6 | 2 | 5 | 1 | 7 | 4 | 9 |
| 8 | 6 | 3 | 5 | 1 | 4 | 2 | 9 | 7 |
| 9 | 4 | 7 | 8 | 6 | 2 | 5 | 3 | 1 |
| 5 | 2 | 1 | 9 | 3 | 7 | 4 | 6 | 8 |

ଗତକାଲିର ଉତ୍ତର

# ବ୍ୟୟବହୁଳ ଚିକିତ୍ସା



ଡ. ପ୍ରମୋଦ କୁମାର ପଣ୍ଡା

ଈଶ୍ୱର ନିଶ୍ଚିତରୂପେ ସର୍ବ ଶକ୍ତିମାନ ଓ ସୃଷ୍ଟିର ନିୟନ୍ତ୍ରକ। ମାତ୍ର ଈଶ୍ୱରଙ୍କ ପରେ ଯଦି ଆଉ କେହି ଜୀବନ ଦେବାରେ ସକ୍ଷମ, ସେମାନେ ହେଲେ ଡାକ୍ତର ଗୋଷ୍ଠୀ। ଜଣେ ଡାକ୍ତରଙ୍କର ବ୍ୟକ୍ତିଗତ ଜୀବନ ବୋଲି କିଛି ନ ଥାଏ। ଯେତେବେଳେ ରୋଗୀ ଜୀବନ ସଙ୍କଟାପନ୍ନ ହୁଏ, ସେତେବେଳେ ସମସ୍ତ କାର୍ଯ୍ୟ ଛାଡ଼ି ଡାକ୍ତର ଧାଇଁ ଆସିଥାନ୍ତି ରୋଗୀର ଜୀବନ ବଞ୍ଚାଇବା ପାଇଁ। ଖାଲି ଏତିକି ନୁହେଁ ଏମ୍‌ବିବିଏସ୍ ପଢ଼ାରେ ୫ଟି ବର୍ଷ,ସ୍ନାତକୋତ୍ତରରେ ୩ ବର୍ଷ ଓ ଏମ୍‌ସିଏଚ୍‌ରେ ୩ ବର୍ଷ ଏହିପରି ୧୧-୧୨ ବର୍ଷ କଠିନ ପରିଶ୍ରମ କରି ପଢ଼ିବାକୁ ପଡ଼ିଥାଏ, ଯାହାକି ଅନ୍ୟ କୌଣସି ପାଠ୍ୟଖସଡାଠୁ ଅଧିକ। ସେଥିପାଇଁ ଆମେ ସର୍ବଦା ଡାକ୍ତରମାନଙ୍କୁ ଉଚ୍ଚ ସମ୍ମାନ ପ୍ରଦର୍ଶନ କରିବା ଉଚିତ।

ସମାଜରେ କେବେ କେବେ ଡାକ୍ତରମାନଙ୍କୁ ଦୁର୍ବ୍ୟବହାର କରାଯାଉଥିବାର ଖବର ଆସେ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଆମେମାନେ କେହି ବି ଏପରି କରିବା ଉଚିତ ନୁହେଁ। ଆମ ରାଜ୍ୟ ଜନସଂଖ୍ୟାର ପ୍ରାୟ ୮୦ ପ୍ରତିଶତରୁ ଅଧିକ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର। ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବା ପାଇଁ ସରକାର ବିଭିନ୍ନ ଅଞ୍ଚଳରେ ଡାକ୍ତରଖାନା ସ୍ଥାପନ କରିଛନ୍ତି। ମେଡିକାଲ କଲେଜରେ ଛାତ୍ରୀଛାତ୍ରମାନଙ୍କ ଶିକ୍ଷା ଖର୍ଚ୍ଚ ସରକାର ମଧ୍ୟ ବହନ କରୁଛନ୍ତି। ରାଜ୍ୟର କରଦାତାଙ୍କ ପଇସାରେ ଏହା ସମ୍ଭବ ହୋଇପାରୁଛି। ସରକାରଙ୍କ ଉଦ୍ଦେଶ୍ୟ ଏହି ଯେ, ଅଧିକ ଡାକ୍ତର ବାହାରିଲେ ଗ୍ରାମାଞ୍ଚଳରେ ରୋଗୀ ସେବା କରିବେ। ଆଗ କାଳରେ ତୁମ ଜୀବନର ଲକ୍ଷ୍ୟ କ'ଣ ବୋଲି ଛୋଟ ପିଲାଟିକୁ ପ୍ରଶ୍ନ କଲେ ସେ ଉତ୍ତର ଦେଉଥିଲା ମୁଁ ଡାକ୍ତର ହୋଇ ରୋଗୀ ସେବା କରିବାକୁ ଚାହେଁ। ମାତ୍ର ସମୟ ବଦଳିଯାଇଛି, ଲୋକଙ୍କର ମାନସିକତାରେ ପରିବର୍ତ୍ତନ ହୋଇଛି। ଆଜି ଏମ୍‌ବିବିଏସ୍ ଛାତ୍ରମାନଙ୍କୁ ପଚାରିଲେ ତୁମେ କ'ଣ କରିବ? ସେମାନଙ୍କ ମଧ୍ୟରୁ ଅଧିକାଂଶ କହିବେ ଆମେ ବିଦେଶ ଯିବାକୁ ଚାହୁଁଛୁ? ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯିବା ଭଲ। ମାତ୍ର ସେଠାରୁ ଫେରି ଆମ ଦେଶ ବା ରାଜ୍ୟରେ ରୋଗୀ ସେବା କରିବା ଆବଶ୍ୟକ। କିନ୍ତୁ ଡାକ୍ତରୀ ଶିକ୍ଷା ସମାପ୍ତି ପରେ ଅଧିକାଂଶ ଛାତ୍ର ଗ୍ରାମାଞ୍ଚଳର ଡାକ୍ତରଖାନା ଯିବାକୁ ପସନ୍ଦ କରୁନାହାନ୍ତି। ସେମାନେ ଘରୋଇ ହାସ୍‌ପାତାଳରେ ଯୋଗଦେଇ ମୋଟା ଅଙ୍କର ଦରମା ପାଇବାକୁ ଚେଷ୍ଟା କରୁଛନ୍ତି। ସରକାରୀ ଦରମା ତାଙ୍କୁ ପସନ୍ଦ ଆସୁନାହିଁ। ଘରୋଇ ହସ୍ପିଟାଲରେ ଯିଏ ଯେତେ ଟେଷ୍ଟ ସୁପାରିସ କରିପାରିବେ ସେମାନେ ସେତେ ଅଧିକ କମିଶନ ଓ ଦରମା ପାଇବେ। ଏହି ସମସ୍ୟା ବହୁ କାରଣରୁ ଭୟଙ୍କର ହୋଇ ଉଠିଛି।

ଆଜିକାଲି ଘରୋଇ ଡାକ୍ତରୀ କୋର୍ସ ପାଇଁ ଅତ୍ୟଧିକ ଡୋନେଶନ ମଧ୍ୟ ନିଆଯାଉଛି। ଅର୍ଥାତ ଯଦି ଜଣେ ଛାତ୍ରକୁ ପିଜି ସାରିବାକୁ ୨ କୋଟି ଟଙ୍କା ଟଙ୍କା ଡୋନେଶନରେ ଖର୍ଚ୍ଚ କରିବାକୁ ପଡେ, ତା ହେଲେ ବର୍ଷକୁ ତା'ର ସୁଧ ବାବଦକୁ ଲକ୍ଷାଧିକ ଟଙ୍କା ଦରକାର ପଡ଼ିବ। ତେଣୁ ଅଧିକ ରୋଜଗାର ଲକ୍ଷ୍ୟରେ ଜଣେ ଡାକ୍ତର ସରକାରୀ ଡାକ୍ତରଖାନାରେ ଯୋଗ ନ ଦେଇ ବେସରକାରୀ ହସ୍ପିଟାଲରେ ଯୋଗ ଦେବାକୁ ପସନ୍ଦ କରୁଛନ୍ତି। ନିଜ ପୁଞ୍ଜି ବିନିଯୋଗରୁ ଆଦାୟ ପାଇଁ ସେମାନେ ଅନାବଶ୍ୟକ ଟେଷ୍ଟକୁ ବାଧ୍ୟତା ମୂଳକ ଭାବେ ରୋଗୀ ଉପରେ ଲଦିଦେବା ସହ ଚିକିତ୍ସାକୁ ବ୍ୟୟବହୁଳ କରିଦେବା ଲକ୍ଷ୍ୟ କରାଯାଉଛି।

ଆଜିକାଲି ସମଗ୍ର ଦେଶରେ ଘରୋଇ ହସ୍ପିଟାଲକୁ ଟଙ୍କା ଛପା ମେସିନ ହିସାବରେ ବିବେଚନା କରାଯାଉଛି। କିଛି ଦିନ ପୂର୍ବେ ଜଣେ ବ୍ୟକ୍ତି କରୋନା ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ନାମୀଦାମୀ ଘରୋଇ ହସ୍ପିଟାଲରେ ଭର୍ତ୍ତି ହେବାକୁ ଯାଇଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ ଦୈନିକ ରୁମ୍ ଭଡା ୧୫,୦୦୦ ଟଙ୍କା ପଡ଼ିବ ବୋଲି କହିଲେ। ସେ ଯେତେବେଳେ ଫେରିଯିବାକୁ କହିଲେ ତାଙ୍କୁ ରୁମ୍ ଭଡ଼ା ୯,୫୦୦ ଟଙ୍କା ଦେବାକୁ କହିଲେ। ଡିସ୍‌ଚାର୍ଜ ବେଳକୁ ସେ ଜାଣିବାକୁ ପାଇଲେ ଯେ ସମାନ ସୁବିଧା ଥିବା ପାଖ ରୁମ୍‌ର ରୋଗୀ ଦୈନିକ ଭଡ଼ା ୭୦୦୦ଟଙ୍କା ଦେଉଛନ୍ତି। ଯେହେତୁ ସରକାରୀ ଚିକିତ୍ସାଳୟରେ ସମସ୍ତ ସୁବିଧା ଉପଲବ୍ଧ ନୁହେଁ, ଜୀବନ ବଞ୍ଚାଇବା ପାଇଁ ରୋଗୀ ଘରୋଇ ଚିକିତ୍ସାଳୟକୁ ଆସୁଛନ୍ତି ଓ ମାତ୍ରାଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ କମିଟି ମାଧ୍ୟମରେ ଘରୋଇ ହସ୍ପିଟାଲର ବିଭିନ୍ନ ଚିକିତ୍ସା ପାଇଁ ଏକ ସର୍ବୋଚ୍ଚ ଦର ଧାର୍ଯ୍ୟ ହେବା ଆବଶ୍ୟକ। ଉଚିତ ଅଡିଟ୍ ମାଧ୍ୟମରେ ହସ୍ପିଟାଲରେ ଚିକିତ୍ସା ଖର୍ଚ୍ଚ କମ୍ କରିବାର ମଧ୍ୟ ଆବଶ୍ୟକତା ଅଛି।

ସମାଜରେ ସବୁ ସେବାର ସମାନ ମହତ୍ତ୍ୱ ରହିଛି। ଯଦି ତାଲିମପ୍ରାପ୍ତି ପରେ ଭାରତୀୟ ସୈନିକ କହିବେ ଆମେ ଚାଇନା ସୈନ୍ୟବାହିନୀ କିମ୍ବା ଆମେରିକୀ ସୈନ୍ୟବାହିନୀରେ ଯୋଗଦେଇ ଡଲାର ରୋଜଗାର କରିବୁ, ତା'ହେଲେ ଦେଶର ସ୍ଥିତି କ'ଣ ହେବ? ଜଣେ ଚାଷୀ ମାଟି କାଦୁଅରେ ବହୁତ ପରିଶ୍ରମ କରି ଭେଣ୍ଡି କିଲୋ ୨୦ଟଙ୍କାରେ ବିକନ୍ତି ଡାକ୍ତରଙ୍କୁ, ମାତ୍ର ଡାକ୍ତର ରୋଗ ପାଇଁ କାଗଜରେ ୨-୪ଟି ଔଷଧ ନାମ ଲେଖି ତାଙ୍କଠୁ ୨୦୦/୩୦୦/୪୦୦ ଟଙ୍କା ନେବା କେତେଦୂର ସମୀଚୀନ? ଅବଶ୍ୟ ଅନେକ ଡାକ୍ତର ଅଛନ୍ତି ଯେଉଁମାନେ ସମ୍ପୂର୍ଣ୍ଣ ମାଗଣା କିମ୍ବା କମ୍ ପଇସାରେ ରୋଗୀ ସେବାରେ ବ୍ରତୀ ଅଛନ୍ତି। ଆଉ ମଧ୍ୟ ଏକ ସମସ୍ୟା ସାମ୍ନାକୁ ଆସୁଛି। ବର୍ତ୍ତମାନ ଔଷଧ ପ୍ରସ୍ତୁତକାରୀ କମ୍ପାନୀ ଔଷଧଗୁଡ଼ିକୁ ଚଢ଼ା ଦାମ୍‌ରେ ବିକ୍ରି କରୁଛନ୍ତି। ଡାକ୍ତରମାନେ ସେମାନଙ୍କ ଔଷଧ ପ୍ରେସ୍‌କ୍ରିପସନ କଲେ ସେମାନେ ମୋଟା ଅଙ୍କର କମିଶନି ଦେଉଥିବା ଆଲୋଚନା ହେଉଛି। ଫଳରେ ସାଧାରଣ ଜନତା ଶୋଷଣର ଶିକାର ହେଉଛନ୍ତି। ଅବଶ୍ୟ ସରକାର ଜନଔଷଧି କେନ୍ଦ୍ର ସ୍ଥାପନ କରିଛନ୍ତି, ଯେଉଁଠାରେ ଶସ୍ତା ଦାମରେ ଔଷଧ ମିଳୁଛି। ସେଗୁଡ଼ିକର ସଂଖ୍ୟା ବୃଦ୍ଧିକରି ତା'ର ଫାଇଦା ବିଷୟରେ ଜନସଚେତନତା ଆଣିବା ଆବଶ୍ୟକ। ତା' ଛଡ଼ା ବର୍ତ୍ତମାନ ନକଲି ଔଷଧ ବିକ୍ରି ବଢିଚାଲିଛି। କୋଟି କୋଟି ଟଙ୍କାରେ ନକଲି କରୋନା ଔଷଧ ଓ ଇଞ୍ଜେକଶନ ଜବତ ହେଉଛି। ତେଣୁ ବଜାରରୁ ନକଲି ଔଷଧ ମୂଳପୋଛ ପାଇଁ ସରକାର ପଦକ୍ଷେପ ନେବା ଆବଶ୍ୟକ। କେବେ କେବେ ବୀମା ଧାରକଙ୍କଠାରୁ ଅତ୍ୟଧିକ ଲୋଭ ଆଶାରେ ଅନାବଶ୍ୟକ ପ୍ରେସ୍‌କ୍ରିପସନର ନଜିର ମଧ୍ୟ ସାମ୍ନାକୁ ଆସୁଛି। ଡାକ୍ତରଖାନା ଅସାଧୁ ଉପାୟରେ ବୀମା କମ୍ପାନୀକୁ କ୍ଷତି ପହଞ୍ଚାଇଲେ, ବୀମା କମ୍ପାନୀ ବନ୍ଦ ହେବାର ସମ୍ଭାବନା ମଧ୍ୟ ରହିଛି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ୧୦୦୦ ଲୋକରେ ଜଣେ ଡାକ୍ତର ରହିବା କଥା। ଭାରତରେ ୧୦୮୦ ଲୋକଙ୍କ ପାଇଁ ଜଣେ ଡାକ୍ତର ଥିବାବେଳେ ଓଡ଼ିଶାରେ ୨୧୮୭ ଜଣଙ୍କ ପାଇଁ ଜଣେ ଡାକ୍ତର ଅଛନ୍ତି। ପଶ୍ଚିମବଙ୍ଗରେ ୧୩୫୦ ଜଣଙ୍କ ପାଇଁ ଜଣେ ଓ ଆନ୍ଧ୍ର ପ୍ରଦେଶରେ ୧୦୯୧ ଜଣଙ୍କ ପାଇଁ ଜଣେ ଡାକ୍ତର ରହିଛନ୍ତି। ଗୁଜରାଟରେ ପ୍ରତି ୧୦୨୨ ଜଣରେ ଜଣେ ଲେଖାଏଁ ଡାକ୍ତର ଅଛନ୍ତି। ଆମ ରାଜ୍ୟରେ ଡାକ୍ତରଙ୍କର ଘୋର ଅଭାବ ଥିବାବେଳେ କରଦାତାଙ୍କ ପଇସାରେ ପାଠ ପଢ଼ି ଡଲାର ରୋଜଗାର କରିବା ଉଦ୍ଦେଶ୍ୟରେ ବିଦେଶକୁ ଯିବା ସମୀଚୀନ ନୁହେଁ। ସେହିପରି ଆମ ରାଜ୍ୟରୁ ପ୍ରତିବର୍ଷ ଯେତେ ଡାକ୍ତର ଭାରତର ଅନ୍ୟାନ୍ୟ ସହରକୁ ଯାଆନ୍ତି, ସେ ଅନୁପାତରେ ବାହାର ରାଜ୍ୟର ଡାକ୍ତର ଆମ ରାଜ୍ୟକୁ ଆସନ୍ତି ନାହିଁ। ସେ ଯାହା ହେଉ , ଡାକ୍ତରଙ୍କ ଅଭାବ ରହିଛି ଓ ଏହି ସମସ୍ୟା ନିଶ୍ଚିତ ରୂପେ ଚିକିତ୍ସା ଖର୍ଚ୍ଚ ବୃଦ୍ଧି କରୁଛି। ଦେଶର ସର୍ବୋଚ୍ଚ ଅଦାଲତ ଚିକିତ୍ସା ଖର୍ଚ୍ଚରେ ଅହେତୁକ ବୃଦ୍ଧିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେଣୁ ମେଡିକାଲ ଶିକ୍ଷା କ୍ଷେତ୍ରରେ ସିଟ୍ କିଣା ବିକା ବନ୍ଦ କରିବା, ମେଡିକାଲ ସିଟ୍ ସଂଖ୍ୟା ବୃଦ୍ଧି ଓ ଘରୋଇ ହସ୍ପିଟାଲରେ ବିଭିନ୍ନ ଚିକିତ୍ସାର ସର୍ବୋଚ୍ଚ ଦର ନିର୍ଦ୍ଧାରଣ, ମେଡିକାଲ ପ୍ରେସ୍‌କ୍ରିପସନରେ ଟ୍ରେଡ୍ ନାମ (କମ୍ପାନୀର ବ୍ୟବସାୟିକ ନାମ) ପରିବର୍ତ୍ତେ ଔଷଧର ଜେନେରିକ ନାମ କିମ୍ବା ରାସାୟନିକ ନାମର ବାଧ୍ୟତାମୂଳକ ପ୍ରଚଳନ ଇତ୍ୟାଦି ପଦକ୍ଷେପ ନେଲେ ନିଶ୍ଚିତ ରୂପେ ଲୋକେ ମାତ୍ରାଧିକ ଚିକିତ୍ସା ଖର୍ଚ୍ଚରୁ ମୁକୁଳି ପାରିବେ।

ପ୍ରଧାନ ବୈଜ୍ଞାନିକ
ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ
(ଭାରତ ସରକାର), ଭୁବନେଶ୍ୱର
ମୋ: ୮୯୧୭୪୨୬୪୪୦

# ମହାପୁରୁଷ ମହମ୍ମଦ



ଇଂ. ରୌଶନ ଖାନ

ହଜରତ ମହମ୍ମଦ ରସୁଲୁଲ୍ଲାଃଙ୍କର ଧରାପୃଷ୍ଠରେ ଆବିର୍ଭାବ ଓ ଅବତରୀୟ ଲୀଳା ସମ୍ବନ୍ଧରେ ପୂର୍ବ ସୂଚନା ଦେଇ ବ୍ୟାସମୁନି ଭବିଷ୍ୟ ପୁରାଣରେ କହିଥିଲେ- ''ଏତସ୍ମିନ୍ ଅନ୍ତରେ ମ୍ଲେଚ୍ଛ ଆଚାର୍ଯ୍ୟେଣ ସମନ୍ୱେତା, ମହମ୍ମଦ ଇତି ଖ୍ୟାତା ଶିଷ୍ୟା ଶାଖା ସମନ୍ୱେତା...'' (ଖଣ୍ଡ ୩, ଶ୍ଳୋକ ୫-୨୭)। ସାରାଂଶ ହେଉଛି, ''ମହମ୍ମଦ ନାମ ଧାରଣ କରି ଜଣେ ଆଚାର୍ଯ୍ୟ ପୁରୁଷ ଆରବର ମରୁସ୍ଥଳରେ ଜନ୍ମ ନେବେ ଏବଂ ଶିଷ୍ୟମାନଙ୍କ ଗହଣରେ ବିରାଜିତ ହୋଇ ଭଗବତ୍ ଜ୍ୟୋତିକୁ ଉଦ୍ଭାସିତ କରିବେ।

ଯେତେବେଳେ ମଧ୍ୟଯୁଗୀୟ ଅନ୍ଧାରି ମୁଲକରେ ସର୍ବତ୍ର ପାପ ବିରାଜୁଥିଲା ଏବଂ ବିଶୃଙ୍ଖଳା ଭରି ଯାଇଥିଲା, ସେତିକିବେଳେ ପ୍ରାଚ୍ୟ ଆକାଶରେ ଏକ ଦୀପ୍ତିମନ୍ତ ସୂର୍ଯ୍ୟ 'ସୀରାଜୁମ୍ ମୁନିର'ଙ୍କ ଉଦୟ ହେଲା। ସେହି ସୂର୍ଯ୍ୟ ମକ୍କାରେ ବନୁ ହାସିମ୍ ବଂଶରେ ହିଜ୍ରି ମାସ ରବିଅଲ୍ ଅୱଲ ୧୨ ତାରିଖ (ସୌର ଗଣନାନୁସାରେ ୫୭୦ ମସିହା ଅଗଷ୍ଟ ୨୪ ତାରିଖ)ରେ ଆମିନାଙ୍କ ଗର୍ଭରୁ ଜନ୍ମଲାଭ କରି ପୃଥିବୀକୁ ଆଲୋକିତ କଲେ। ସେହି ନବଜାତ ଶିଶୁଟିର ନାମ 'ମହମ୍ମଦ' ରଖାଗଲା, ଯାହାର ଅର୍ଥ ସର୍ବାଧିକ ପ୍ରଶଂସିତ ବ୍ୟକ୍ତି।

ହଜରତ ମହମ୍ମଦ ଜଣେ ସମ୍ପୂର୍ଣ୍ଣ ବିଧାନବାହୀ ଅବତାର ହୋଇ ଆସିଥିଲେ ଓ ତାଙ୍କ ପ୍ରଣୀତ ଧର୍ମର ନାମ 'ଇସ୍‌ଲାମ', ଯାହାର ଆକ୍ଷରିକ ଅର୍ଥ 'ସଲାମତି ଓ ଅମନ୍' ଅର୍ଥାତ୍ ନିରାପତ୍ତା ଓ ଶାନ୍ତି। ହଜରତ ମହମ୍ମଦ ଭୌତିକ ଓ ଆଧ୍ୟାତ୍ମିକ ଜଗତର ଉଦ୍ଧାରକର୍ତ୍ତା ଏବଂ 'ଖାତମନ୍ ନବୀୟିନ' (ଅବତାର ଶ୍ରେଷ୍ଠ) ହେବାର ଗୌରବ ବହନ କରିଥିଲେ ସୁଦ୍ଧା ସାରା ଜୀବନ କେବେ ପେଟପୂରା ଗଣ୍ଡେ ଆହାର ଖାଇବା ଓ ଭଲ ଜାମା ଖଣ୍ଡେ ପିନ୍ଧିବା ତାଙ୍କ ଭାଗ୍ୟରେ ଜୁଟି ନ ଥିଲା। ତାଙ୍କ ବାସଗୃହ ଥିଲା ଖଣ୍ଡେ ମାଟିରେ ତିଆରି କୁଟୀର। ତାଙ୍କ ଘର ଅଗଣା ହୋଇଥିଲା ଏକ ମସ୍‌ଜିଦ ଓ ଏହାର ଧୂଳି ଧୂସରିତ ଚଟାଣ ହୋଇଗଲା ତାଙ୍କ ଆସ୍ଥାନ। ଖଜୁରିର ଚଟାଇ ହେଲା ତାଙ୍କ ବିଛଣା ଓ ନିଜ ବାହୁଯୁଗଳ ତକିଆର ମୁତୁଲା। କିନ୍ତୁ ଏହି ଅବସ୍ଥାରେ ରହି ସେ ଈଶ୍ୱରଙ୍କ ସେବା ଆରାଧନାରେ ସାରା ଜୀବନ ଉତ୍ସର୍ଗ କରିଥିଲେ। ସୁତରାଂ ତାଙ୍କ ଶ୍ରୀମୁଖରୁ ଉଚ୍ଚାରିତ ବାକ୍ୟ ଓ ନିରାସକ୍ତ କର୍ମ ଭାବନାର ଏକମାତ୍ର ଉଦ୍ଦେଶ୍ୟ ଥିଲା ପରମାତ୍ମାଙ୍କ ସାନିଧ୍ୟ ଲାଭ। ତେଣୁ ଯଥାର୍ଥରେ ଜାତିର ଜନକ ମହାତ୍ମା ଗାନ୍ଧୀ କହିଥିଲେ- ''ମୁଁ ସେହି ବ୍ୟକ୍ତିଙ୍କ ସମ୍ବନ୍ଧରେ ସବୁ କିଛି ଜାଣିବାକୁ ଚାହୁଁଥିଲି, ଯେ କି ବିନା କୌଣସି ମତଭେଦରେ କୋଟି କୋଟି ମାନବଙ୍କ ହୃଦୟରେ ପ୍ରଭୁତ୍ୱ ବିସ୍ତାର କରିଛନ୍ତି। ତାଙ୍କ ଜୀବନ ଚରିତ ଅଧ୍ୟୟନ କଲା ପରେ ମୋର ପୂର୍ବାପେକ୍ଷା ଅଧିକ ହୃଦ୍‌ବୋଧ ହୋଇଛି ଯେ, ସେ ଯୁଗରେ ଇସ୍‌ଲାମ ତରବାରି ବଳରେ କାହା ହୃଦୟରେ ବାସ କରି ନ ଥିଲା। ବରଂ ସେହି ପୟଗମ୍ବରଙ୍କ ସରଳ ଜୀବନଯାପନ, ଅତି ସୂକ୍ଷ୍ମ ତତ୍ତ୍ୱର ଅନୁସନ୍ଧାନ, ବିବେକାନୁମୋଦିତ ପ୍ରତିଶ୍ରୁତି ପାଳନ, ନିର୍ଭୀକ ଓ ସ୍ପଷ୍ଟବାଦିତା, ବନ୍ଧୁ ପ୍ରିୟଜନ, ପ୍ରତିବେଶୀ ଓ ଅନୁଗାମୀଙ୍କ ସହିତ ଗଭୀର ସ୍ନେହ ଓ ଅନୁରକ୍ତି, ଈଶ୍ୱର ନିଷ୍ଠା ଓ ସମର୍ପିତ ଭାବ ତଥା ନିଜ ମିଶନ ପ୍ରତି ଦୃଢ଼ ଆସ୍ଥା ଇତ୍ୟାଦି ବହୁମୁଖୀ ପ୍ରତିଭା ଏବଂ ତତ୍‌ସହିତ ନିଜ ସଂକଳ୍ପରେ ଅଟଳ ରହିଥିବା ଯୋଗୁ ସେ ସକଳ କଷ୍ଟକର ପରିସ୍ଥିତି ଉପରେ ନିୟନ୍ତ୍ରଣ ରଖିପାରିଥିଲେ ଓ ସମସ୍ତ ପ୍ରକାର ପ୍ରତିବନ୍ଧକକୁ ଅତିକ୍ରମ କରିଥିଲେ। ଯେତେବେଳେ ସେହି ଅବତାରଙ୍କ ଜୀବନ ପୁସ୍ତକର ଦ୍ୱିତୀୟ ଭାଗ ପଢ଼ିସାରିଲି, ଏହା ଶେଷ ହୋଇଯିବା ଯୋଗୁ ମୁଁ ଅତ୍ୟନ୍ତ ନିରାଶ ହୋଇଗଲି।' (ମହାତ୍ମା ଗାନ୍ଧୀ, ୟଙ୍ଗ୍ ଇଣ୍ଡିଆ, ୨୩ ସେପ୍ଟେମ୍ବର ୧୯୨୪)।

ଯେଉଁ ବ୍ୟକ୍ତିଙ୍କୁ ସତ୍ୟବାଦିତା, ସାଧୁତା ଓ କର୍ତ୍ତବ୍ୟନିଷ୍ଠା ଯୋଗୁ ମକ୍କାର ଲୋକେ 'ସିଦ୍ଦିକ' ଓ 'ଅମୀନ' ବୋଲି ଡାକୁଥିଲେ, ସେ ଅନ୍ୟାୟ ଓ ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରିବା ଏବଂ ଏକ ଅଲ୍ଲାଃଙ୍କ ଉପାସନା କରିବାର ବାଣୀ ପ୍ରଚାର କରିବା ଯୋଗୁ ସମସ୍ତେ ଶତ୍ରୁ ପାଲଟିଗଲେ। ଇସ୍‌ଲାମର ଧାର୍ମିକ ସହିଷ୍ଣୁତାମୂଳକ ଶିକ୍ଷା ଉପରେ ହଜରତ ମହମ୍ମଦ କାୟମନୋବାକ୍ୟରେ ପାଳନ କରୁଥିଲେ। ଏପରିକି ନିଜ ଜନ୍ମଭୂମି ମକ୍କାରେ ଦୀର୍ଘ ୧୩ ବର୍ଷ କାଳ କୋରୈଶମାନଙ୍କ ପ୍ରବଳ ବିରୋଧାଚରଣ ଓ ଅକଥନୀୟ ନିର୍ଯାତନା ଭୋଗ କରି ଆସୁଥିଲେ ସୁଦ୍ଧା ଏବଂ ୩ ବର୍ଷ ପର୍ଯ୍ୟନ୍ତ ସାମାଜିକ ବାଛନ୍ଦ ସତ୍ତ୍ୱେ ତାଙ୍କର ୪୦ ମାଇଲ୍ ଦୂରବର୍ତ୍ତୀ ତାୟ' ଯାତ୍ରାର ହୃଦୟବିଦାରକ ଘଟଣା ଧର୍ମ ସହିଷ୍ଣୁତାର ଏକ ବିରଳ ଦୃଷ୍ଟାନ୍ତ ହୋଇ ରହିବ। ସେଠାକାର ରଇସ ଅବ୍ଦ ୟାଲୈଲ ମହମ୍ମଦଙ୍କ ପିଛା କରିବା ପାଇଁ ଗୁଣ୍ଡା ଲଗାଇଦେଲେ ଓ କୁକୁର ଲଗାଇ ତାଙ୍କୁ ସହର ମଧ୍ୟରୁ ଘଉଡ଼ାଇ ଦେଲେ। ତାଙ୍କ ଉପରେ ଏପରି ପଥର ବର୍ଷା କରାଗଲା ଯେ, ତାଲୁରୁ ତଳିପାଯାଏ ଲହୁଲୁହାଣ ହୋଇଗଲା। ଏକ ପକ୍ଷେ ସେ ନିଜ ଚେହେରାରୁ ରକ୍ତ ପୋଛି ଚାଲିଥିଲେ ତ ଅନ୍ୟ ପକ୍ଷେ ସେହି କରୁଣାର ସାକ୍ଷାତ୍ ପ୍ରତିମା ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରୁଥିଲେ ଯେ, 'ସେମାନଙ୍କୁ କ୍ଷମା କରିଦିଅ। କାରଣ ସେମାନେ ଯାହା କରୁଛନ୍ତି, ତାହା ଜାଣୁନାହାନ୍ତି।' ଇତିହାସ ଏହାର ସାକ୍ଷୀ ଯେ, ଅତ୍ୟାଚାର ସହିବା ଓ ଦୁଷ୍ଟମାନଙ୍କୁ କ୍ଷମା କରିଦେବାର ଦୃଷ୍ଟାନ୍ତ ଅନ୍ୟ କେଉଁଠି ମିଳେ ନାହିଁ।

ଅନ୍ୟର ଧର୍ମଧାରଣା ପ୍ରତି ସମ୍ମାନ ପ୍ରଦର୍ଶନ କରିବା ହେଉଛି ଧାର୍ମିକ ସହନଶୀଳତାର ମୁଖ୍ୟ ଅଙ୍ଗ। ଉଦାହରଣ ସ୍ୱରୂପ, ଥରେ ହଜରତ ମହମ୍ମଦଙ୍କ ନିକଟ ଦେଇ ଏକ ଶବଯାତ୍ରା ଯାଉଥିଲା। ତାହା ଦେଖି ମହାଭାଗ ସଙ୍ଗେ ସଙ୍ଗେ ଏହାକୁ ସମ୍ମାନ ଜଣାଇ ଛିଡ଼ା ହୋଇ ପଡ଼ିଲେ। ତାଙ୍କୁ କୁହାଗଲା 'ହଜୁର! ଇଏ ତ ଜଣେ ଇହୁଦୀର ଶବ।' ତହୁଁ ସେ କହି ଉଠିଲେ, 'କ'ଣ ଇହୁଦୀ ମନୁଷ୍ୟ ନୁହନ୍ତି? (ଅଲିସତ୍ ନଫସନ)'। ସେହିପରି ଏକଦା ନାଜରାନରୁ ଆସିଥିବା ଖ୍ରୀଷ୍ଟ ମତାବଲମ୍ବୀଙ୍କୁ ସେ ମଦିନାର 'ମସ୍‌ଜିଦ ନବୱି' ଭିତର ନିଜସ୍ୱ ବିଧିରେ ଉପାସନା କରିବାକୁ ଅନୁମତି ଦେଇଥିଲେ। ଏପରି ଏକ ସର୍ବସହନଶୀଳ ଧର୍ମ ଇସ୍‌ଲାମ ଅନ୍ୟ ଧର୍ମର ଦେବଦେବୀ ପ୍ରତି ଆକ୍ଷେପମୂଳକ କଟୁ ମନ୍ତବ୍ୟ ପ୍ରୟୋଗ କରିବା ପାଇଁ କଦାପି ଅନୁମତି ଦେଇ ନାହିଁ, ଯାହାର ନିର୍ଦ୍ଦେଶ କୁରଆନରେ ମହମ୍ମଦଙ୍କୁ ସ୍ପଷ୍ଟ ଭାବରେ ଦିଆଯାଇଛି। ପୁଣି ସେହିପରି ତାଙ୍କ ଭୂମିକା ଓ ଆଚରଣ ବିଧି ନିର୍ଦ୍ଧାରଣ କରାଯାଇ କୁହାଯାଇଛି: 'ଆମ୍ଭେ ସେମାନଙ୍କ ପାଇଁ ତୁମଙ୍କୁ ସଂରକ୍ଷକ ଭାବେ ନିଯୁକ୍ତ କରିନାହୁଁ' (ଅଲ ଅନ୍‌ଆମ ୧୦୮)

କିନ୍ତୁ ଏହି ଆଦେଶର ବିପରୀତରେ ଆଜିକାଲି ଜିହାଦର ଭୁଲ ଅର୍ଥ ବାହାର କରି ନିରୀହ ଲୋକଙ୍କୁ ମାରି ସ୍ୱର୍ଗ ପାଇବାର ସ୍ୱପ୍ନ ଦେଖୁଥିବା ଆତଙ୍କବାଦୀ ସଙ୍ଗଠନଗୁଡ଼ିକୁ ଏପରି ବର୍ବରୋଚିତ ଦମନ ଲୀଳାରୁ କ୍ଷାନ୍ତ ରହିବା ପାଇଁ ଈଶ୍ୱର ବାରମ୍ବାର ଚେତାବନୀ ଦେଇ କହିଛନ୍ତି- ''ଯଦି କୌଣସି ବ୍ୟକ୍ତି ଏପରି ଜଣେ ବ୍ୟକ୍ତିକୁ ହତ୍ୟା କଲା, ଯେ କି ଅନ୍ୟକୁ ହତ୍ୟା କରିନାହିଁ, ଅଥବା ପୃଥିବୀ ପୃଷ୍ଠରେ ବିଶୃଙ୍ଖଳା ସୃଷ୍ଟି କରି ନାହିଁ, ତେବେ ଧରାଯିବ ଯେ ସତେ ଯେପରି ସେ ସମଗ୍ର ମାନବସମାଜକୁ ହତ୍ୟା କରିଛି ଏବଂ ଯେଉଁ ବ୍ୟକ୍ତି ଅନ୍ୟର ଜୀବନ ରକ୍ଷାକରିଛି, ତେବେ ଧରାଯିବ ଯେ ଯେପରି ସେ ସମଗ୍ର ମାନବସମାଜକୁ ଜୀବନ ପ୍ରଦାନ କରିଛି।'' (ଅଲ୍ ମାଏଦା :୩୩)

ହଜରତ ମହମ୍ମଦ ଥିଲେ ସମ୍ପୂର୍ଣ୍ଣ ମାନବବାଦୀ ଅବତାରୀ ପୁରୁଷ। ତାଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା କୁରଆନ ବାଣୀ, ଯାହାକୁ ଇସ୍‌ଲାମର ଅନୁଶାସନମୂଳକ ସମ୍ବିଧାନ 'ଶରୀୟତ' ବୋଲି କୁହାଯାଉଛି, ତାହା ମାଧ୍ୟମରେ ସେ ଆଜିକାଲି ଚର୍ଚ୍ଚାର ପରିସରକୁ ଆସୁଥିବା ଅନେକ ବିତର୍କମୂଳକ ପ୍ରସଙ୍ଗ ଓ ଇସ୍‌ଲାମର ନିରପେକ୍ଷ ନ୍ୟାୟଭିତ୍ତିକ ଗଣତନ୍ତ୍ର ଶାସନ ପଦ୍ଧତି ଉପରେ ବିଶ୍ୱ ମାନବ ସମାଜକୁ ନୂତନ ଦିଗ୍‌ଦର୍ଶନ ଦେଇଥିଲେ।

ପ୍ରଖ୍ୟାତ ଦାର୍ଶନିକ ଜର୍ଜ ବର୍ଣ୍ଣାଡ୍ ଶ'ଙ୍କ ଭାଷାରେ ''ମାନବସମାଜର ମୁକ୍ତିଦାତା ବୋଲାଉଥିବା ମହମ୍ମଦଙ୍କ ପରି ବ୍ୟକ୍ତି ଯଦି ବର୍ତ୍ତମାନ ମାନବ ଜଗତର ଅଧିନାୟକ ହୋଇଯା'ନ୍ତି, ତା'ହେଲେ ଜଗତରେ ସମସ୍ୟାଗୁଡ଼ିକ ଏପରି ଭାବେ ସମାଧାନ ହୋଇପାରିବ ଯେ ସଂସାରରେ ଯେଉଁ ଶାନ୍ତି, ଅହିଂସା, ନ୍ୟାୟ ଓ ସୁଖ ସମୃଦ୍ଧିର ଆବଶ୍ୟକତା ଦେଖାଦେଇଛି, ତାହା ସହଜରେ ହାସଲ ହୋଇପାରିବ।''

ସହକାରୀ ନିର୍ବାହୀ ଯନ୍ତ୍ରୀ, କେରଙ୍ଗ, ଖୋର୍ଦ୍ଧା,
ମୋ: ୯୪୩୭୬୮୪୮୫୯

## ଏଇ ଭାରତରେ

ସରକାରୀ ଜମିରେ ପଣସ ଗଛ ଲଗାଇ ଚାଲିଛନ୍ତି କେରଳର କେ.ଆର୍ ଜୟନ। ରାଜ୍ୟର ବିଭିନ୍ନ ଗାଁରେ ସେ ଏଭଳି ଅଭିଯାନ ଚଳାଇଛନ୍ତି। ଗାଁଗୁଡ଼ିକୁ 'ପାଲଭୁ ଭିଲେଜ' ବା 'ପଣସ ଗାଁ'ର ନୂଆ ପରିଚୟ ଦେଉଛନ୍ତି। ଏଥିପାଇଁ ଜୟନଙ୍କୁ ପ୍ଲାଣ୍ଟ ଜିନୋମ ସାଭିୟର କମ୍ୟୁନିଟି ଆୱାର୍ଡ ମିଳିଛି। ସେ ରହୁଛନ୍ତି ଥ୍ରିଶୁର ଜିଲାର ଇରିଞ୍ଜାଲାକୁଡା ସହରରେ ଓ ସେଠାରେ ବିଭିନ୍ନ ସ୍ଥାନରେ ୪୪ ପ୍ରକାରର ପଣସ ଗଛ ହଜାର ହଜାର ସଂଖ୍ୟାରେ ଲଗାଇଛନ୍ତି। ତାଙ୍କୁ ଶ୍ରଦ୍ଧାରେ ଲୋକ 'ପ୍ଲାଭୁ ଜୟନ' ବୋଲି ସମ୍ବୋଧନ କରୁଛନ୍ତି। ପ୍ଲାଭୁ କହିଲେ ପଣସକୁ ବୁଝାଏ। ପିଲାବେଳେ ସ୍କୁଲ୍ ପ୍ରୋଜେକ୍ଟ ପାଇଁ ସେ ପଣସ ନେଇ ଯାଇଥିବାରୁ ତାଙ୍କୁ ଏଭଳି ନାଁ ଦିଆଯାଇଥିଲା। ତେବେ ସେ ତାଙ୍କ ନାଁର ମହତ୍ତ୍ୱ ବଜାୟ ରଖିବା ଲାଗି ଲୋପ ପାଇବାକୁ ବସିଥିବା ବିଭିନ୍ନ କିସମର ପଣସକୁ ବଞ୍ଚାଇବାରେ ଲାଗିଛନ୍ତି। ୨୦ ବର୍ଷ ଧରି ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି ଓ ଏବେ ସୁଦ୍ଧା ୨୦,୦୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଇ ସାରିଲେଣି। କେଉଁମାଟିରେ କେଉଁ ପ୍ରକାର ଗଛ ବଢ଼ିପାରିବ ତାହା ଅନୁଧ୍ୟାନ କରିବା ପରେ ସେ ଗଛ ଲଗାଉଛନ୍ତି। ଜୟନ ମଞ୍ଜି ସଂଗ୍ରହ କରି ଚାରା ଉତାରୁଛନ୍ତି। କଲମି ଗଛ କେବେ ବି ଲଗାଇନାହାନ୍ତି। ଜୟନଙ୍କର ଏକ ଅଟୋ ଅଛି। ସେଥିରେ ବିଭିନ୍ନ ପ୍ରକାର ଜିନିଷ ନେଇ ବ୍ୟବସାୟ କରନ୍ତି ଓ ସେହି ଅଟୋରେ ପଣସ ଗଛ ବି ନେଇଥାଆନ୍ତି। ଯିବା ଆସିବା ସମୟରେ ବିଭିନ୍ନ ସ୍ଥାନରେ ଅଟକି ଗାଡ଼ିରେ ନେଇଥିବା ଗଛଗୁଡ଼ିକୁ ଲଗାନ୍ତି ଓ ଗାଁ ଲୋକଙ୍କ ସହଯୋଗରେ ଏହାର ସୁରକ୍ଷା ବ୍ୟବସ୍ଥା କରିଥାଆନ୍ତି। ଗତ ୧୦ ବର୍ଷ ମଧ୍ୟରେ ସେ ବିଭିନ୍ନ କଲେଜରେ ପାଖାପାଖି ୧୦୦୦ ପଣସ ଗଛ ଲଗାଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଅକ୍ଟୋବର ୧୯୯୬

- ଗୁଜରାଟରେ ସରକାର ଗଠନ ଲାଗି ମହାଗୁଜରାଟ ପାର୍ଟି (ଏମ୍‌ଜେପି) ରାଜ୍ୟପାଳଙ୍କ ନିକଟରେ ନିଜର ଦାବି ଉପସ୍ଥାପନ କରିଛି।
- ଜମ୍ମୁ-କଶ୍ମୀର ବିଧାନସଭାର ବାଚସ୍ପତି ଭାବେ ଏ.ଏମ୍. ନାୟକ ସର୍ବସମ୍ମତି କ୍ରମେ ନିର୍ବାଚିତ।
- ଶିଖ ବିରୋଧୀ ଦଙ୍ଗା ବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ ଥିବା ପି.ଭି. ନରସିଂହ ରାଓଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବି କରି ଦିଲ୍ଲୀ ହାଇକୋର୍ଟରେ ଦାଏର କରାଯାଇଥିବା ପିଟିସନ ଖାରଜ ହୋଇଯାଇଛି।
- ପ୍ରବୀଣ ସାମ୍ବାଦିକ ବଳରାମ ଟଣ୍ଡନଙ୍କ ୭୧ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ଋଣଫାଶରେ ଗରିବ ପରିବାର

ମହାଶୟ,

ମହାନ୍ ଗ୍ରନ୍ଥ ମହାଭାରତରେ ବନପର୍ବ ଅଧ୍ୟାୟରେ ଧର୍ମବକ ଓ ଯୁଧିଷ୍ଠିରଙ୍କ ଏକ ପ୍ରଶ୍ନୋତ୍ତର ବା ଧର୍ମବକ- ଯୁଧିଷ୍ଠିର ସମ୍ବାଦରେ ଧର୍ମବକଙ୍କର ଏକ ପ୍ରଶ୍ନ ଥିଲା 'କଃ ମୋଦତେ' ଅର୍ଥାତ୍ ସୁଖୀ କିଏ? ଧର୍ମବକ ବା ଯକ୍ଷଙ୍କର ଏହି ପ୍ରଶ୍ନର ଉତ୍ତରରେ ଯୁଧିଷ୍ଠିର ଯାହା ଉତ୍ତର ଦେଇଥିଲେ ତା'ର ଭାବାର୍ଥ ହେଉଛି ଯେଉଁ ଲୋକ ଋଣ କରି ନ ଥାଏ କି ଉପାର୍ଜନ ବା ରୋଜଗାର ନିମନ୍ତେ ପରବାସ ଅର୍ଥାତ୍ ଘର ପରିବାର ଛାଡ଼ି ସୁଦୂର ଦେଶ କିମ୍ବା ପ୍ରଦେଶରେ ରହିବାକୁ ପଡ଼ି ନ ଥାଏ, ବାସ୍ତବରେ ସେ ହିଁ ସୁଖୀ । ଏଥି ନିମନ୍ତେ ତାକୁ ନିଜ ବାଡ଼ିର ଶାଗ ସହ ଭାତ ଖାଇବାକୁ ପଡୁ ପଛେ ସେ ଋଣ ପରିଶୋଧ ଚିନ୍ତା , ପରିବାର ଠାରୁ ଦୂରେଇ ରହିବାର ଦୁଃଖରୁ ମୁକ୍ତ ଥାଏ ଓ ଶାନ୍ତି ଲାଭ କରିଥାଏ। ଦୁର୍ଭାଗ୍ୟ, ଆମ ରାଜ୍ୟ ପ୍ରାକୃତିକ ସମ୍ପଦ ତଥା ଜନଶକ୍ତିର ପରିପୂର୍ଣ୍ଣ ହୋଇ ଏବଂ ଦେଶ ସ୍ୱାଧୀନ ହେବାର ଏକ ଦଶନ୍ଧି ପୂର୍ବରୁ ଭାଷାଭିତ୍ତିକ ପ୍ରଦେଶ ହୋଇ ମଧ୍ୟ ଆଜି ଗରିବ । ପରିବାରର ପିତା ଓ ପୁତ୍ର ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଥିବା ସ୍ଥଳେ ଗୃହିଣୀ ଋଣଗ୍ରସ୍ତ ହେଉଛି।

-ବ୍ରଜନାଥ ବଳ, ରାଜକନିକା,କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହମା ରବ ଛାଡି ଛୁଆକୁ ଆଗରେ ଚାହିଁ
ଫେରୁଥିବ ପରା ଗୋଠୁଁ ତା'ର କାଳୀଗାଈ।
କେଉଁ ରମଣୀର ନୟନ ତାହାରି ପଥ
ଚାହିଁ ଚାହିଁ ପୁଣି ଫେରୁଥିବ ଅବିରତ।
-(ଏହି ଯେ ପାହାଡ଼)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଏସ୍‌ବିଆଇକୁ କୋଟିଏ ଟଙ୍କାର ଜରିମାନା**

ରିଜର୍ଭ ବ୍ୟାଙ୍କ ସୋମବାର ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଉପରେ ୧ କୋଟି ଟଙ୍କାର ଜରିମାନା ଲଗାଇଛି। ନିୟାମକ ଅନୁପାଳନ ଅବମାନନା ଲାଗି ଏଭଳି ଜରିମାନା ଲାଗିଥିବା ଜଣାପଡ଼ିଛି। ଗ୍ରାହକଙ୍କ ସହ ହୋଇଥିବା ଠକେଇ ସମ୍ପର୍କିତ ରିପୋର୍ଟିଂ ଏସ୍‌ବିଆଇ ଠିକ୍ ଭାବେ କରି ନ ଥିବା ଜଣାପଡ଼ିଛି। ଏହି ମାମଲାର ଯାଞ୍ଚ ସହ ଏସ୍‌ବିଆଇକୁ ନୋଟିସ ମଧ ଜାରି କରାଯାଇଥିଲା। ସେହିଭଳି କୁର୍ଲା ନାଗରିକ ସହକାରୀ ବ୍ୟାଙ୍କ ଉପରେ ମଧ ଆର୍‌ବିଆଇ ଏଭଳି ଜରିମାନା ଲଗାଇଥିଲା।

## ସଂକ୍ଷେପରେ

### ରେକର୍ଡ ସ୍ତରରେ ପୁଞ୍ଜିବଜାର

**ମୁମ୍ବାଇ,୧୮।୧୦:** ସୋମବାର ଭାରତୀୟ ପୁଞ୍ଜି ବଜାରର କାରବାର ବେଶ ଉନ୍ନତ ରହିଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୪୬୦ ପଏଣ୍ଟ ବଢ଼ିବା ଯୋଗୁ ବଜାର ରେକର୍ଡ ଉଚ୍ଚ ସ୍ତରରେ ବନ୍ଦ ହୋଇଛି। ସେନସେକ୍ସ ୬୧,୭୬୫ ପଏଣ୍ଟ ସ୍ତର ଛୁଇଁଥିବା ବେଳେ ନିଫ୍ଟି ୧୩୮ ପଏଣ୍ଟ ଉର୍ଦ୍ଧ୍ୱରେ ରହି ୧୮,୪୭୭ ପଏଣ୍ଟ ଛୁଇଁଛି। ସୋମବାର ସେନ୍‌ସେକ୍ସ ୬୧,୯୬୩ ପଏଣ୍ଟ ଏବଂ ନିଫ୍ଟି ୧୮,୫୪୩ ପଏଣ୍ଟ ସ୍ତର ଛୁଇଁବାକୁ ସକ୍ଷମ ହୋଇଥିଲା। ଗତ ୭ ଦିନ ହେବ ସେନ୍‌ସେକ୍ସ ଉର୍ଦ୍ଧ୍ୱଗାମୀ ହୋଇ ବନ୍ଦ ହୋଇଛି। ସେନ୍‌ସେକ୍ସର ୩୦ ଶେୟାର ମଧରୁ ଇନଫୋସିସ୍ ୪.୪୭%, ଟେକ ମହିନ୍ଦ୍ରା ୩.୩୬%, ଟାଟା ଷ୍ଟିଲ ୨.୭୩% ଉର୍ଦ୍ଧ୍ୱରେ ରହି ବନ୍ଦ ହୋଇଛି। ଏଚ୍‌ସିଏଲ୍ ଏବଂ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରାର ଶେୟାର ୨% ନିମ୍ନରେ ରହିଛି। ମେଟାଲ, ଆଇଟି ଏବଂ ବ୍ୟାଙ୍କିଙ୍ଗ୍ ଶେୟାରର ସହାୟତା ବଜାରକୁ ମିଳିଛି। ଏନ୍‌ଏସ୍‌ଇର ମେଟାଲ ଇଣ୍ଡେକ୍ସ ୩.୮୯%, ଆଇଟି ୧.୫୭%, ପିଏସ୍‌ୟୁ ବ୍ୟାଙ୍କ ୩.୯୮% ଉର୍ଦ୍ଧ୍ୱରେ ରହି ବନ୍ଦ ହୋଇଛି। ଫାର୍ମା ସୂଚକାଙ୍କ ୧% ନିମ୍ନରେ ରହିଛି। ୬.୨୪% ଉନ୍ନତ କାରବାର ସହ ନିଫ୍ଟିରେ ହିଣ୍ଡାଲକୋ ଟପ୍‌ରେ ରହିଛି।

### ଏୟାର ଇଣ୍ଡିଆ ଘରୋଇକରଣକୁ ଆଇଏମ୍‌ଏଫ୍‌ର ପ୍ରଶଂସା

**ନୂଆଦିଲ୍ଲୀ,୧୮।୧୦:** କ୍ଷତିରେ ଚାଲୁଥିବା ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆକୁ ଟାଟା ଗ୍ରୁପକୁ ସରକାର ବିକ୍ରି କରିଛନ୍ତି। ଏଥି ଲାଗି ପ୍ରାୟ ୧୮ ହଜାର କୋଟି ଟଙ୍କାର ଡିଲ୍ ହୋଇଛି। ଏୟାର ଇଣ୍ଡିଆର ଘରୋଇକରଣ ପଦକ୍ଷେପକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍ ) ପ୍ରଶଂସା କରିଛି। ଭାରତର ଘରୋଇକରଣ ପଦକ୍ଷେପ କ୍ଷେତ୍ରରେ ଏହା ଏକ ମାଇଲ ଖୁଣ୍ଟ ବୋଲି ଉକ୍ତ ଅନ୍ତର୍ଜାତୀୟ ଏଜେନ୍ସି ପ୍ରକାଶ କରିଛି। ଏୟାର ଇଣ୍ଡିଆର ବିଡିଂ ଟାଟା ଗ୍ରୁପ ହାସଲ କରିଥିବା ବେଳେ କେନ୍ଦ୍ର ସରକାର ଲେଟର ଅଫ୍ ଇଣ୍ଟେଣ୍ଟ ଜାରି କରିଛନ୍ତି। ଆଇଏମ୍‌ଏଫ୍ ଇଣ୍ଡିଆର ମିଶନ ଚିଫ୍ ଆଲଫ୍ରେଡ ଏସ୍. କହିଛନ୍ତି, ଏୟାର ଇଣ୍ଡିଆ ବିକ୍ରି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ଭାରତ ପାଇଁ ଏକ ମାଇଲଖୁଣ୍ଟ ମଧ।

# ଅଶୋଧିତ ତେଲ ଦର ବୃଦ୍ଧି ବଡ଼ ଆହ୍ୱାନ

**ନୂଆଦିଲ୍ଲୀ,୧୮।୧୦**


ନିର୍ମଳା ସୀତାରାମନ

ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଲଗାତାର ଭାବେ ବଢ଼ି ଚାଲିଛି। ଏହାର ପ୍ରଭାବ ସିଧାସଳଖ ଭାରତ ବଜାର ଉପରେ ପଡୁଛି। ଅଶୋଧିତ ତେଲରେ ଏଭଳି ବୃଦ୍ଧି ବଡ଼ ଆହ୍ୱାନ ସ୍ଥିତି ସୃଷ୍ଟି କରିଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର କହିଛନ୍ତି। ସୀତାରାମନ ନ୍ୟୁୟର୍କ ଗସ୍ତରେ ଥିବା ବେଳେ ବ୍ଲୁମବର୍ଗକୁ ଏକ ସାକ୍ଷାତକାରରେ କହିଛନ୍ତି, କରୋନା ପ୍ରଭାବିତ ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ଟ୍ରାକ୍‌କୁ ଫେରୁଛି। ଏଭଳି ସ୍ଥିତିରେ ଅଶୋଧିତ ତେଲ ଦର ବୃଦ୍ଧି କିଛି ଯୋଜନା ଉପରେ ପ୍ରଭାବ ପକାଇପାରେ। ସେ ପୁଣି କହିଛନ୍ତି, ଅର୍ଥ ବ୍ୟବସ୍ଥାକୁ ସହାୟତା ଦେବା ଲାଗି ଭାରତ ସରକାର ବିଭିନ୍ନ ପ୍ରୋତ୍ସାହନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହାକୁ ପ୍ରତ୍ୟାହାର କରିବା ଦିଗରେ ଏବେ କୌଣସି କାର୍ଯ୍ୟକ୍ରମ ଗ୍ରହଣ କରାଯାଇନାହିଁ। ଏଥି ଲାଗି କୌଣସି ତ୍ୱରିତତା ମଧ ନାହିଁ। ଭାରତ ବଜାର ଏକ ନିଶ୍ଚିତ ଅଭିବୃଦ୍ଧି ପଥରେ ରହିଥିବା ନୀତି ନିର୍ଦ୍ଧାରକ ସୁନିଶ୍ଚିତ କରିବାକୁ ଚାହୁଁଛନ୍ତି। ବର୍ଦ୍ଧିତ ଇନ୍ଧନ ଦର ଉପରେ ସରକାରଙ୍କ ନଜର ରହିଛି। ଅଶୋଧିତ ତେଲ ଦର ବୃଦ୍ଧି ଯୋଗୁ କେଉଁ ଆହ୍ୱାନ ସାମ୍ନା କରିବାକୁ ପଡିବ ତାହା ମଧ ଗୁରୁତ୍ୱର ସହ ନିଆଯାଉଛି।

ଇନ୍ଧନ ଦର ଲଗାତାର ଭାବେ ରେକର୍ଡ ଆଡକୁ ଯାଉଥିବାରୁ ଏ କ୍ଷେତ୍ରରେ ଅନିଶ୍ଚିତତା ମଧ ଚିନ୍ତାର କାରଣ ପାଲଟିଛି। ଅର୍ଥ ବ୍ୟବସ୍ଥାକୁ ସହାୟତା ଦେବା ଲାଗି ଭିତ୍ତିଭୂମି ଖର୍ଚ୍ଚର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିଲାଗି ସରକାର କେତେ ଅର୍ଥ ବିନିଯୋଗ କରିବେ ତାହା ମଧ ପୂର୍ବରୁ ନିଶ୍ଚିତ କରାଯାଇଛି ବୋଲି ସେ ମତ ରଖିଛନ୍ତି। ଭାରତର ଅଭିବୃଦ୍ଧି ୯.୫% ରହିବ ବୋଲି ରିଜର୍ଭ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଆକଳନ କରିଛନ୍ତି। ମାତ୍ର ଅଶୋଧିତ ତେଲ ଦର ବୃଦ୍ଧି ଏବଂ କୋଇଲା ଅଭାବ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିବା ଜଣାପଡିଛି।

## ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କ ଏଲ୍‌ଆଇସି କାର୍ଯ୍ୟାଳୟ ପରିଦର୍ଶନ




**ମୁମ୍ବାଇ,୧୮।୧୦**

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)ର ମୁମ୍ବାଇସ୍ଥିତ କେନ୍ଦ୍ରୀୟ କାର୍ଯ୍ୟାଳୟକୁ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଡ. ଭାଗବତ କିଶନ ରାଓ କରାଡ ପରିଦର୍ଶନ କରିଛନ୍ତି। ଏଲ୍‌ଆଇସି ଅଧକ୍ଷ ଏମ୍.ଆର୍.କୁମାର, ଏମ୍‌ଡି ସିଦ୍ଧାର୍ଥ ମହାନ୍ତି, ମିନି ଇପି, ବି.ସି. ପଟ୍ଟନାୟକ ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଲୋକମାନେ ଯେଭଳି ଲାଭବାନ୍ ହୋଇ ପାରିବେ ସେ ଦିଗରେ ନିରନ୍ତର ପ୍ରୟାସ କରିବାକୁ କରାଡ ଏଠାରେ ଗୁରୁତ୍ୱାରୋପ କରିଛନ୍ତି। ଏଲ୍‌ଆଇସିର ବ୍ରାଣ୍ଡ ଛବିକୁ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଶ୍ୱସ୍ତରୀୟ ଇନ୍ସ୍ୟୁରାନ୍ସ ବ୍ରାଣ୍ଡ୍ କ୍ଷେତ୍ରରେ ଏଲ୍‌ଆଇସି ଏକ ପ୍ରମୁଖ ସ୍ଥାନ ହାସଲ କରୁ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ସେ ବିଭିନ୍ନ ବିଭାଗ ପରିଦର୍ଶନ କରିବା ସହ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ।

# ହିରୋ ମୋଟୋକର୍ପର ଆକର୍ଷଣୀୟ ସ୍କିମ୍

**ନୂଆଦିଲ୍ଲୀ,୧୮।୧୦**

ହିରୋ ମୋଟୋକର୍ପ ପକ୍ଷରୁ ରିଟେଲ ଫାଇନାନ୍ସ ସ୍କିମ୍ ସମ୍ପର୍କରେ ଘୋଷଣା କରାଯାଇଛି। ପାର୍ବଣରେ ଗ୍ରାହକଙ୍କୁ ଉତ୍ସାହିତ କରିବା ଲାଗି କମ୍ପାନୀ ପକ୍ଷରୁ ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ଗ୍ରାହକ ବନ୍ଧକ ବିହୀନ, ନୋ କଷ୍ଟ ଇଏମ୍‌ଆଇ, ନଗଦ ଇଏମ୍‌ଆଇ ଭଳି ଅଭିନବ ଆର୍ଥିକ ଉତ୍ପାଦ ସୁବିଧାରେ ଲାଭ କରିପାରିବେ। ଏଭଳି ବିଭିନ୍ନ ସୁବିଧାର ଲାଭ ନେଇ ଗ୍ରାହକ ସେମାନଙ୍କ ପସନ୍ଦର ହିରୋ ମୋଟୋକର୍ପ ପ୍ରଡକ୍ଟ ଘରକୁ ଆଣିବାରେ ସକ୍ଷମ ହେବେ। ହିରୋ ଫିନ୍‌କର୍ପ ସହ ଏହା କିଷାନ ଇଏମ୍‌ଆଇ ବଲୁନ ଏଏମ୍‌ଆଇ ଭଳି ସେଗ୍‌ମେଣ୍ଟ ପ୍ରଥମ ଯୋଜନା ହାତକୁ ନେଇଛି। ଏହି ଯୋଜନାଗୁଡ଼ିକ ଚାଷ ଆୟ ଆଧାରିତ ଗ୍ରାହକ ତଥା ସିଜନାଲ ଆୟ କରୁଥିବା ଗ୍ରାହକଙ୍କ ପାଇଁ ନିର୍ଦ୍ଦିଷ୍ଟ ସମାଧାନ ପ୍ରଦାନ କରିଥାଏ। ସହଜ ବିକଳ୍ପ ଏବଂ ଅନୁକୂଳିତ ଯୋଜନା ମାଧ୍ୟମରେ ଦେଶର ପ୍ରାୟ ସମସ୍ତ ଗ୍ରାହକଙ୍କୁ ସଶକ୍ତୀକରଣ ଏବଂ ପ୍ରକ୍ରିୟାରେ ଅର୍ଥ ବ୍ୟବସ୍ଥାକୁ ବୃଦ୍ଧି କରୁଛି। ୬୯୯୯ ଟଙ୍କାରୁ ଆରମ୍ଭ ହେଉଥିବା ନିମ୍ନ ଡାଉନ ପେମେଣ୍ଟ, ଆଧାର ଭିତ୍ତିକ ଫାଇଣ୍ଡ, ୫.୫୫%ର ନିମ୍ନ ସୁଧହାର, ୪୮ ମାସ ପର୍ଯ୍ୟନ୍ତ ଦୀର୍ଘକାଳୀନ ଋଣ ଅବଧି ଭଳି ଆକର୍ଷଣୀୟ ଯୋଜନା ହିରୋ ପ୍ରସ୍ତୁତ କରିଛି। ଏସ୍‌ବିଆଇ ଏବଂ ଆଇସିଆଇସିଆଇ ଭଳି ବ୍ୟାଙ୍କର କ୍ରେଡିଟ ଏବଂ ଡେବିଟ କାର୍ଡ ବ୍ୟବହାର ଦ୍ୱାରା ତ୍ୱରିତ ଭାବେ କ୍ୟାଶ୍‌ବ୍ୟାକ୍ ପାଇପାରିବେ। ଅଧିକ ସୂଚନା ପାଇଁ ଗ୍ରାହକ ନିକଟସ୍ଥ ହିରୋ ମୋଟୋକର୍ପ ଡିଲରଶିପ ସହ ସମ୍ପର୍କ କରିପାରିବେ।

## ଆଜିଠାରୁ କଟକରେ ତନୈରା ପ୍ରଦର୍ଶନୀ,ବିକ୍ରି ମେଳା

TANEIRA
A TATA PRODUCT

**କଟକ ଅଫିସ,୧୮।୧୦**

ଟାଟାର ଏକ ବ୍ରାଣ୍ଡ ତନୈରା ପକ୍ଷରୁ କଟକରେ ପ୍ରଦର୍ଶନୀ ଏବଂ ବିକ୍ରି ମେଳା ମଙ୍ଗଳବାରଠାରୁ ଆରମ୍ଭ ହେଉଛି। ଏହା ଚଳିତ ମାସ ୨୪ ଯାଏ ଚାଲିବ। ସ୍ଥାନୀୟ କ୍ୟାଣ୍ଟନମେଣ୍ଟ ଛକ, ମାତାମଠ ସ୍ଥିତ ତନିସ୍କ ଷ୍ଟୋରରେ ପ୍ରାୟ ସପ୍ତାହେ ବ୍ୟାପି ଗ୍ରାହକ ଏହି ପ୍ରଦର୍ଶନୀ ବୁଲିବା ସହ କ୍ରୟ ସୁବିଧା ଲାଭ କରିପାରିବେ। ତନୈରାର ବନାରସ, କାଞ୍ଜିବରମ, ସାଉଥ ସିଲ୍କ, ଟସର, ମାହେଶ୍ୱରୀ ଶାଢ଼ୀର ସ୍ୱତନ୍ତ୍ର ରେଞ୍ଜ ଏଠାରେ ଗ୍ରାହକ ଲାଭ କରିପାରିବେ। ଏହାବାଦ ଗୋଟିଏ ସ୍ଥାନରେ ବ୍ଲାଉଜ, ଦୁପଟା ଏବଂ ରେଡିମେଡ୍ କୁର୍ତ୍ତା ମଧ ଉପଲବ୍ଧ ହେବ। କଟକରେ ପ୍ରଥମ ଥର ଲାଗି ଏଭଳି ଏକ ପ୍ରଦର୍ଶନୀ ଏବଂ ବିକ୍ରି ମେଳାର ଆୟୋଜନ କରାଯାଇଥିବା ତନୈରାର ମାର୍କେଟିଂ ମୁଖ୍ୟ ରଘୁବର ସେଠ୍ କହିଛନ୍ତି। ଗୋଟିଏ ଛାତ ତଳେ ଗ୍ରାହକଙ୍କୁ ସର୍ବୋତ୍ତମ ପ୍ରଡକ୍ଟ ଯୋଗାଣ ନେଇ ପଦକ୍ଷେପ ଜାରି ରହିଛି। ଟସର, ବନାରସି, ଉକତ ଏବଂ ଚାନ୍ଦେରୀ ସମେତ ଫେଷ୍ଟିଭ ଡିଜାଇନ ମଧ ଗ୍ରାହକଙ୍କ ପାଇଁ ରହିଥିବା ସେଠ୍ ସୂଚନା ଦେଇଛନ୍ତି।

# ରେନୋ କାଇଗରର ଇନ୍ଧନ ଦକ୍ଷତା

**ଭୁବନେଶ୍ୱର,୧୮।୧୦**




ରେନୋ, ଭାରତରେ ୧୦ମ ବର୍ଷରେ ପଦାର୍ପଣ କରିଛି। ଏହାର ଚାରି ମିଟରରୁ କମ୍ କମ୍ପାକ୍ଟ ଏସ୍‌ୟୁଭି, କାଇଗରର ଆଉ ଏକ ସଫଳତା ସମ୍ପର୍କରେ ଘୋଷଣା କରିଛି। ଏଥିରେ ରହିଛି ବିଶ୍ୱଶ୍ରେଣୀୟ ଟର୍ବୋଚାର୍ଜଡ୍ ୧.୦ ଲି ପେଟ୍ରୋଲ ଇଞ୍ଜିନ। କାଇଗର କେବଳ କାର୍ଯ୍ୟଦକ୍ଷତା ଓ ସ୍ପୋର୍ଟି ଡ୍ରାଇଭ୍ ପ୍ରଦାନ କରେ ନାହିଁ ବରଂ ଏଥିରେ ରହିଛି ଏହି ସେଗ୍‌ମେଣ୍ଟରେ ସର୍ବୋତ୍ତମ ଶ୍ରେଣୀୟ ୨୦.୫ କି.ମି. ଲି.ର ଇନ୍ଧନ ଦକ୍ଷତା ଯାହାକି ଏଆର୍‌ଏଆଇ ଟେଷ୍ଟିଂ ପ୍ରମାଣନ ଅନୁସାରେ ହୋଇଛି। ରେନୋ କାଇଗରରେ ରହିଛି ୩ ସିଲିଣ୍ଡର ଟର୍ବୋଚାର୍ଜଡ୍ ୧.୦ ଲିଟର ପେଟ୍ରୋଲ ଇଞ୍ଜିନ ଓ ୧୦୦ ପିଏସ୍‌ର ପାୱାର ଆଉଟପୁଟ୍ ଓ ୧୦୦ ଏନ୍‌ଏମ୍‌ର ଟର୍କ। ଏହି ଇଞ୍ଜିନ ବିଶ୍ୱସନୀୟତା ଓ ଦୀର୍ଘସ୍ଥାୟିତ୍ୱ ପାଇଁ ପରୀକ୍ଷିତ ଏବଂ ଏହା ସଦ୍ୟତମ ବୈଷୟିକ ନୂତନତା ପ୍ରଦାନକରେ। ରେନୋ କାଇଗର ଦୁଇଟି ଇଞ୍ଜିନ ବିକଳ୍ପରେ ଉପଲବ୍ଧ ହେଉଛି।


CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

VISWAJANANI FINANCE
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

DHANLAXMI FINANCE
ଦୀପାବଳୀ ଧମାକା
୧୯୨୭ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତ୍ତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
ଧୋକାବାଜ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଫୁର୍‌ସତ୍**

# ଚାଇନାରେ ଅସଲି ସ୍କିଡ୍ ଗେମ୍

## ଲୋକଙ୍କ ଅଙ୍ଗ କାଢ଼ି ନେଉଛନ୍ତି ସରକାର



**ବେଜିଂ:** ଦକ୍ଷିଣ କୋରିଆର ହରର ଡ୍ରାମା ସିରିଜ ସ୍କିଡ୍ ଗେମ୍ ନେଟଫ୍ଲିକ୍ସରେ ସମସ୍ତ ରେକର୍ଡ ଭାଙ୍ଗିଛି। ଏହି ଶୋ'ରେ ଋଣଗ୍ରସ୍ତ ହୋଇଥିବା ଲୋକଙ୍କୁ ଟଙ୍କାର ପ୍ରଲୋଭନ ଦିଆଯାଇଛି। ଫଳରେ ପରସ୍ପର ମଧରେ ରକ୍ତାକ୍ତ ଲଢ଼େଇ କରି ୪୫୫ ବ୍ୟକ୍ତି ଜଣଙ୍କ ପରେ ଜଣେ ମୃତ୍ୟୁ ମୁହଁରେ ପଡୁଛନ୍ତି। ଶେଷରେ ଜଣେ ବ୍ୟକ୍ତି ୩୮.୭ ମିଲିୟନ ଡଲାର ପୁରସ୍କାର ପାଉଛନ୍ତି। ଏଥିରେ ମାନବ ଅଙ୍ଗ ଚୋରାଚାଲାଣର ଖେଳ ମଧ ପ୍ରଦର୍ଶିତ ହୋଇଛି। ତେବେ ଚାଇନାରେ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ସରକାରଙ୍କ ଗୁପ୍ତ ନିର୍ଦ୍ଦେଶରେ ଅଙ୍ଗପ୍ରତ୍ୟଙ୍ଗ ପାଇଁ ମଣିଷକୁ ହତ୍ୟା କରିବାର ବୀଭତ୍ସ ଖେଳ ଚାଲିଛି। ଲୋକଙ୍କୁ ମାରି ସେମାନଙ୍କର ହାର୍ଟ, ଲିଭର, କିଡନୀ ଏବଂ ଅନ୍ୟାନ୍ୟ ଅଙ୍ଗ ବାହାର କରି ବିକ୍ରି ଚାଲିଛି। ଏକ ମାନବାଧିକାର ସଙ୍ଗଠନ ପକ୍ଷରୁ ଏଭଳି ଅଭିଯୋଗ ଅଣାଯାଇଛି। ଏକଚ୍ଛତ୍ରବାଦୀ ଚାଇନା ସରକାରଙ୍କ ଟାର୍ଗେଟରେ ଉଇଗର ମୁସ୍‌ଲିମ୍ ବନ୍ଦୀ ଅଛନ୍ତି। ସଂଖ୍ୟାଲଘୁ ସମ୍ପ୍ରଦାୟର ଏଭଳି କଏଦୀଙ୍କ ବଳପୂର୍ବକ ରକ୍ତ ପରୀକ୍ଷା, ଏକ୍ସ-ରେ ଏବଂ ଅଲଟ୍ରାସାଉଣ୍ଡ କରାଯାଉଛି। ଏଥିପାଇଁ କୌଣସି ସ୍ୱୀକୃତି ନିଆଯାଉନାହିଁ। ଅଣମୁସଲମାନ କଏଦୀଙ୍କ କ୍ଷେତ୍ରରେ ଏଭଳି ହେଉନାହିଁ। ଗତ ମାର୍ଚ୍ଚରେ ଚାଇନାରେ ମୁସଲମାନ କଏଦୀଙ୍କୁ ହତ୍ୟା କରାଯାଉଥିବା ନେଇ ଚର୍ଚ୍ଚା ହୋଇଥିଲା। କରୋନା ରୋଗୀଙ୍କ ଚିକିତ୍ସାରେ ସେମାନଙ୍କ ଅଙ୍ଗକୁ ବ୍ୟବହାର କରିବା ଲାଗି ଚାଇନା ସରକାର ଏଭଳି ଅମାନବୀୟ କାର୍ଯ୍ୟ କରୁଥିବା ଜଣେ ଗଣମାଧମ ପ୍ରତିନିଧି ଦାବି କରିଛନ୍ତି। ସରକାର ବର୍ଷକୁ ଏଥିପାଇଁ ଲକ୍ଷେ ଲୋକଙ୍କୁ ହତ୍ୟା କରୁଛନ୍ତି। ଅସନ୍ତୁଷ୍ଟ ଏବଂ ରାଜନୈତିକ ବନ୍ଦୀଙ୍କୁ ହତ୍ୟା କରି ଅଙ୍ଗପ୍ରତ୍ୟଙ୍ଗ ଚୋରି କରାଯାଉଛି। ଚଳିତ ବର୍ଷ ଜୁନ୍‌ରେ ଜାତିସଂଘର ଏକ ସ୍ୱତନ୍ତ୍ର ବିଶେଷଜ୍ଞ ଦଳ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲା।

## ପ୍ରଭାବଶାଳୀ ତାରକା ରଶ୍ମିକା



**ମୁମ୍ବାଇ:** ନ୍ୟାଶନାଲ କ୍ରଶ୍ ତଥା ଅଭିନେତ୍ରୀ ରଶ୍ମିକା ମନ୍ଦାନା ଫୋର୍ବସ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ପ୍ରଭାବଶାଳୀ ତାରକା ତାଲିକାର ଶୀର୍ଷ ସ୍ଥାନ ଅକ୍ତିଆର କରିଛନ୍ତି। ସବୁଠାରୁ ପ୍ରଭାବଶାଳୀ ତାରକା ଲିଷ୍ଟରେ ସେ ଅଭିନେତ୍ରୀ ସାମନ୍ଥା, ବିଜୟ ଦେବରାକୋଣ୍ଡା ଏବଂ ପୂଜା ହେଗଡେଙ୍କ ଭଳି ଷ୍ଟାରଙ୍କୁ ମଧ ପଛରେ ପକାଇଛନ୍ତି। ତେଲୁଗୁ, କାନ୍ନାଡା ଭଳି ଏକାଧିକ ଭାଷାର ଫିଲ୍ମରେ ସେ ଅଭିନୟ କରିଛନ୍ତି। ସୋସିଆଲ ମିଡିଆରେ ତାଙ୍କର ବହୁସଂଖ୍ୟାରେ ପ୍ରଶଂସକ ରହିଛନ୍ତି। ସାମାଜିକ ଗଣମାଧମରେ ଲୋକପ୍ରିୟତା, ଲାଇକ୍, କମେଣ୍ଟ, ଭିଡିଓର ଦର୍ଶକ ସଂଖ୍ୟା, ଫଲୋଅର୍ସ ଆଦି ମାନଦଣ୍ଡ ଆଧାରରେ ଫୋର୍ବସ ଏହି ତାଲିକା ପ୍ରସ୍ତୁତ କରିଥାଏ। ତାଙ୍କ ତଳକୁ ଅଭିନେତା ବିଜୟ ଦେବରାକୋଣ୍ଡା ରହିଛନ୍ତି। ଚେଲି ଚୌପୁଲୁ, ଅର୍ଜୁନ ରେଡ୍ଡି ଭଳି ଚଳଚ୍ଚିତ୍ରରୁ ସେ ବେଶ୍ ଲୋକପ୍ରିୟ ହୋଇପାରିଥିଲେ। କେଜିଏଫ୍ ଷ୍ଟାର ୟଶ ଏହି ତାଲିକାରେ ତୃତୀୟ ସ୍ଥାନରେ ରହିଛନ୍ତି। ସାଉଥ୍‌ର ମୋଷ୍ଟ ପପୁଲାର ଅଭିନେତ୍ରୀ ସାମନ୍ଥା ଚତୁର୍ଥ ପ୍ରଭାବଶାଳୀ ତାରକା ହୋଇପାରିଛନ୍ତି।

## ଫଳ ଚୋପାରୁ ବ୍ୟାଣ୍ଡେଜ

**ନୂଆଦିଲ୍ଲୀ:** ଫଳଚୋପାରୁ ତିଆରି ହେଉଛି ଆଣ୍ଟିବ୍ୟାକ୍ଟେରିଆଲ ବ୍ୟାଣ୍ଡେଜ୍। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସିଙ୍ଗାପୁରର ବୈଜ୍ଞାନିକମାନେ ଏବେ ଏମିତି ଏକ ସଫଳତା ହାସଲ କରିଛନ୍ତି। ଫଳ ଖାଇବା ପରେ ପ୍ରାୟ ସମସ୍ତେ ଚୋପାକୁ ଫିଙ୍ଗି ଦିଅନ୍ତି। କିନ୍ତୁ ସିଙ୍ଗାପୁରର ନାନୟାଙ୍ଗ ଟେକ୍ନୋଲୋଜିକାଲ ୟୁନିଭର୍ସିଟିର ବୈଜ୍ଞାନିକମାନେ ଡୁରିଅନ୍ ଫଳର ଚୋପାରୁ ତିଆରି କରିଛନ୍ତି ଆଣ୍ଟିବ୍ୟାକ୍ଟେରିଆଲ ବ୍ୟାଣ୍ଡେଜ୍। ଏହି ବ୍ୟାଣ୍ଡେଜ୍ ଶରୀରରେ ହୋଇଥିବା ଘା'କୁ ଶୀଘ୍ର ଭଲ କରିପାରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ସିଙ୍ଗାପୁରରେ ଲୋକେ ଡୁରିଅନ୍‌ର ମାଂସାଳ ଅଂଶକୁ ଖାଇ ଚୋପାକୁ ଫିଙ୍ଗି ଦିଅନ୍ତି। ତେଣୁ ଏହା ଆବର୍ଜନା ସୃଷ୍ଟି କରିଥାଏ। ମାତ୍ର ବୈଜ୍ଞାନିକମାନଙ୍କର ଏହି ଉଦ୍ଭାବନ ଫଳରେ ଏବେ ପରିବେଶ ସୁରକ୍ଷା ନେଇ ଆଉ ଏକ ପଦକ୍ଷେପ ସୃଷ୍ଟି ହୋଇପାରିଛି। ବୈଜ୍ଞାନିକମାନେ ଡୁରିଅନ୍‌ର ଚୋପାକୁ ଶୁଖାଇ ସେଥିରୁ ପ୍ରଥମେ ସେଲୁଲୋଜ୍ ପାଉଡର ତିଆରି କରିଥିଲେ। ଏହାପରେ ସେଥିରେ ଗ୍ଲିସରାଲ୍ ମିଶାଇ ପତଳା ପଟି ତିଆରି କରାଯାଇଥିଲା। ଏସବୁ ପଟିକୁ ଏକାଠି କରି ବ୍ୟାଣ୍ଡେଜ୍ ତିଆରି କରାଯାଇଛି।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ବିରଜା ପ୍ରସାଦ ନନ୍ଦ
ଆଇନଜୀବୀ ଢେଙ୍କାନାଳ-ଅନୁଗୋଳ
ଗୁଡ଼ିଆନାଳୀ, ଢେଙ୍କାନାଳ
Tax Consultant Standing Counsel, Govt. of India
ଆବିର୍ଭାବ: ୩୦।୦୫।୧୯୬୬
ତିରୋଧାନ: ୩୦।୦୯।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ସାହାଯ୍ୟ, ସହଯୋଗ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ଆଦର୍ଶ ଆମମାନଙ୍କ ଜୀବନରେ ପାଥେୟ ହେଉ। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆପଣଙ୍କ ଅମରାତ୍ମା ଲୀନ ହେଉ।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୭୦୩୭୨

**ଚତୁର୍ଦ୍ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ସବିତା ସାମନ୍ତରାୟ
ଗୋତଳବିନ୍ଧା, ସତ୍ୟଭାମାପୁର
ଆବିର୍ଭାବ: ୦୬।୧୦।୧୯୭୫
ତିରୋଧାନ: ୦୬।୧୦।୨୦୨୧
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ସୀତାରାମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ ।
ଧ-୭୧୨୦୫

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ପ୍ୟାରୀମୋହନ ମହାନ୍ତି
କୋଠବାଡ଼, ଦାଣ୍ଡମୁକୁନ୍ଦପୁର, ପୁରୀ
ଆବିର୍ଭାବ: ୨୮।୦୬।୧୯୩୦
ତିରୋଧାନ: ୩୦।୦୯।୨୦୨୦
(ଆଶ୍ୱିନ ଶୁକ୍ଳ ଚତୁର୍ଦ୍ଦଶୀ)
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀଜଗନ୍ନାଥ ଓ ଶ୍ରୀରାଧାମୋହନଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପୁତ୍ର: ରଙ୍ଗୁ, ନାଲୁ, ବୋହୂ: ଇତି, ନିନା, ଝିଅ: ସଞ୍ଜୁ, ଜ୍ୱାଇଁ: ସୁଶୀଲ, ନାତି: ଲୁଲୁ, ଚିକୁ, ଝୁକୁନ୍, କାହ୍ନା, ନାତୁଣୀ: ଲିପି, ଅଣନାତି-ନାତୁଣୀ: ସ୍ନେହା, ଆରୁଷ, ପିହୁ, ଅଭିକ୍, ପରିବାର ଓ ବନ୍ଧୁ ପରିଜନ।
ଧ-୭୦୭୪୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ସୁଶାନ୍ତ କୁମାର ସେଠୀ(ପୁଅ)
ଡମପୁର, ବେରବୋଇ, ପୁରୀ
ଆବିର୍ଭାବ: ୨୦।୦୬।୧୯୮୭
ତିରୋଧାନ: ୩୦।୧୦।୨୦୨୦
ଆଜିର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ ପରିବାରବର୍ଗ।:-
କୁନା, ଲୁନା, ଲକ୍ଷ୍ମୀ, ଟିକି, ରସାନ୍ତ, ଉପେନ୍ଦ୍ର, ବେବିନା, ପୂଜା, ସୀମା, ଖୁସୀ, ବୁବୁ, ପୀତବାସ, ହ୍ରିତିକ୍, ପ୍ରିୟଙ୍କା ଓ ଆତ୍ମୀୟସ୍ୱଜନ।
ଧ-୭୧୯୮୨

**ବିଂଶତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ଗୋକୁଳାନନ୍ଦ ମହାନ୍ତି
ଗ୍ରାମ- ପରୟା ପାଟପୁର
ଡି-୭, ଗ୍ରୀନ୍ ପାର୍କ, ଭୁବନେଶ୍ୱର
ଆଶ୍ୱିନ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ
ଆଜିର ଏ ପବିତ୍ର ଦିନରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସଂଗେ ସଂଗେ ଆଶୀର୍ବାଦ ଭିକ୍ଷା କରୁଅଛୁ।
-: ଶୋକସନ୍ତପ୍ତ :-
ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତି ନାତୁଣୀ ମାନେ।
CONTACT : 9437010088
ଧ-୭୧୧୮୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ଇନ୍ଦୁମଣୀ ସାହୁ
ବାଲିଅନ୍ତା, (ମାଟିକୋଟ)
ଆବିର୍ଭାବ: ୧୨।୦୯।୧୯୨୫
ତିରୋଧାନ: ୩୦।୧୦।୨୦୨୦
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର: ଅଭିମନ୍ୟୁ ସାହୁ, ବନ୍ଧୁ ଓ ପରିବାରବର୍ଗ।
ଧ-୭୧୨୦୬

नैनं छिन्दन्ति शस्त्राणि नैनं दहति पावकः ।
न चैनं क्लेदयन्त्यापो न शोषयति मारुतः ॥



ପ୍ରଥମ ଶ୍ରାଦ୍ଧ ବାର୍ଷିକୀ
✓ ସାବିତ୍ରି ସେନାପତି
୧୫.୦୭.୧୯୩୬ - ୩୦.୦୯.୨୦୨୦
ସ୍ୱା-ସ୍ୱର୍ଗତଃ ମଦନ ମୋହନ ସେନାପତି
ଆମ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ତୁମକୁ ମନେରଖେ। ଆମେ ତୁମର ସ୍ମୃତିକୁ ଭଲପାଉ ଏବଂ ଏହା କରିବା ପାଇଁ ସର୍ବଦା ରହିଥାଉ।
ଦୁଃଖ ଓ ପ୍ରାର୍ଥନାରେ ତାଙ୍କର ପିଲାମାନେ
ଶୈଳେନ୍ଦ୍ର ନାରାୟଣ ସେନାପତି
ରାଜେନ୍ଦ୍ର ନାରାୟଣ ସେନାପତି
ରବୀନ୍ଦ୍ର ନାରାୟଣ ସେନାପତି
ଦେବେନ୍ଦ୍ର ନାରାୟଣ ସେନାପତି
ଧର୍ମେନ୍ଦ୍ର ନାରାୟଣ ସେନାପତି
ଡଃ ଗୋପିନାଥ ପାତ୍ର, ଦୀପ୍ତି ପାତ୍ର
ଏବଂ
ସେନାପତି ପରିବାର
ଧ-୨୧୯୯୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



✓ ଇଂ. କୃଷ୍ଣ ଚନ୍ଦ୍ର ବେହେରା
ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ, ଓଡ଼ିଶା ଜଳସେଚନ ବିଭାଗ, ଭୁବନେଶ୍ୱର
ଆବିର୍ଭାବ : ୧୮।୦୨।୧୯୪୮
ତିରୋଧାନ : ୩୦।୧୦।୨୦୨୦
ଆପଣଙ୍କ ତିରୋଧାନ ଆମ ପାଇଁ ଅପୂରଣୀୟ କ୍ଷତି। ଆପଣଙ୍କ ଆଦର୍ଶ, ଶିକ୍ଷାଦାନ, ସ୍ନେହ, ନିଷ୍ଠାପର ସମାଜକଲ୍ୟାଣର ଜୀବନ ଆମମାନଙ୍କର ଦିଗ୍‌ଦର୍ଶନ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱରଙ୍କ ଠାରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପୁତ୍ର: ମାଧବ, ଗୋପାଳ, ପୁତ୍ରବଧୂ: ବେବୀ, ନାତୁଣୀ: ଆରାଧ୍ୟା, କନ୍ୟା: ମାନା, ରାନା, ଚିନା, ଘରୁ, ଜ୍ୱାଇଁ: ଲୋକନାଥ, ମନୋଜ, ବିବେକାନନ୍ଦ, ମୁକ୍ତିକାନ୍ତ ଓ ଧାନମଣ୍ଡଳ ଗ୍ରାମବାସୀବୃନ୍ଦ।
ଧ-୭୦୯୬୬

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୯/୨୦୨୧ Bhubaneswar, Tuesday, October 19/ 2021

## ସଂକ୍ଷେପରେ

### ମୁମ୍ବାଇ ଦଳର ନେତୃତ୍ୱ ନେବେ ରାହାନେ

**ମୁମ୍ବାଇ, ୧୮।୧୦ (ପି.ଟି.):** ଆସନ୍ତା ସୟେଦ ମୁସ୍ତାକ ଅଲୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ୨୦ ଜଣିଆ ଶକ୍ତିଶାଳୀ ମୁମ୍ବାଇ ଦଳ ଘୋଷଣା କରାଯାଇଛି। ଭାରତର ଟେଷ୍ଟ ଉପଅଧିନାୟକ ଅଜିଙ୍କ୍ୟ ରାହାନେଙ୍କୁ ଅଧିନାୟକ ଏବଂ ପୃଥ୍ୱୀ ଶ'ଙ୍କୁ ତାଙ୍କ ଡେପୁଟି ଭାବେ ମନୋନୀତ କରାଯାଇଛି। ଭାରତର ପୂର୍ବତନ ପେସ୍ ବୋଲର ସଲିଲ୍ ଆଙ୍କୋଲାଙ୍କ ନେତୃତ୍ୱରେ ଗଠିତ ଚୟନ କମିଟି ଦଳ ମନୋନୟନ କରିଥିଲା। ମୁମ୍ବାଇ ଏହାର ଲିଗ୍ ମ୍ୟାଚଗୁଡ଼ିକ ଗୁଆହାଟୀଠାରେ ଖେଳିବ। ମୁମ୍ବାଇ ଟି୨୦ ଦଳ: ଅଜିଙ୍କ୍ୟ ରାହାନେ (ଅଧିନାୟକ), ପୃଥ୍ୱୀ ଶ' (ଉପ ଅଧିନାୟକ) ଆଦିତ୍ୟ ତାରେ, ଶିବମ ଦୁବେ, ତୁଷାର ଦେଶପାଣ୍ଡେ, ସର୍ଫରାଜ ଖାଁ, ପ୍ରଶାନ୍ତ ସୋଲାଙ୍କି, ଶାମ୍ସ ମୁଲାନି, ଅଥର୍ବ ଆଙ୍କୋଲେକର, ଧାବଲ କୁଲକର୍ଣ୍ଣୀ, ହାର୍ଦ୍ଦିକ ତାମୋର, ମୋହିତ ଅବସ୍ତି, ସିଦ୍ଧେଶ ଲାଡ୍, ସାଇରାଜ ପାଟିଲ, ଅମନ ଖାଁ, ଅର୍ମାନ ଜାଫର, ଯଶସ୍ୱୀ ଜଇସ୍ୱାଲ, ତନୁଶ କୋଟିଆନ୍, ଦୀପକ ଶେଟ୍ଟୀ ଓ ରୟସ୍ତାନ ଡାଏସ୍।

### ରାଜ୍ୟ କୁସ୍ତି ଚାମ୍ପିୟନଶିପ୍ ଆଜିଠାରୁ

ଭୁବନେଶ୍ୱର, ୧୮।୧୦(କ୍ରୀଡ଼ା ପ୍ରତିନିଧି): କଟକ ବାରବାଟୀ ଷ୍ଟାଡିୟମ କ୍ଲବ ହାଉସରେ ରାଜ୍ୟ କୁସ୍ତି ଚାମ୍ପିୟନଶିପ୍ ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହା ବୁଧବାର ଶେଷ ହେବ। ଉଭୟ ମହିଳା ଓ ପୁରୁଷ ବିଭାଗରେ ପ୍ରତିଯୋଗିତା ହେବ। ୧୫ ବର୍ଷରୁ କମ୍ ବାଳକ ବିଭାଗରେ ୩୪-୩୮, ୪୧, ୪୪, ୪୮, ୫୨, ୫୭, ୬୨, ୬୮ କେଜି ଏବଂ ବାଳିକାରେ ୨୯-୩୩, ୩୬, ୩୯, ୪୨, ୪୬, ୫୦, ୫୪ ଏବଂ ୫୮ କେଜି ବର୍ଗରେ ପ୍ରତିଯୋଗିତା ହେବ। ସେହିପରି କ୍ୟାଡେଟ ବାଳକ ବିଭାଗରେ ୪୧-୪୫, ୪୮, ୫୧, ୫୫, ୬୦, ୬୫, ୭୧ ଓ ୮୦ ଏବଂ ବାଳିକା ବିଭାଗରେ ୩୬-୪୦, ୪୩, ୪୬, ୪୯, ୫୩, ୫୭, ୬୧ ଓ ୬୫ କେଜି ବର୍ଗରେ ମୁକାବିଲା ହେବ। ଜୁନିୟର ବିଚ୍ ପୁରୁଷ ବିଭାଗରେ ୭୦, ୮୦, ୯୦ କେଜିରେ ଏବଂ ମହିଳାରେ ୫୦, ୬୦ ଓ ୭୦ କେଜିରେ ପ୍ରତିଯୋଗିତା ହେବ। ସିନିୟର ପୁରୁଷ ଏବଂ ୨୦ ବର୍ଷରୁ କମ୍ ଏବଂ ତଦୂର୍ଦ୍ଧ୍ୱ ବିଭାଗରେ ଫ୍ରିଷ୍ଟାଇଲ ମୁକାବିଲା ହେବ। ପୁରୁଷ ବିଭାଗରେ ୫୭, ୬୧, ୬୫, ୭୦, ୭୪, ୭୯, ୮୬ ଓ ୯୨ ଏବଂ ମହିଳାରେ ୫୦, ୫୩, ୫୫, ୫୭, ୫୯, ୬୨, ୬୫ ଓ ୬୮ କେଜି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଓଡ଼ିଶା ରେସ୍‌ଲିଂ ଆସୋସିଏଶନ ସମ୍ପାଦକ କିଶୋର ବେହେରା ଜଣାଇଛନ୍ତି।

# ଆୟର୍ଲାଣ୍ଡର ସହଜ ବିଜୟ

**ଟି୨୦ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ**

**କ୍ୟାମ୍ଫରଙ୍କ ବିରଳ ରେକର୍ଡ**




ଆବୁଧାବି, ୧୮।୧୦

ଟି୨୦ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟର ଏଠାରେ ଅନୁଷ୍ଠିତ ଏକ ଗ୍ରୁପ୍ 'ଏ' ମ୍ୟାଚରେ ଆୟର୍ଲାଣ୍ଡ ୭ ଉଇକେଟରେ ନେଦରଲାଣ୍ଡକୁ ହରାଇ ଦେଇଛି। ନେଦରଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୧୦୭ ରନ ବିଜୟ ଲକ୍ଷ୍ୟକୁ ଆୟର୍ଲାଣ୍ଡ ୧୬.୧ ଓଭରରେ ମାତ୍ର ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଚମତ୍କାର ବୋଲିଂ କରି ୪ ଓଭର ସ୍ପେଲ୍‌ରେ ୨୬ ରନ ଦେଇ ୪ଟି ଉଇକେଟ ନେଇଥିବା କୁର୍ଟିସ କ୍ୟାମ୍ଫର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ହ୍ୟାଟ୍ରିକ ଅର୍ଜନ କରିବା ସହ ୪ ବଲ୍‌ରେ ୪ଟି ଉଇକେଟ ନେଇଥିଲେ। ବ୍ରେଟ୍ ଲୀ (ବନାମ ବାଂଲାଦେଶ, ୨୦୦୭) ପରେ ଦ୍ୱିତୀୟ ଖେଳାଳିଭାବେ କ୍ୟାମ୍ଫର ଟି ୨୦ ବିଶ୍ୱକପରେ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ତୃତୀୟ ବୋଲରଭାବେ ସେ ଟି୨୦ରେ ୪ ବଲ୍‌ରେ ୪ଟି ଉଇକେଟ ନେଇଥିଲେ। ପୂର୍ବରୁ ୨୦୧୯ରେ ବାଂଲାଦେଶ ବିପକ୍ଷରେ ରଶିଦ ଖାଁ ଏବଂ ସେହିବର୍ଷ ନ୍ୟୁଜିଲାଣ୍ଡ ବିପକ୍ଷରେ ଲସିଥ ମାଲିଙ୍ଗା ଏହି ସଫଳତା ପାଇଥିଲେ।

ଟସ୍ ଜିତି ନେଦରଲାଣ୍ଡ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ତେବେ ଓପନର ମାକ୍ସ ଓଡୋଡଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟର ଭଲ ଖେଳିପାରି ନ ଥିଲେ। ଓଡୋଡ ୪୭ ବଲ୍‌ରୁ ୭ ଚୌକା ସହାୟତାରେ ସର୍ବାଧିକ ୫୧ ଏବଂ ଅଧିନାୟକ ପିଟର ସିଲାର ୨୧ ରନ କରିଥିଲେ। ବିପକ୍ଷ ଦଳର କ୍ୟାମ୍ଫର ୪ଟି, ମାର୍କ ଆଡେର ୪ ଓଭରରେ ମାତ୍ର ୯ ରନ ଦେଇ ୩ଟି ଏବଂ ଜୋଶୁଆ ଲିଟିଲ ଗୋଟିଏ ଉଇକେଟ ନେଇଥିଲେ। ଆୟର୍ଲାଣ୍ଡ ୩୬ ରନରେ ୨ଟି ଉଇକେଟ ହରାଇଥିଲେ ହେଁ ଗାରେଥ ଡେଲାନିଙ୍କ ଦ୍ରୁତ ୪୪(୨୯ବଲ,୫ ଚୌକା, ୨ ଛକା) ଓ ଓପନର ପଲ୍ ଷ୍ଟ୍ରିଙ୍ଗଙ୍କ ୩୦ ରନ ସହାୟତାରେ ସହଜରେ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ନେଦରଲାଣ୍ଡର ଫ୍ରେଡ୍ କ୍ଲାସେନ, ବ୍ରେଣ୍ଡନ ଗ୍ଲୋଭର ଓ ଅଧିନାୟକ ପିଟର ସିଲାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନେଦରଲାଣ୍ଡ ୨୦ ଓଭରରେ ୧୦୬/ଅଲ୍‌ଆଉଟ (ମାକ୍ସ ଓଡୋଡ-୫୧, କୁର୍ଟିସ କ୍ୟାମ୍ଫର-୪/୨୬, ମାର୍କ ଆଡେର-୩/୯, ଜୋଶୁଆ ଲିଟିଲ-୧/୧୪)। ଆୟର୍ଲାଣ୍ଡ ୧୬.୧ ଓଭରରେ ୧୦୭/୩ (ଗେରାଥ ଡେଲାନି-୪୪, ପଲ୍ ଷ୍ଟ୍ରିଙ୍ଗ୍-୩୦, ଫ୍ରେଡ୍ କ୍ଲାସେନ-୧/୧୮, ବ୍ରେଣ୍ଡନ ଗ୍ଲୋଭର-୧/୨୧, ପିଟର ସିଲାର-୧/୧୪)।

# ବିଜୟ ସହ ପାକିସ୍ତାନ, ଦକ୍ଷିଣ ଆଫ୍ରିକାର ୱାର୍ମଅପ୍

ଦୁବାଇ, ୧୮।୧୦

ଟି୨୦ ବିଶ୍ୱକପରେ ପାକିସ୍ତାନ ଓ ଦକ୍ଷିଣ ଆଫ୍ରିକା ବିଜୟ ସହ ୱାର୍ମଅପ୍ ହୋଇଛନ୍ତି। ଏଠାରେ ଅନୁଷ୍ଠିତ ୱାର୍ମଅପ୍ ମ୍ୟାଚରେ ପାକିସ୍ତାନ ୭ ଉଇକେଟରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଆବୁଧାବିର ଟୋଲେରାନ୍ସ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୪୧ ରନରେ ଆଫଗାନିସ୍ତାନକୁ ହରାଇ ଦେଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ୨୦ ଓଭରରେ ୭ ଉଇକେଟ ହରାଇ ୧୩୦ ରନ କରିଥିଲା। ଶିମରନ ହେଟମେର ସର୍ବାଧିକ ୨୮ ଓ ଅଧିନାୟକ କିରନ ପୋଲାର୍ଡ ୨୩ ରନ କରିବାକୁ ସକ୍ଷମ ହୋଇଥିଲେ। ପାକିସ୍ତାନ ପକ୍ଷରୁ ଶାହିନ ଆଫ୍ରିଦୀ, ହାସନ ଅଲୀ ଓ ହାରିସ ରୌଫ ୨ଟି ଲେଖାଏ ଏବଂ ଇମାଦ ୱାସିମ ଗୋଟିଏ ଉଇକେଟ ନେଇଥିଲେ। ପାକିସ୍ତାନ ୧୫.୩ ଓଭରରେ ୩ ଉଇକେଟ ହରାଇ ୧୩୧ ରନ ସଂଗ୍ରହ କରି ନେଇଥିଲା। ଅଧିନାୟକ ବାବର ଆଜମ (୫୦ ରନ) ଅର୍ଦ୍ଧଶତକ ହାସଲ କରିଥିବାବେଳେ ଫକର ଜମନ ୨୪ ବଲ୍‌ରୁ ୪୬ ରନର ଉପଯୋଗୀ ଇନିଂସ ଖେଳିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ହେଡେନ ୱାଲ୍ସ ୨ଟି ଓ ରବି ରାମପାଲ ଗୋଟିଏ ଉଇକେଟ ନେଇଥିଲେ।

ଟୋଲେରାନ୍ସ ଓଭାଲରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୫ ଉଇକେଟ ହରାଇ ୧୪୫ ରନ କରିଥିଲା। ଏଡେନ ମାରକ୍ରାମ ସର୍ବାଧିକ ୪୮ ଓ ଅଧିନାୟକ ଟେମ୍ବା ବାଭୁମା ୩୧ ରନ କରିଥିଲେ। ଆଫଗାନିସ୍ତାନ ବୋଲରଙ୍କ ମଧ୍ୟରେ ମୁଜିବ ଉର୍ ରହମନ ୩ଟି ଏବଂ ମହମଦ ନବି ଓ ନଭିନ-ଉଲ୍-ହକ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୪୬ ରନ ବିଜୟ ଲକ୍ଷ୍ୟର ପିଛା କରି ଆଫଗାନିସ୍ତାନ ୨୦ ଓଭରରେ ୮ ଉଇକେଟ ହରାଇ ୧୦୪ ରନ କରି ପାରିଥିଲା। ଅଧିନାୟକ ନବି ସର୍ବାଧିକ ୩୪ ରନକରି ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଟାବ୍ରାଇଜ୍ ଶାମ୍‌ସି ୩ଟି, ଲୁନ୍‌ଗି ଏନ୍‌ଗିଡ ୨ଟି ଏବଂ ବିଜର୍ନ ଫର୍ଚୁନ, ଡ୍ୱେନ ପ୍ରିଟୋରିୟସ ଓ କେଶବ ମହାରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

# ଇଂଲଣ୍ଡକୁ ହରାଇଲା ଭାରତ

**ବିଶ୍ୱକପ ଟି୨୦ ୱାର୍ମଅପ୍ ମ୍ୟାଚ**

ଦୁବାଇ, ୧୮।୧୦

ଆଇସିସି ଟି୨୦ ବିଶ୍ୱକପର ସୋମବାର ଅନୁଷ୍ଠିତ ଏକ ୱାର୍ମଅପ୍ ମ୍ୟାଚରେ ଭାରତ ୭ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଛି। ହାଇସ୍କୋରିଂ ମ୍ୟାଚରେ ଇଂଲଣ୍ଡ ୨୦ ଓଭରରେ ୫ ଉଇକେଟ ହରାଇ ୧୮୮ ରନ କରିଥିଲା। ଭାରତ ୧୯ ଓଭରରେ ୩ ଉଇକେଟ ହରାଇ ୧୯୨ ରନ ସଂଗ୍ରହ କରି ନେଇଥିଲା।

୧୮୯ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତ ଲୋକେଶ ରାହୁଲ ଓ ଇଶାନ କିଶନଙ୍କ ଓପନିଂ ଯୋଡ଼ିରେ ୫୦ ବଲ୍‌ରୁ ୮୨ ରନ ଯୋଗକରି ଦୃଢ଼ ଭିତ୍ତି ପକାଇଥିଲା। ରାହୁଲ ୨୪ ବଲ୍‌ରୁ ୫୧ (୬ ଚୌକା, ୩ ଛକା) ରନ କରି ମାର୍କ ଉଡ୍‌ଙ୍କ ବଲ୍‌ରେ ଆଉଟ ହୋଇଥିଲେ। କିଶନ କିନ୍ତୁ ଖେଳିଥିଲେ ଦମ୍‌ଦାର ଇନିଂସ। ଅଧିନାୟକ ବିରାଟ କୋହଲି ୧୩ ବଲ୍‌ରୁ ୧୧ ରନ କରି ଆଉଟ ହୋଇ ଯାଇଥିଲେ ହେଁ ଇଶାନଙ୍କ ଉପରେ ତା'ର କିଛି ପ୍ରଭାବ ପଡ଼ି ନ ଥିଲା। ସେ ୪୬ ବଲ୍‌ରୁ ୭ ଚୌକା ଓ ୩ ଛକା ସହାୟତାରେ ୭୦ ରନ କରିଥିବାବେଳେ ସୂର୍ଯ୍ୟକୁମାର ଯାଦବଙ୍କୁ ବ୍ୟାଟିଂ ଅଭ୍ୟାସ ସୁଯୋଗ ଦେବା ଲକ୍ଷ୍ୟରେ ରିଟାୟର୍ଡ ହର୍ଟ ହୋଇ ପ୍ୟାଭିଲିୟନ ଫେରିଥିଲେ। କିଶନ କ୍ରିଜ୍ ଛାଡ଼ିବାପରେ ରନ୍ ହାର ଧିମେଇ ଯାଇଥିଲା। ସୂର୍ଯ୍ୟକୁମାର ମଧ୍ୟ ଦକ୍ଷତା ଅନୁସାରେ ଖେଳିପାରି ନ ଥିଲେ। ସେ ୯ ବଲ୍‌ରୁ ମାତ୍ର ୮ ରନ କରି ଆଉଟ ହୋଇଥିଲେ। ତେବେ ରିଷଭ ପନ୍ତ ୧୪ ବଲ୍‌ରୁ ୨୯(୧ ଚୌକା, ୩ ଛକା) ଓ ହାର୍ଦ୍ଦିକ ପାଣ୍ଡ୍ୟା ୧୦ ବଲ୍‌ରୁ ୧୨(୨ ଚୌକା) ରନରେ ଅପରାଜିତ ରହି ଦଳକୁ ଗୋଟିଏ ଓଭର ପୂର୍ବରୁ ବିଜୟୀ କରାଇଥିଲେ। ୧୯ତମ ଓଭରରେ କ୍ରିସ୍ ଜୋର୍ଡାନ ୨୩ ରନ ବ୍ୟୟ କରିଥିଲେ। ଛକା ମାରି ଭାରତୀୟ ଇନିଂସର ପରିସମାପ୍ତି ଘଟାଇଥିଲେ ହାର୍ଦ୍ଦିକ।

ଭାରତ ଟସ୍ ଜିତି ପ୍ରଥମେ ଇଂଲଣ୍ଡକୁ ବ୍ୟାଟିଂପାଇଁ ଆମନ୍ତ୍ରଣ କରିଥିଲା। ଇଂଲଣ୍ଡ ଟପ୍ ଅର୍ଡରର ପ୍ରଥମ ୩ ବ୍ୟାଟ୍ସମ୍ୟାନ ଜାସନ ରୟ (୧୭ ରନ, ୧୩ ବଲ, ୨ ଚୌକା), ଅଧିନାୟକ ଜୋସ ବଟଲର (୧୮ ରନ, ୧୩ବଲ, ୩ଚୌକା) ଓ ଦାୱିଦ ମଲନ (୧୮ ରନ, ୧୮ ବଲ, ୩ ଚୌକା) ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ମାତ୍ର ମିଡଲ ଅର୍ଡରରେ ଜନି ବେୟାରଷ୍ଟୋ ୩୬ ବଲ୍‌ରୁ ୪୯ (୪ ଚୌକା, ୧ ଛକା), ଲିଆମ ଲିଭିଂଷ୍ଟୋନ ୨୦ ବଲ୍‌ରୁ ୩୦ (୪ ଚୌକା, ୧ ଛକା) ଏବଂ ମୋଇନ ଅଲୀ ୨୦ ବଲ୍‌ର ୪୩ (୪ ଚୌକା, ୨ ଛକା) ରନ ସ୍କୋର କରି ଇଂଲଣ୍ଡର ବଡ଼ ସ୍କୋରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଭୁବନେଶ୍ୱର କୁମାରଙ୍କ ଶେଷ ୨ଟି ବଲ୍‌କୁ ଛକାରେ



ମେଣ୍ଟର ଭୂମିକାରେ ମହେନ୍ଦ୍ର ସିଂ ଧୋନୀ।

ପରିଣତ କରି ଅନ୍ତିମ ଓଭରରୁ ୨୧ ରନ ସଂଗ୍ରହ କରିଥିଲେ ମୋଇନ। ଫଳରେ ୧୯ ଓଭର ବେଳକୁ ୧୬୭/୫ରେ ଥିବା ଇଂଲଣ୍ଡ ଇନିଂସ ଶେଷ ବେଳକୁ ୧୮୮ରେ ପହଞ୍ଚି ଯାଇଥିଲା। ଭୁବନେଶ୍ୱର ୪ ଓଭରରେ ୫୪ ରନ ବ୍ୟୟ କରିଥିଲେ। ମହମ୍ମଦ ସାମି ୩ଟି ଉଇକେଟ ନେଇଥିଲେ ହେଁ ୪ ଓଭରରେ ୪୦ ରନ ଦେଇଥିଲେ। ସେହିପରି ରାହୁଲ ଚହର ୪ ଓଭରରେ ୪୩ ରନ ବ୍ୟୟ କରି ଗୋଟିଏ ଉଇକେଟ ପାଇଥିଲେ। ଯଶପ୍ରୀତ୍ ବୁମ୍‌ରା ୨୬ ରନ ଦେଇ ଗୋଟିଏ ଉଇକେଟ ନେଇଥିବାବେଳେ ରବିଚନ୍ଦ୍ରନ ଅଶ୍ୱିନ ଉଇକେଟ ପାଇ ନ ଥିଲେ ହେଁ ୪ ଓଭରରେ ମାତ୍ର ୨୩ ରନ ଦେଇଥିଲେ। ମ୍ୟାଚ୍ ଅବସରରେ ମହେନ୍ଦ୍ର ସିଂ ଧୋନୀ ଭାରତୀୟ ଦଳର ମେଣ୍ଟର ଭୂମିକାରେ ନଜରକୁ ଆସିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୨୦ ଓଭରରେ ୧୮୮/୫ (ଜନି ବେୟାରଷ୍ଟୋ-୪୯, ମୋଇନ ଅଲୀ-୪୩*, ଲିଆମ ଲିଭିଂଷ୍ଟୋନ-୩୦, ମହମ୍ମଦ ସାମି-୩/୪୦, ଯଶପ୍ରୀତ୍ ବୁମ୍‌ରା-୧/୨୬, ରାହୁଲ ଚହର-୧/୪୩)। ଭାରତ ୧୯ ଓଭରରେ ୧୯୨/୩ (ଇଶାନ କିଶନ-୭୦, ଲୋକେଶ ରାହୁଲ-୫୧, ରିଷଭ ପନ୍ତ-୨୯, ମାର୍କ ଉଡ୍-୧/୨୨, ଲିଆମ ଲିଭିଂଷ୍ଟୋନ-୧/୧୦, ଡେଭିଡ ୱିଲି-୧/୧୬)।

# ଫ୍ରାନ୍ସରେ ଫେନ୍‌ସିଂ ପ୍ରତିଯୋଗିତା ଜିତିଲେ ଭବାନୀ ଦେବୀ


ପୁରସ୍କାର ଗ୍ରହଣ ଅବସରରେ ଭବାନୀ ଦେବୀ (ବାମରୁ ଦ୍ୱିତୀୟ)।

**ନୂଆଦିଲ୍ଲୀ, ୧୮।୧୦ (ପି.ଟି.):** ଭାରତୀୟ ଫେନ୍‌ସର ଭବାନୀ ଦେବୀ ଫ୍ରାନ୍ସରେ ଚାଲିଥିବା ଚାର୍ଲେଭିଲ୍ ନ୍ୟାଶନାଲ ପ୍ରତିଯୋଗିତାର ମହିଳା ବ୍ୟକ୍ତିଗତ ସାବ୍ରେ ଇଭେଣ୍ଟ ଜିତିଛନ୍ତି। ୨୮ ବର୍ଷୀୟା ଭବାନୀ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ଇତିହାସ ରଚିଥିଲେ। କୌଣସି ଅଲିମ୍ପିକ୍ସରେ ଫେନ୍‌ସିଂ ଇଭେଣ୍ଟରେ ଅଂଶଗ୍ରହଣ କରିବାରେ ସେ ପ୍ରଥମ ଭାରତୀୟ ବିବେଚିତ ହୋଇଥିଲେ। ଟୋକିଓ ଗେମ୍ସର ରାଉଣ୍ଡ ଅଫ୍ ୬୪ ମ୍ୟାଚରେ ଭବାନୀ ଟ୍ୟୁନିସିଆର ନାଡିଆ ବେନ୍ ଅଜିଜିଙ୍କୁ ୧୫-୩ରେ ପରାସ୍ତ କରିଥିଲେ। କିନ୍ତୁ ରାଉଣ୍ଡ ଅଫ୍ ୩୨ରେ ସେ ବ୍ରୋଞ୍ଜ ପଦକ ବିଜୟିନୀ ଫ୍ରାନ୍ସର ମାନନ ବ୍ରୁନେଟଙ୍କଠାରୁ ହାରିଯାଇଥିଲେ। ଭାରତର ଏହି ଶୀର୍ଷ ର୍‌ୟାଙ୍କିଙ୍ଗପ୍ରାପ୍ତ ଫେନ୍‌ସର ବର୍ତ୍ତମାନ ବିଶ୍ୱ ର୍‌ୟାଙ୍କିଙ୍ଗରେ ୫୦ତମ ସ୍ଥାନରେ ଅଛନ୍ତି। ୨୦୨୨ ଏସିଆନ ଗେମ୍ସକୁ ନଜରରେ ରଖି ପ୍ରସ୍ତୁତି ପାଇଁ ସେ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଉଛନ୍ତି।

# ନିଶ୍ଚିତ ବିଜୟ ଆବଶ୍ୟକ କରୁଛି ବାଂଲାଦେଶ

ଅଲ୍ ଅମରାଟ୍ (ଓମାନ), ୧୮।୧୦ (ପି.ଟି.)

ଟି୨୦ ବିଶ୍ୱକପ୍‌ର ପ୍ରଥମ ରାଉଣ୍ଡରେ ବାଂଲାଦେଶ ପାଇଁ କର ଅବା ମର ପରିସ୍ଥିତି ସୃଷ୍ଟି ହୋଇଛି। ଟୁର୍ନାମେଣ୍ଟରେ ତିଷ୍ଠି ରହିବାକୁ ହେଲେ ଦଳକୁ ମଙ୍ଗଳବାର ଆୟୋଜକ ଓମାନ ବିପକ୍ଷ ମ୍ୟାଚ ଜିତିବାକୁ ପଡ଼ିବ। ନିଜ ଦେଶରେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆକୁ ପରାସ୍ତ କରିବା ପରେ ବାଂଲାଦେଶ ୬ଷ୍ଠ ର୍‌ୟାଙ୍କିଙ୍ଗ ଦଳ ଭାବେ ଟୁର୍ନାମେଣ୍ଟରେ ଯୋଗ ଦେଇଥିଲା। ଦଳ ଏହାର ଉଦ୍‌ଘାଟନୀ ମ୍ୟାଚ ହାରି ସାରିଥିବାରୁ ମଙ୍ଗଳବାର ମ୍ୟାଚରେ ନିଶ୍ଚିତ ବିଜୟ ଆବଶ୍ୟକ କରୁଛି।

# ନୋରି, ବଦୋସା ଚାମ୍ପିୟନ

**ବିଏନ୍‌ପି ପାରିବାସ ଓପନ ଟେନିସ**

ଇଣ୍ଡିଆନ ୱେଲ୍ସ, ୧୮।୧୦(ଏପି)

ବ୍ରିଟେନର କାମେରନ ନୋରି ଓ ସ୍ପେନର ପାଉଲା ବଦୋସା ପ୍ରଥମଥରପାଇଁ ବିଏନ୍‌ପି ପାରିବାସ ଓପନ ଟେନିସ ଟାଇଟଲ ଜିତିଛନ୍ତି। କରୋନା ସଂକ୍ରମଣ ଯୋଗୁ ପ୍ରତିଯୋଗିତା ବିଳମ୍ବରେ ଅନୁଷ୍ଠିତ ହୋଇଥିଲା। ଅନେକ ନାମୀ ଖେଳାଳି ଭାଗ ନେଇ ନ ଥିବାରୁ ଟପ୍-୨୫ ର୍‌ୟାଙ୍କ ବାହାରର ଦୁଇ ଖେଳାଳି ଟାଇଟଲ ହାସଲ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ଫାଇନାଲରେ ନୋରି ୩-୬, ୬-୪, ୬-୧ ସେଟ୍‌ରେ ନିକୋଲୋଜ ବାସିଲାଶଭିଲିଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ୨୦୧୦ ପରେ ପ୍ରଥମ ଥରପାଇଁ ଟପ୍-୨୫ ର୍‌ୟାଙ୍କ ବାହାରର ଖେଳାଳିଭାବେ ନୋରି ଏହି ସଫଳତା ପାଇଛନ୍ତି। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସ ଫାଇନାଲରେ ବଦୋସା ୭-୬(୫), ୨-୬, ୭-୬(୨) ସେଟ୍‌ରେ ଭିକ୍ଟୋରିଆ ଆଜାରେଙ୍କାଙ୍କୁ ହରାଇଛନ୍ତି। ଇଣ୍ଡିଆନ ୱେଲ୍ସରେ ନିଜ ପ୍ରଥମ ପଦାର୍ପଣରେ ତୃତୀୟ ଖେଳାଳିଭାବେ ବଦୋସା ଚାମ୍ପିୟନ ହୋଇଛନ୍ତି। ଅଢ଼େଇ ବର୍ଷପରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରୁ ନୋଭାକ ଜୋକୋଭିଚ୍, ରାଫାଲ ନାଡାଲ, ରୋଜର ଫେଡରର, ନାଓମି ଓସାକା ଓ ସେରେନା ୱିଲିୟମ୍ସଙ୍କ ପରି ପ୍ରତିଷ୍ଠିତ ଖେଳାଳି ଓହରି ଯାଇଥିଲେ। ୨ ସପ୍ତାହ ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ଏକାଧିକ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା। ଫଳରେ ଟପ୍ ସିଡ୍ ଡାନିଲ ମେଡଭେଡେଭ ଓ କାରୋଲିନା ପ୍ଲିସକୋଭାଙ୍କ ପରି ଖେଳାଳିଙ୍କୁ ଶୀଘ୍ର ବିଦା ହେବାକୁ ପଡ଼ିଥିଲା। ଦୁଇ ଯୁବ ଖେଳାଳି ନୋରି ଓ ବଦୋସାଙ୍କ ପାଇଁ ଏହା ସବୁଠାରୁ ବଡ଼ ଟାଇଟଲ। ଉଭୟ ଖେଳାଳି ୧.୨ ମିଲିୟନ ଡଲାର ଲେଖାଏ ପୁରସ୍କାର ଆକାରରେ ପାଇଛନ୍ତି।

ନୋରିଙ୍କ ର୍‌ୟାଙ୍କିଙ୍ଗ୍ ଏବେ ୨୬ । ପ୍ରଥମ ସେଟ୍‌ରେ କଡ଼ା ଚ୍ୟାଲେଞ୍ଜ ପାଇ ପଛୁଆ ରହିଥିଲେ ବି ସେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବାସିଲାଶଭିଲିଙ୍କ ର୍‌ୟାଙ୍କ ହେଉଛି ୩୬। ଜର୍ଜିଆର ପ୍ରଥମ ଖେଳାଳିଭାବେ ସେ ଏକ ଏଟିପି ମାଷ୍ଟର୍ସ ୧୦୦୦ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ। ୧୯୮୭ରେ ଟୁର୍ନାମେଣ୍ଟ ଇଣ୍ଡିଆନ ୱେଲ୍ସରେ ହେବା ପରଠାରୁ ୨୬ତମ ର୍‌ୟାଙ୍କ୍ ଖେଳାଳିଭାବେ ୨୦୦୦ରେ ଆଲେକ୍ସ କୋରେଜା ଓ ୧୯୯୧ରେ ଜିମ୍ କୋରିଅର ଏଠାରେ ଟାଇଟଲ ଜିତିଥିଲେ। ୧୯୮୫ରେ ୧୪୩ତମ ର୍‌ୟାଙ୍କ୍ ଖେଳାଳି ଲାରି ଷ୍ଟେଫାଙ୍କି ଟାଇଟଲ ଜିତିଥିଲେ। ସେତେବେଳେ ଟୁର୍ନାମେଣ୍ଟ ଲା କ୍ୱିଣ୍ଟାରେ ଅନୁଷ୍ଠିତ ହୋଇଥିଲା। ୨୦୧୯ରେ ବାଏଙ୍କା ଆନ୍ଦ୍ରେସ୍କୁ ଏବଂ ୧୯୯୯ରେ ସେରେନା ୱିଲିୟମ୍ସ ପ୍ରଥମ ପଦାର୍ପଣରେ ଟାଇଟଲ ଜିତିଥିଲେ। ବଦୋସା ଏବେ ଏହି କ୍ଲବରେ ସାମିଲ ହୋଇଛନ୍ତି। ମିଳିତଭାବେ ଏଟିପି ଓ ଡବ୍ଲ୍ୟୁଟିଏ ଟୁର୍ ଇଭେଣ୍ଟର ଅନ୍ୟତମ ବୃହତ୍ ପ୍ରତିଯୋଗିତା ପାରିବାସ ଓପନ କରୋନା ସଂକ୍ରମଣ ପାଇଁ ୨୦୨୦ ମାର୍ଚ୍ଚରେ ବାତିଲ ହୋଇଥିଲା। ତେବେ ଆସନ୍ତା ବର୍ଷଠାରୁ ଏହା ନିର୍ଦ୍ଧାରିତ ସମୟ ମାର୍ଚ୍ଚ ମାସରେ ଅନୁଷ୍ଠିତ ହେବ।


ଟ୍ରଫି ସହ କାମେରନ ନୋରି।


ବିଏନ୍‌ପି ପାରିବାସ ଓପନ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ଶଟ୍ ଖେଳିବା ଅବସରରେ ସ୍ପେନର ପାଉଲା ବଦୋସା।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୯/୨୦୨୧ (୮+୮ପୃଷ୍ଠା) Bhubaneswar, Tuesday, October 19/2021






KP GROUP Quality Since 1965
KAMLA PASAND
ସିଲ୍ଭର କୋଟେଡ୍ ଇଲାଇଚି
KAMLA PASAND
Saffron Blended
KP GROUP Quality Since 1965
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: YouTube

ଧରିତ୍ରୀ
DHARITRI
ମଙ୍ଗଳବାର, ଅକ୍ଟୋବର ୧୯/୨୦୨୧ Tuesday, October 19/2021 | ପୃଷ୍ଠା-୧

# ତୃତୀୟ ଲହରର ସଙ୍କେତ ନାହିଁ

ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)

କୋଭିଡ୍‌ର ତୃତୀୟ ଲହର ଭୟାବହତାକୁ ନେଇ ଯାହା ଆଶଙ୍କା କରାଯାଉଥିଲା ସେମିତି କିଛି ସଙ୍କେତ ନାହିଁ। ପ୍ରଥମ ଓ ଦ୍ୱିତୀୟ ଲହର ମଧ୍ୟରେ ଥିବା ବ୍ୟବଧାନକୁ ହିସାବକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏଭଳି ଆକଳନ କରିଛନ୍ତି। ପୂର୍ବରୁ କେତେଜଣ ଡାକ୍ତର ଓ ଭାଇରୋଲୋଜିଷ୍ଟ ଅକ୍ଟୋବର କିମ୍ବା ନଭେମ୍ବରରେ ସମ୍ଭାବ୍ୟ ତୃତୀୟ ଲହର ଆସିବ ବୋଲି ସତର୍କ କରାଇଥିଲେ। ତେବେ ମହାମାରୀ କୋଭିଡ୍ ଦୁର୍ବଳ ହେଉଥିବାରୁ ଓ ନୂଆ ଭାରିଆଣ୍ଟ ଏଯାଏ ଦେଖାଯାଇ ନ ଥିବାରୁ ଆଗକୁ ସେମିତି ସ୍ଥିତି ଉପୁଜିବା ସୂଚନା ନାହିଁ ବୋଲି ବିଶେଷଜ୍ଞମାନେ କହିଛନ୍ତି।

କରୋନା ପାଇଁ ସବୁକ୍ଷେତ୍ର ଗୁରୁତର ପ୍ରଭାବିତ ହେଉଥିବାରୁ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଏହାର ମୁକାବିଲା ପାଇଁ ସବୁ ଚେଷ୍ଟା ଜାରି ରଖିଛନ୍ତି। ଦ୍ୱିତୀୟ ଲହରରେ ସୃଷ୍ଟି ହୋଇଥିବା ନୂଆ ଭାରିଆଣ୍ଟ ବିପଦ

## କରୋନାର ନୂଆ ଭାରିଆଣ୍ଟ ଏଯାଏ ଦେଖାଯାଇନି



ଆଣିଥିଲା। ଅଧିକ ଲୋକ ସଂକ୍ରମଣର ଶିକାର ହେବା ସହ ବହୁ ଲୋକଙ୍କର ମୃତ୍ୟୁ ଘଟିଥିଲା। ଫଳରେ ସମ୍ଭାବ୍ୟ ତୃତୀୟ ଲହରକୁ ନେଇ ଅଧିକ ତର୍ଜମା ଚାଲିଥିଲା। ଏହା ଆହୁରି ଭୟଙ୍କର ହେବ, ବିଶେଷକରି ଶିଶୁମାନେ ଅଧିକ ସଂକ୍ରମିତ ହେବେ ବୋଲି ବିଶେଷଜ୍ଞମାନେ କହିଥିଲେ। ହେଲେ ଏବେ ସେଭଳି ଆଶଙ୍କା ଟଳିଯାଇଛି। ତେବେ ସରକାର ଓ ବିଶେଷଜ୍ଞମାନେ ଜନସାଧାରଣଙ୍କୁ ଆସନ୍ତା ଫେବୃୟାରୀ ପର୍ଯ୍ୟନ୍ତ କରୋନା ନିୟମକୁ କଡ଼ାକଡ଼ି ପାଳନ ପାଇଁ ପରାମର୍ଶ ଦେଇଛନ୍ତି। କାରଣ ସେତେବେଳକୁ ସବୁ ନାଗରିକ ଓ ପିଲାଙ୍କ ଟିକାକରଣ ସରିଯାଇଥିବା ସେମାନେ ଆଶାବ୍ୟକ୍ତ କରିଛନ୍ତି।

ସ୍ୱାସ୍ଥ୍ୟ କମିଶନର ରଣଦୀପ କହିଛନ୍ତି, ଜିନୋମ୍ ସିକ୍ୱେନ୍ସିଂ ଠିକ୍ ଭାବେ କରାଯାଉଛି। ପ୍ରତିଦିନ ୧୦ ପ୍ରତିଶତ ପଜିଟିଭ ନମୁନା ଅଧ୍ୟୟନ କରାଯାଉଛି। କିନ୍ତୁ ଖୁସିର କଥା ଯେ, ଏହି ନମୁନା ଭିତରେ ନୋଭେଲ କରୋନା ଭାଇରସ୍‌ର କୌଣସି ନୂଆ ଭାରିଆଣ୍ଟର ପ୍ରମାଣ ମିଳିନାହିଁ।

ସେପଟେ ଓଡ଼ିଶାରେ ବି ତୃତୀୟ ଲହରର କୌଣସି ଲକ୍ଷଣ ଦେଖାଯାଇ ନ ଥିବା ବିଶେଷଜ୍ଞମାନେ କହିଛନ୍ତି। ତେବେ ଆସନ୍ତା ୩ ମାସ ଆମ ପାଇଁ ନିର୍ଣ୍ଣାୟକ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି। ପୂର୍ବରୁ ଡିଏମ୍ଇଟି ସିବିକେ ମହାନ୍ତି କହିଥିଲେ, ରାଜ୍ୟରେ ଯଦିଓ କରୋନା ଉପର ତଳ ହେଉଛି, କିନ୍ତୁ ତାହା ତୃତୀୟ ଲହର ବୋଲି ଆମେ କହିପାରିବା ନାହିଁ। ଏ ନେଇ ନୂଆ ଭାରିଆଣ୍ଟ ଆସିଛି କି ନାହିଁ ଜିନୋମ୍ ସିକ୍ୱେନ୍ସିଂ ଚାଲିଛି। କିନ୍ତୁ ଏବେ ବି କରୋନା ସଂକ୍ରମଣ ସମ୍ପୂର୍ଣ୍ଣ ଭାବେ ଯାଇ ନାହିଁ। ତେଣୁ ଏବେ ବି ଆମକୁ ସତର୍କତାର ସହ ରହିବାକୁ ପଡ଼ିବ। ନଚେତ୍ କଟକଣାରେ ସାମାନ୍ୟ ଢିଲା କରିଦେଲେ ପୁଣି ସଂକ୍ରମଣ ବଢ଼ିଯିବ ବୋଲି ଡିଏମ୍ଇଟି କହିଛନ୍ତି।

## କୋଟିଏ ଲୋକ ନେଲେ ଦୁଇ ଡୋଜ୍ ଟିକା

କରୋନା ଟିକାକରଣରେ ଓଡ଼ିଶା ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ସୋମବାର ସୁଦ୍ଧା ରାଜ୍ୟରେ ୧ କୋଟି ଲୋକ ଦୁଇ ଡୋଜ୍ ଟିକା ନେଇ ସାରିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କୋୱିନ ଡ୍ୟାସ୍‌ବୋର୍ଡ ସୂଚନାନୁସାରେ, ରାଜ୍ୟରେ ସୋମବାର ସନ୍ଧ୍ୟା ସୁଦ୍ଧା ୩,୪୩,୬୨,୫୮୪ ଡୋଜ୍ ଟିକାକରଣ ହୋଇଛି। ଏଥିମଧ୍ୟରେ ୨କୋଟି ୪୩ ଲକ୍ଷ ୨୩ ହଜାର ୧୪୬ଜଣ ପ୍ରଥମ ଡୋଜ୍ ନେଇଥିବାବେଳେ ୧ କୋଟି ୩୯ ହଜାର ୪୩୮ଜଣ ଦୁଇଟି ଡୋଜ୍ ନେଇଛନ୍ତି।

ଏ ସମ୍ପର୍କରେ ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ରାଜ୍ୟ ନୋଡାଲ ଟିକାକରଣ ଅଧିକାରୀ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି, ରାଜ୍ୟରେ ୩୨ ପ୍ରତିଶତ ହିତାଧିକାରୀ ସମ୍ପୂର୍ଣ୍ଣ ଟିକା ନେଇଛନ୍ତି। ଆମେ ବର୍ତ୍ତମାନ ଦ୍ୱିତୀୟ ଡୋଜ୍ ନେଇ ନ ଥିବା ରାଜ୍ୟର ୨୪ ଲକ୍ଷ ହିତାଧିକାରୀଙ୍କୁ ଟିକା ଦେବା ପାଇଁ କାର୍ଯ୍ୟ କରୁଛୁ। ଆସନ୍ତା ଡିସେମ୍ବର ସୁଦ୍ଧା ରାଜ୍ୟର ଶତ ପ୍ରତିଶତ ଲୋକଙ୍କୁ ପ୍ରଥମ ଡୋଜ୍ ଟିକା ଦେବା ପାଇଁ ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ଭୁବନେଶ୍ୱର ମହାନଗର ନିଗମ ଓ ବ୍ରହ୍ମପୁର ମହାନଗର ନିଗମ, ଦେବଗଡ଼ର ରିଆମାଳ ବ୍ଲକ୍, କନ୍ଧମାଳର ଟିକାବାଲି, ଜି ଉଦୟଗିରି ଓ ରାଇକିଆ ବ୍ଲକ୍ , ଗଞ୍ଜାମର ବେଲଗୁଣ୍ଠା ବ୍ଲକ୍ ଏବଂ ରାଜ୍ୟର ୩,୫୪୦ ଗାଁରେ ସମସ୍ତ ହିତାଧିକାରୀ ପ୍ରଥମ ଡୋଜ୍ ଟିକା ନେଇସାରିଥିବା ଡା. ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ୨୬ରେ ଆଉ ଏକ ଘୂର୍ଣ୍ଣିବଳୟ

### ୨୮ରୁ ଶୀତ



ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

ଆସନ୍ତା ୨୬ରେ ଉତ୍ତର ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉତ୍ତର ଓଡ଼ିଶା ସମେତ ଉପକୂଳ ଓଡ଼ିଶାର ବିଭିନ୍ନ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ୨୮ ତାରିଖରେ ଉତ୍ତର ପଶ୍ଚିମ ଦିଗରୁ ବାୟୁ ପ୍ରବାହ ଆରମ୍ଭ ହେବ। ଏଥିଯୋଗୁ ରାତ୍ରିରେ ତାପମାତ୍ରା କମିବା ସହ ଶୀତର ଆଗମନ ହେବ।

ଆସନ୍ତା ୨୪ଘଣ୍ଟା ମଧ୍ୟରେ ବାଲେଶ୍ୱର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ଭଦ୍ରକ, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଆଦି ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଉକ୍ତ ଜିଲାଗୁଡ଼ିକ ସକାଶେ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ସେହିପରି ୨୦ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ ଅନୁଗୋଳ ଜିଲାରେ ଘଡ଼ଘଡ଼ି ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

# ପ୍ରଦୀପଙ୍କ ଘରେ ରାତି ସାରା ଯାଞ୍ଚ କଲା ଭିଜିଲାନ୍ସ

ଭୁବନେଶ୍ୱର(ବ୍ୟୁରୋ)/
କଟକ ଅଫିସ,୧୮।୧୦(ବ୍ୟୁରୋ)



- ୧.୪୪ କେଜି ସୁନା ଅଳଙ୍କାର, ୨୪.୨୫ ଲକ୍ଷର ହାର ଜବତ
- ବ୍ୟାଙ୍କ ଆକାଉଣ୍ଟ ଅଚଳ ପାଇଁ ପଦକ୍ଷେପ ଆରମ୍ଭ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଘରେ ରବିବାର ଭିଜିଲାନ୍ସ ଚଢାଉ କରିଥିଲା। ଦୀର୍ଘ ୨୩ ଘଣ୍ଟାର ଯାଞ୍ଚ ପରେ ସୋମବାର ସକାଳେ ଭିଜିଲାନ୍ସ ଟିମ୍ ପ୍ରଦୀପଙ୍କ ଘରୁ ବାହାରିଛି। ତେବେ ସାରା ରାତି ଯାଞ୍ଚ ଘଟଣାକୁ ନେଇ ନାନା ଚର୍ଚ୍ଚା ଚାଲିଥିବାବେଳେ ପ୍ରଦୀପଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି।

ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଭିଜିଲାନ୍ସ ପକ୍ଷରୁ ରବିବାର ସକାଳ ପ୍ରାୟ ୬ଟାରୁ ପାଣିଗ୍ରାହୀଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନ, ବ୍ରହ୍ମପୁରସ୍ଥିତ ବାସଭବନ ଓ ସମ୍ପର୍କୀୟଙ୍କ ଘର ସମେତ ୧୫ ସ୍ଥାନରେ ଏକକାଳୀନ ଚଢାଉ କରାଯାଇଥିଲା। ଜମି କିଣାବିକା କାଗଜପତ୍ର, ବିପୁଳ ସୁନା ଅଳଙ୍କାର, ବିଭିନ୍ନ ବ୍ୟାଙ୍କର ଜମାଖାତା, ଡେବିଟ୍ ଓ କ୍ରେଡିଟ୍ କାର୍ଡ, ଲାପ୍‌ଟପ୍, ମୋବାଇଲ ଏବଂ ଅନ୍ୟାନ୍ୟ କାଗଜପତ୍ର ଆଦି ଜବତ ହୋଇଥିବା ରବିବାର ସନ୍ଧ୍ୟାରେ ଭିଜିଲାନ୍ସ ସୂଚନା ଦେଇଥିଲା। ତେବେ ସାରା ରାତି ଯାଞ୍ଚ ପରେ ସୋମବାର ସକାଳେ ଭିଜିଲାନ୍ସ ପକ୍ଷରୁ ପୁଣି ଦିଆଯାଇଥିବା ସୂଚନା ଅନୁଯାୟୀ, ପ୍ରଦୀପଙ୍କ ଘରୁ ୧୪୪୦ ଗ୍ରାମର ସୁନା ଓ ୨୪.୨୫ ଲକ୍ଷ ଟଙ୍କା ମୂଲ୍ୟର ଏକ ସବ୍ୟସାଚୀ ବ୍ରାଣ୍ଡ୍ ଡିଜାଇନର ହାର, ବହୁ ବ୍ୟାଙ୍କ ଆକାଉଣ୍ଟ ସହ କାଗଜପତ୍ର ଜବତ କରାଯାଇଛି। ସେହିପରି ପ୍ରଦୀପ ଓ ତାଙ୍କ ପରିବାର ସଦସ୍ୟଙ୍କ ବ୍ୟାଙ୍କ ଆକାଉଣ୍ଟ ଅଚଳ କରିବା ଲାଗି ପଦକ୍ଷେପ ନିଆଯାଉଛି। ସର୍ଚ୍ଚବେଳେ ଜବତ କାଗଜପତ୍ରକୁ ଭିଜିଲାନ୍ସର ବିତ୍ତ ବିଭାଗ ଅଧିକାରୀ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏବଂ ବ୍ୟାଙ୍କିଙ୍ଗ୍ କନସଲଟାଣ୍ଟ ଯାଞ୍ଚ କରୁଛନ୍ତି। ଅନ୍ୟପଟେ ଭିଜିଲାନ୍ସର ସାଇବର ସେଲ୍ ଜବତ ସମସ୍ତ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ପରୀକ୍ଷା ନିରୀକ୍ଷା କରିବ। ପରବର୍ତ୍ତୀ ସମୟରେ ସମସ୍ତ ସାକ୍ଷୀ, ସନ୍ଦିଗ୍ଧ ଏବଂ ଅଭିଯୁକ୍ତ ତଦନ୍ତ ପରିସରଭୁକ୍ତ ହେବେ। ଏହାର ତଦନ୍ତ ଚାଲୁ ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଏନେଇ ପ୍ରଦୀପଙ୍କ ଓକିଲ ସ୍ୱରୂପ ଚାନ୍ଦ କହିଛନ୍ତି, ପ୍ରଦୀପଙ୍କୁ ଭିଜିଲାନ୍ସ ଗିରଫ କରିପାରିବ ନାହିଁ। ଲୋକାୟୁକ୍ତଙ୍କ ନିର୍ଦ୍ଦେଶରେ ଏହି ଘଟଣାରେ ଭିଜିଲାନ୍ସ ତଦନ୍ତ କରୁଛି। ଚଢ଼ାଉ ଘଟଣା ତଦନ୍ତର ଏକ ଦିଗ। ଚଳିତବର୍ଷ ଡିସେମ୍ବର ୩୧ ସୁଦ୍ଧା ଭିଜିଲାନ୍ସ ତଦନ୍ତ ରିପୋର୍ଟ ଲୋକାୟୁକ୍ତଙ୍କ ନିକଟରେ ଦାଖଲ କରିବ। ତା'ପରେ ପ୍ରଦୀପଙ୍କ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ପ୍ରଦୀପଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ୨୦୨୦ ଡିସେମ୍ବର ୯ରେ ରାଜ୍ୟ ସରକାର ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଲୋକାୟୁକ୍ତ ମାମଲା (ନଂ.ଏଲ୍‌ୱାଇ. ୧୩୪୮/୨୦୨୦) ରୁଜୁ କରି ଡିସେମ୍ବର ୧୧ରେ ଭିଜିଲାନ୍ସକୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭିଜିଲାନ୍ସ ତଦନ୍ତରୁ ଜଣାପଡିଥିଲା ଯେ, ପ୍ରଦୀପ ୨୦୦୯ ମେ ୨୪ରୁ ୨୦୨୦ ନଭେମ୍ବର ୩୦ ମଧ୍ୟରେ ୫ କୋଟି ୫ ଲକ୍ଷ ୪ ହଜାର ୬୫୬ ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିଲେ। ଗତ ମେ' ୨୮ରେ ଭିଜିଲାନ୍ସ ତା'ର ତଦନ୍ତ ରିପୋର୍ଟ ଦାଖଲ କରିଥିଲା। ଲୋକାୟୁକ୍ତ ଉକ୍ତ ରିପୋର୍ଟକୁ ଅନୁଶୀଳନ କରିବା ପରେ ଏହି ଘଟଣାର ମାମଲା ରୁଜୁ କରି ଅଧିକ ତଦନ୍ତ କରିବାକୁ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଅକ୍ଟୋବର ୪ରେ ଭିଜିଲାନ୍ସ ମାମଲା (ନଂ.୬/୨୧) ରୁଜୁ କରି ତଦନ୍ତକୁ ଆଗକୁ ବଢାଇବା ସହ ଚଢ଼ାଉ ଆରମ୍ଭ କରିଛି।

## ବ୍ୟାଙ୍କ ୨ ଦିନ ବନ୍ଦ

**ଭୁବନେଶ୍ୱର,୧୮।୧୦:** ରାଜ୍ୟ ସରକାର ସୋମବାର ଧାରା-୨୫ ଅନୁସାରେ ରାଜ୍ୟସ୍ତରୀୟ ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ଓଡ଼ିଶାରେ ୨ ଦିନ ବ୍ୟାଙ୍କ ସେବା ଓ ଆର୍ଥିକ ଦେଣନେଣ ସଂସ୍ଥା ବନ୍ଦ ରହିବ ବୋଲି ଘୋଷଣା କରିଛନ୍ତି। ରାଜ୍ୟରେ ୧୯ ତାରିଖରେ ଇଦ୍ ଏବଂ ୨୦ରେ ଗଜଲକ୍ଷ୍ମୀ ପୂଜା ପଡୁଥିବାରୁ ରାଜ୍ୟ ସରକାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟଙ୍କ ନିୟମାବଳୀ ଅନୁସାରେ ଏହି ଛୁଟି ସମ୍ପର୍କରେ ସମ୍ପୃକ୍ତ ଅନୁଷ୍ଠାନ ଓ ବିଭାଗଗୁଡିକ ବିଜ୍ଞପ୍ତି ମାଧ୍ୟମରେ ଅବଗତ କରାଇଥିବା ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାର କେନ୍ଦ୍ର ଅର୍ଥମନ୍ତ୍ରଣାଳୟର ନିୟମାବଳୀକୁ ଓଡିଶାରେ ଲାଗୁ କରିବା ପାଇଁ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ସ ପକ୍ଷରୁ ସରକାରଙ୍କୁ ଲିଖିତ ଅନୁରୋଧ କରାଯାଇଥିଲା।

## ୨୨୮୨ ପୋଲିସ ପାଇବେ ଆନ୍ତରିକ ସୁରକ୍ଷା ସେବା ପଦକ

**କଟକ ଅଫିସ,୧୮।୧୦:** ଓଡ଼ିଶାର ୨୨୮୨ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀ ପାଇବେ ଆନ୍ତରିକ ସୁରକ୍ଷା ସେବା ପଦକ। ଏ ନେଇ ପୋଲିସ ମୁଖ୍ୟାଳୟ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ରାଜ୍ୟର ମାଓବାଦୀ ପ୍ରବଣ ଅଞ୍ଚଳରେ ଅନ୍ୟୂନ ୨ ବର୍ଷ କାର୍ଯ୍ୟ କରିଥିବା ପୋଲିସ କର୍ମୀଙ୍କୁ କେନ୍ଦ୍ର ଗୃହମନ୍ତ୍ରଣାଳୟ ପକ୍ଷରୁ ଏହି ପଦକ ପ୍ରଦାନ କରାଯାଇଥାଏ। ଗୃହ ମନ୍ତ୍ରଣାଳୟର ଅନୁମୋଦନ ମିଳିବା ପରେ ତାହା ବିଭିନ୍ନ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକଙ୍କୁ ହସ୍ତାନ୍ତର କରାଯାଇଥାଏ। ଏହି ପଦକ ପାଇବାକୁ ମନୋନୀତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଡିଜିପି ଅଭୟ ଶୁଭେଚ୍ଛା ଜଣାଇଛନ୍ତି।



ବାଲେଶ୍ୱର ଜିଲା ମଥାନୀଠାରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ଜଳକା ନଦୀର ଜଳସ୍ତର।

# ବିପଦ ସଙ୍କେତ ଉପରେ ଜଳକା

ରୂପସା,୧୮।୧୦(ଡି.ଏନ.ଏ.)

ଲଗାଣ ବର୍ଷା ଯୋଗୁ ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ସୋମବାର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ମଥାନୀଠାରେ ନଦୀର ବିପଦ ସଙ୍କେତ ସ୍ତର ୫.୫ ମିଟର ଥିବା ବେଳେ ସୋମବାର ପୂର୍ବାହ୍ନ ୯ଟା ସୁଦ୍ଧା ୬.୦୪ ମିଟରରେ ଜଳ ପ୍ରବାହିତ ହେଉଥିଲା। ତେବେ ସନ୍ଧ୍ୟା ୫ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୬.୦୯ ମିଟରରେ ପହଞ୍ଚିଥିବା ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ଦାସ କହିଛନ୍ତି। ଉପର ମୁଣ୍ଡରେ ଏବଂ ଲଗାଣ ବର୍ଷା ଯୋଗୁ ବନ୍ୟା ଆଶଙ୍କା ଦେଖାଦେଇଛି। ବିଭିନ୍ନ ସ୍ଥାନରେ ନଦୀବନ୍ଧ ଦୁର୍ବଳ ଥିବାରୁ ନଦୀକୂଳବାସୀ ଚିନ୍ତାରେ ପଡ଼ିଛନ୍ତି। ଉପରମୁଣ୍ଡ ମୟୂରଭଞ୍ଜ ଜିଲାର ଶୁଳିଆପଦା, ମୋରଡ଼ା, ଚିତ୍ରଡ଼ା, ରାସଗୋବିନ୍ଦପୁରରେ ପ୍ରବଳ ବର୍ଷା କାରଣରୁ ଜଳକାର ଜଳସ୍ତର ବୃଦ୍ଧିପାଇଛି। ଜଳସ୍ତର ଅଧିକ ବଢ଼ିଲେ ବନ୍ୟା ଆଶଙ୍କା କରାଯାଉଛି। ବର୍ତ୍ତମାନ ଧାନ ଗର୍ଭଧାରଣ ସମୟ ହୋଇଥିବାରୁ ବନ୍ୟାହେଲେ ଧାନ ଥୋଡ଼ରେ ପାଣି ପଶିଯିବା ଆଶଙ୍କା ରହିଛି। ଗତ ବନ୍ୟାରେ ବସ୍ତା ବ୍ଲକରେ ୫ ଶହ ହେକ୍ଟରରୁ ଅଧିକ ଜମିରେ ଧାନ ନଷ୍ଟ ହୋଇଥିଲା। ପୁଣି ଯଦି ବନ୍ୟା ହୁଏ ତା' ହେଲେ ଧାନ ଥୋଡ଼ରେ ପାଣି ପଶି ସମସ୍ତ ଧାନ କ୍ଷତିଗ୍ରସ୍ତ ହେବା ଆଶଙ୍କା କରାଯାଉଛି। ବନ୍ୟା ହେଲେ ବସ୍ତା ବ୍ଲକର ୭ଟି ପଞ୍ଚାୟତର ୫ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଧାନ ଫସଲ ନଷ୍ଟ ହେବା ସହିତ ସଦର ବ୍ଲକର ୨ଟି ପଞ୍ଚାୟତର ୧ ହଜାର ହେକ୍ଟର ଧାନ ଫସଲ ପ୍ରଭାବିତ ହେବା ଆଶଙ୍କା ରହିଛି।




# ନିଯୁକ୍ତି ଲକ୍ଷ୍ୟ ୨ଗୁଣ କଲେ ଆଇଟି କମ୍ପାନୀ

ନୂଆଦିଲ୍ଲୀ,୧୮।୧୦

## ୧.୬୦ ଲକ୍ଷ ଫ୍ରେସର୍ସଙ୍କୁ ମିଳିବ ଚାକିରି



ଟିସିଏସ୍, ଇନ୍‌ଫୋସିସ, ୱିପ୍ରୋ ଏବଂ ଏଚ୍‌ସିଏଲ୍ ଭଳି ଦେଶର ୪ ପ୍ରମୁଖ ଆଇଟି କମ୍ପାନୀ ଚଳିତ ଆର୍ଥିକ ବର୍ଷ ଲାଗି ସେମାନଙ୍କ ନିଯୁକ୍ତି ପ୍ରଦାନ ଲକ୍ଷ୍ୟକୁ ୨ ଗୁଣ କରିଛନ୍ତି। ଏହି କମ୍ପାନୀଗୁଡ଼ିକ ୧.୬୦ ଲକ୍ଷ ଫ୍ରେସର୍ସଙ୍କୁ ଚାକିରି ଦେବେ ବୋଲି ଜଣାପଡ଼ିଛି। ଚଳିତ ଆର୍ଥିକ ବର୍ଷ ଅଦ୍ୟାବଧି କମ୍ପାନୀଗୁଡିକ ୮୨ ହଜାର ଫ୍ରେସର୍ସଙ୍କୁ ନିଯୁକ୍ତି ଦେଇଛନ୍ତି। ବର୍ତ୍ତମାନ ବଜାର ଚାହିଦା ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଆଇଟି କମ୍ପାନୀଗୁଡ଼ିକ ୨ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଚଳିତ ବର୍ଷ ୪୦ ହଜାର ଫ୍ରେସର୍ସଙ୍କୁ ନିଯୁକ୍ତି ଦେବା ଲାଗି ଟିସିଏସ୍ ଯୋଜନା ରଖିଥିବା ବେଳେ ଏହାକୁ ୭୮ ହଜାରକୁ ବଢ଼ାଇଛି। କମ୍ପାନୀ ଅଦ୍ୟାବଧି ୪୩ ହଜାର ଫ୍ରେସର୍ସଙ୍କୁ ନିଯୁକ୍ତି ଦେଇଛି। ୱିପ୍ରୋ ଏବଂ ଇନ୍‌ଫୋସିସ୍ ମଧ୍ୟ ନିଯୁକ୍ତି ଲକ୍ଷ୍ୟକୁ ୨ ଗୁଣ କରି ଯଥାକ୍ରମେ ୧୭ ହଜାର ଏବଂ ୪୫ ହଜାର କରିଛନ୍ତି। ଏଚ୍‌ସିଏଲ୍ ମଧ୍ୟ ୨୨ ହଜାର ଫ୍ରେସର୍ସଙ୍କୁ ନିଯୁକ୍ତି ଦେବ ବୋଲି ଜଣାପଡ଼ିଛି। ଆସନ୍ତା ଆର୍ଥିକ ବର୍ଷରେ ୨୫ ହଜାର ଫ୍ରେସର୍ସଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି ୱିପ୍ରୋ ସିଇଓ ଥିଏରି ଡେଲାପୋର୍ଟେ କହିଛନ୍ତି।

ରିସର୍ଚ୍ଚ ଫାର୍ମ ଗାର୍ଟନର ମୁତାବକ,୨୦୧୨-୨୦ ମଧ୍ୟରେ ଆଇଟି କ୍ଷେତ୍ରରେ ସାରା ବିଶ୍ୱର ଖର୍ଚ୍ଚ ପ୍ରତିବର୍ଷ ୨.୫% ବଢ଼ିଛି। ଆଗାମୀ ୩ ବର୍ଷରେ ଏହା ୯%ରୁ ଊର୍ଦ୍ଧ୍ୱ ବଢ଼ିବା ନେଇ ଆକଳନ କରାଯାଇଛି। କରୋନା ମହାମାରୀ ଯୋଗୁ ସାରା ବିଶ୍ୱରେ ଡିଜିଟାଲ ଟ୍ରାନ୍ସଫରମେଶନ ଦେଖାଯାଉଛି। ଟେକ୍ନୋଲୋଜି ଦ୍ୱାରା ଖର୍ଚ୍ଚ ବଞ୍ଚାଯିବା ସହ ବାଣିଜ୍ୟିକ ଅଭିବୃଦ୍ଧିର ଏକ ପ୍ରମୁଖ ମାଧ୍ୟମ ହୋଇଛି। ହସ୍ପିଟାଲିଟି ଏବଂ ବିମାନ ଚଳାଚଳ କ୍ଷେତ୍ର ମହାମାରୀ ଦ୍ୱାରା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏହାକୁ ବିଚାରକରି ବର୍ତ୍ତମାନ କଣ୍ଟାକ୍ଟଲେସ ଚେକ୍ ଇନ୍ ଭଳି କ୍ଷେତ୍ରରେ କମ୍ପାନୀଗୁଡିକ ନିବେଶ କରୁଛନ୍ତି। ଅଫ୍‌ଲାଇନ ରିଟେଲ କ୍ଷେତ୍ରରେ କାମ କରୁଥିବା କମ୍ପାନୀଗୁଡିକ ଆଇଟିରେ ନିବେଶ କରୁଥିବା ଦେଖାଯାଉଛି। ବର୍ତ୍ତମାନ କ୍ଲାଉଡ୍ ଆର୍କିଟେକଚର, ସାଇବର ନିରାପତ୍ତା, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ମେଶିନ ଲର୍ନିଂ ଭଳି କ୍ଷେତ୍ରରେ ଚାହିଦା ବଢ଼ିଛି। ଫଳରେ ଏହା ଆଇଟି କ୍ଷେତ୍ର ନିଯୁକ୍ତିକୁ ବଢ଼ାଇଛି। ସେହିଭଳି କର୍ମଚାରୀଙ୍କର କମ୍ପାନୀ ଛାଡ଼ିବା ହାର ମଧ୍ୟ ବଢ଼ିଛି। ଗତ ତ୍ରୈମାସରେ ଟିସିଏସ୍‌ରେ ଏହା ୮.୬ରୁ ୧୧.୯%କୁ ବଢ଼ିଛି। ସେହିଭଳି ୱିପ୍ରୋରେ ଏହା ୨୦% ଏବଂ ଏଚ୍‌ସିଏଲ୍‌ରେ ୧୫.୭% ରହିଛି।



**ଦିଲ୍ଲୀ ଉଦ୍ୟୋଗୀଙ୍କୁ ଇକୋ ଓସ୍କାର**

କୃଷି ଅବଶିଷ୍ଟାଂଶ ତଥା ବର୍ଜ୍ୟକୁ ଜୈବ ଉତ୍ପାଦରେ ପରିଣତ କରିବା ପାଇଁ ଦିଲ୍ଲୀର ଜଣେ ଉଦ୍ୟୋଗୀଙ୍କ ଏକ ପ୍ରୋଜେକ୍ଟ ଆର୍ଥଶଟ୍ ପୁରସ୍କାର ପାଇଁ ଯୋଗ୍ୟ ହୋଇଛି। ରବିବାର ସନ୍ଧ୍ୟାରେ ଲଣ୍ଡନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରିନ୍ସ ୱିଲିୟମ୍‌ଙ୍କ ଏହି ଇକୋ ଓସ୍କାର ବା ଆର୍ଥଶଟ୍ ପୁରସ୍କାରର ଶୁଭାରମ୍ଭ କରିଥିଲେ। ଏଥିରେ ପ୍ରୋଜେକ୍ଟ 'ଟାକାଚର' ପାଇଁ ଦିଲ୍ଲୀର ବିଦ୍ୟୁତ୍ ମୋହନଙ୍କୁ ଆର୍ଥଶଟ୍ ପୁରସ୍କାର ଏବଂ ଏହା ବାବଦ ୧୦ ଲକ୍ଷ ବ୍ରିଟିଶ ପାଉଣ୍ଡ ପ୍ରଦାନ କରାଯାଇଥିଲା।

# ଆଉ କଶ୍ମୀର ଆସିବୁ ନାହିଁ

**କଶ୍ମୀରରେ ବାହାର ରାଜ୍ୟର ଲୋକଙ୍କୁ ଟାର୍ଗେଟ କରି ହତ୍ୟା ଯୋଗୁ ଏବେ ଭୟ ଓ ଆତଙ୍କରେ ପ୍ରବାସୀ ଶ୍ରମିକ ଏବଂ ଛୋଟମୋଟ ବ୍ୟବସାୟୀ। ପେଟ ପୋଷିବା ବଦଳରେ ଜୀବନ ବଞ୍ଚାଇବା ସେମାନଙ୍କ ପାଇଁ ବଡ଼ କଥା। ଆତଙ୍କବାଦୀଙ୍କ ପରବର୍ତ୍ତୀ ଶିକାର ହେବା ଆଶଙ୍କାରେ କାମଧନ୍ଦା ଛାଡ଼ି ଏବେ ସେମାନେ ଘରମୁହାଁ। କୌଣସି ମତେ ଘରେ ପହଞ୍ଚିବାକୁ ଜମ୍ମୁ ରେଳ ଷ୍ଟେଶନ ଏବଂ ବାହାରେ ସୋମବରେ ବହୁ ସଂଖ୍ୟାରେ ଲୋକଙ୍କ ଗହଳି ଦେଖିବାକୁ ମିଳିଛି। ଫୁଟ୍‌ପାଥରେ ବସି ଟ୍ରେନ୍‌କୁ ଅପେକ୍ଷା କରିଥିବା କେତେଜଣ ପ୍ରବାସୀ କହିଛନ୍ତି 'ଆଉ କେବେ କଶ୍ମୀର ଆସିବୁ ନାହିଁ'।**



ଘରକୁ ଫେରିବା ଲାଗି ଜମ୍ମୁ ରେଳଷ୍ଟେଶନ ନିକଟ ଫୁଟ୍‌ପାଥରେ ଅପେକ୍ଷାରତ ପ୍ରବାସୀ ଶ୍ରମିକ।

**ଶ୍ରୀନଗର, ୧୮।୧୦**

■ଟାର୍ଗେଟ କିଲିଂ ଯୋଗୁ ଘରମୁହାଁ ପ୍ରବାସୀ

■ଜମ୍ମୁ ରେଳ ଷ୍ଟେଶନରେ ଭିଡ଼

ବିହାରର ଦୁଇ ଶ୍ରମିକ ରବିବାର କଶ୍ମୀରରେ ଟାର୍ଗେଟ କିଲିଂର ଶିକାର ହେବା ପରେ ସେଠାରେ ଥିବା ପ୍ରବାସୀଙ୍କ ମନରେ ଛନକା ପଶିଛି। ବାହାର ରାଜ୍ୟରୁ କଶ୍ମୀର ଆସି କାମ କରୁଥିବା ଶ୍ରମିକ ଜୀବନ ବିକଳରେ ଏବେ ସେଠାରୁ ପଳାୟନ କରୁଛନ୍ତି। ଏଥିପାଇଁ ଜମ୍ମୁ ରେଳ ଷ୍ଟେଶନରେ ସୋମବାର ପ୍ରବଳ ଭିଡ଼ ଜମିଥିଲା। ଭୋକ ଉପାସରେ ରହି ଯେ କୌଣସି ସ୍ଥିତିରେ ଘରେ ସୁରକ୍ଷିତ ଭାବେ ପହଞ୍ଚିବାକୁ ସେମାନେ ଚେଷ୍ଟା ଚଳାଇଛନ୍ତି। ଷ୍ଟେଶନ ଭିତରେ ଜାଗା ନ ଥିବାରୁ ବାହାରେ ଫୁଟ୍‌ପାଥରେ ମଧ୍ୟ ଲୋକେ ବସିରହି ନିଜ ଅଞ୍ଚଳର ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ଅଧିକାଂଶ ପ୍ରବାସୀ ଖାଦ୍ୟ ପାନୀୟର ବ୍ୟବସ୍ଥା ନ କରି ପରିବାର ସହ ଜିନିଷପତ୍ର ଧରି ଷ୍ଟେଶନ ନିକଟରେ ପଡ଼ିରହିଛନ୍ତି। ଆତଙ୍କବାଦୀ ସେମାନଙ୍କୁ କଶ୍ମୀର ଉପତ୍ୟକା ଛାଡ଼ି ପଳାଇଯିବାକୁ ଧମକ ଦେଉଥିବା କେତେଜଣ ଶ୍ରମିକ ପ୍ରକାଶ କରିଛନ୍ତି। ନଚେତ ସେମାନଙ୍କୁ ଜୀବନ ହରାଇବାକୁ ପଡ଼ିବ ବୋଲି କୁହାଯାଉଛି।

ପାଖରେ ପୁଞ୍ଜି ନ ଥିବାରୁ ଅନେକ ଶ୍ରମିକଙ୍କ ସମସ୍ୟା ବଢ଼ିଛି। ଏପରିକି ସେମାନଙ୍କ ମାଲିକ ବକେୟା ଟଙ୍କା ନ ଦେବାରୁ ଦୁର୍ଦ୍ଦଶାରେ ପଡ଼ିଥିବା କେତେଜଣ ପ୍ରବାସୀ ଅଭିଯୋଗ କରିଛନ୍ତି। ଛୋଟ ପିଲାଙ୍କୁ ଧରି ରାସ୍ତାକଡ଼ରେ ବହୁ ସଂଖ୍ୟାରେ ପରିବାର ଟ୍ରେନ୍‌କୁ ଅପେକ୍ଷା କରିଥିବା ଦେଖିବାକୁ ମିଳିଛି। ଗତ ୧୫ ଦିନ ମଧ୍ୟରେ କଶ୍ମୀରରେ ସାଧାରଣ ଲୋକଙ୍କୁ ଟାର୍ଗେଟ କରି ହତ୍ୟା ମାମଲା ବଢ଼ିଛି। ଆତଙ୍କବାଦୀମାନେ ୧୧ ଜଣଙ୍କୁ ଗୁଳି କରିଥିବାବେଳେ ସେମାନଙ୍କ ମଧ୍ୟରେ ୫ ଜଣ ପ୍ରବାସୀ ଶ୍ରମିକ ରହିଛନ୍ତି। ସେପଟେ କଶ୍ମୀରରେ ବିହାର ଶ୍ରମିକଙ୍କ ହତ୍ୟାକୁ ନେଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଚିନ୍ତା ବ୍ୟକ୍ତ କରିଛନ୍ତି। ଏ ନେଇ ସେ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ସହ କଥା ହୋଇଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ସେପଟେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ ରାମ ମାଞ୍ଝି ଏହି ପ୍ରସଙ୍ଗକୁ ନେଇ ତୀବ୍ର ପ୍ରତିକ୍ରିୟା ରଖିଛନ୍ତି। କଶ୍ମୀର ପରିଚାଳନା ଦାୟିତ୍ୱ ବିହାର ହାତରେ ଛାଡ଼ି ଦେବାକୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଦାବି କରିଛନ୍ତି। କଶ୍ମୀରରେ ଲଗାତର ବିହାରର ନିରୀହ ଲୋକଙ୍କୁ ହତ୍ୟା କରାଯାଉଛି। ଯଦି ପରିସ୍ଥିତିରେ ସୁଧାର ଆସୁପାରୁନି ତେବେ କେନ୍ଦ୍ର ସରକାର ବିହାର ଉପରେ ଜମ୍ମୁ-କଶ୍ମୀର ଦାୟିତ୍ୱ ଛାଡ଼ି ଦିଅନ୍ତୁ। ବିହାରବାସୀ ୧୫ ଦିନରେ କଶ୍ମୀର ସ୍ଥିତି ବଦଳାଇଦେବେ ବୋଲି ସେ ଏକ ଟୁଇଟ୍‌ରେ କହିଛନ୍ତି। ଏହାର ଜବାବରେ ବିହାର ଉପମୁଖ୍ୟମନ୍ତ୍ରୀ ସୁଶୀଲ ମୋଦି କହିଛନ୍ତି, ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଏଭଳି ମନ୍ତବ୍ୟ ଦେବା ଉଚିତ ନୁହେଁ। କଶ୍ମୀର ସ୍ଥିତି ସୁଧାରିବା ସହଜ ନୁହେଁ। କେନ୍ଦ୍ର ସରକାର ଏଥିପାଇଁ ଉଦ୍ୟମ ଜାରି ରଖିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

## ସୁରକ୍ଷା ବୈଠକ ଡକାଇଲେ ଶାହା

**ନୂଆଦିଲ୍ଲୀ, ୧୮।୧୦**

ଦେଶର ସୁରକ୍ଷା ପ୍ରସଙ୍ଗ ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସୋମବାର ଏକ ଜରୁରୀ ବୈଠକ କରିଛନ୍ତି। ଏଥିରେ ସେ ସୁରକ୍ଷାସଂସ୍ଥା, ସଂସଦୀୟ ଅଧିକାରୀ, ଗୋଇନ୍ଦା ଓ ପୋଲିସ ମୁଖ୍ୟଙ୍କ ଆଲୋଚନା କରିଛନ୍ତି। ବୈଠକରେ ସେ କଶ୍ମୀର ଟାର୍ଗେଟ କିଲିଂ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଥିବା ଜଣାଯାଇଛି।

## ଇଣ୍ଟରନେଟ୍ ସେବା ବନ୍ଦ

କଶ୍ମୀରରେ ସାଧାରଣ ଲୋକଙ୍କୁ ଟାର୍ଗେଟ କରି ହତ୍ୟା ଘଟଣା ଯୋଗୁ ସୁରକ୍ଷା ବ୍ୟବସ୍ଥା ଦୃଷ୍ଟିରୁ ଉପତ୍ୟକାର କେତେକ ସ୍ଥାନରେ ସୋମବାର ମୋବାଇଲ ଇଣ୍ଟରନେଟ୍ ସେବା ବନ୍ଦ କରିଦିଆଯାଇଛି। ଶ୍ରୀନଗରର ଅଞ୍ଚର, ଇଦ୍‌ଗାହ, କ୍ୱାମାରୱାରି, ସୌର, ଏମ୍ଆର୍ ଗୁଞ୍ଜ୍, ନୌହାଟ, ସାଫାକାଦଲ, ବଗ୍ୟାସ୍, କୁଲାମ୍‌ର ୱାହପୋହ, କୈମୋହ ଏବଂ ପୁଲ୍‌ୱାମାର ଲିଟରଠାରେ ଇଣ୍ଟରନେଟ ବନ୍ଦ ରଖାଯାଇଥିଲା।

## ସଂକ୍ଷେପରେ

### କୋର୍ଟରେ ଓକିଲଙ୍କୁ ଗୁଳିକରି ହତ୍ୟା

ଶାହଜାନପୁର, ୧୮।୧୦: ଉତ୍ତରପ୍ରଦେଶର ଶାହଜାନପୁର ଜିଲା କୋର୍ଟରେ ସୋମବାର ଜଣେ ଆଇନଜୀବୀଙ୍କୁ ଗୁଳିକରି ହତ୍ୟା କରାଯାଇଛି। କେତେକ ମାମଲା ସମ୍ପର୍କରେ ବୁଝିବା ପାଇଁ ଜଲାଲାବାଦ ତହସିଲ୍‌ର ଆଇନଜୀବୀ ଭୂପେନ୍ଦ୍ର ସିଂ (୩୮) ଜିଲା କୋର୍ଟର ତୃତୀୟ ମହଲାରେ ଥିବା ଏସିଜେଏମ୍-ଆଇ କାର୍ଯ୍ୟାଳୟକୁ ଯାଇଥିଲେ। ଏହି ସମୟରେ ଗୁଳି ଶବ୍ଦ ଶୁଭିବା ସହ ତାଙ୍କର ମୃତ୍ୟୁ ଘଟିଥିବା ଦେଖାଯାଇଥିଲା। ତାଙ୍କ ମୃତଦେହ ନିକଟରେ ଏକ ବେଆଇନ ୩୧୫ ବୋର୍ ପିସ୍ତଲ ମିଳିଛି। ସେଠାରେ ଅନ୍ୟ କେହି ନ ଥିବାରୁ ଭୂପେନ୍ଦ୍ର ନିଜେ ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ ହତ୍ୟା କରାଯାଇଛି, ତାହା ସ୍ପଷ୍ଟ ହୋଇ ନ ଥିବା ଏସ୍‌ପି ଏସ୍. ଆନନ୍ଦ କହିଛନ୍ତି। ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ଜିଲାର ଆଇନଜୀବୀମାନେ ଧର୍ମଘଟ ଆରମ୍ଭ କରିଛନ୍ତି। ଓକିଲ ହତ୍ୟା ଘଟଣାରେ ବିରୋଧୀ ଦଳ କଂଗ୍ରେସ, ସମାଜବାଦୀ ପାର୍ଟି ଏବଂ ବିଏସ୍‌ପି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ବିଏସ୍‌ପି ନେତ୍ରୀ ମାୟାବତୀ କହିଛନ୍ତି।

### ଏଫ୍‌ଟିଏ ଆଲୋଚନା ପାଇଁ ଭାରତ, ଇସ୍ରାଏଲ ରାଜି

**ଜେରୁଜେଲମ, ୧୮।୧୦:** ଆସନ୍ତା ମାସରେ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ନିମନ୍ତେ ଆଲୋଚନା ପାଇଁ ସୋମବାର ଭାରତ ଏବଂ ଇସ୍ରାଏଲ ରାଜି ହୋଇଛନ୍ତି। ଦୀର୍ଘଦିନରୁ ପଡ଼ି ରହିଥିବା ଏହି ଡିଲ୍ ଆସନ୍ତା ବର୍ଷ ଜୁନ୍ ସୁଦ୍ଧା ପୂର୍ଣ୍ଣରୂପ ନେବା ନେଇ ଉଭୟ ପକ୍ଷ ଆଶା କରିଛନ୍ତି। ଏ ନେଇ ଭାରତ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ତାଙ୍କ ଇସ୍ରାଏଲ ପ୍ରତିପକ୍ଷ ୟେର ଲେପିଡ୍‌ଙ୍କୁ ଭେଟି ଆଲୋଚନା କରିଛନ୍ତି। ନଭେମ୍ବରରେ ଭାରତ-ଇସ୍ରାଏଲ ମୁକ୍ତ ବାଣିଜ୍ୟ ଆଲୋଚନା ଆରମ୍ଭ କରିବାକୁ ଉଭୟ ପକ୍ଷର ଅଧିକାରୀ ସହମତ ହୋଇଛନ୍ତି। ଆସନ୍ତା ଜୁନ୍ ସୁଦ୍ଧା ଆମେ ଆଲୋଚନା ଶେଷ ହେବା ନେଇ ଆଶା ଥିବା ଜୟଶଙ୍କର କହିଛନ୍ତି। ଏକ ଦଶନ୍ଧିରୁ ଅଧିକ ସମୟ ଧରି ଦୁଇ ଦେଶ ମଧ୍ୟରେ କଥାବାର୍ତ୍ତା ଚାଲିଥିବାବେଳେ ଏବେ ପ୍ରଥମ ଥର ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରାଯାଇଛି। ଏଥିସହ ଜଳ କ୍ଷେତ୍ର ଏବଂ କୃଷି ଉପରେ ସହଯୋଗ ନିମନ୍ତେ ମଧ୍ୟ ଆଲୋଚନା କରିଛନ୍ତି।

### ଭାଜପା ଯୁବନେତାଙ୍କୁ ହତ୍ୟା

**କୋଲକାତା, ୧୮।୧୦:** ପଶ୍ଚିମବଙ୍ଗର ଉତ୍ତର ଦିନାଜପୁର ଜିଲା ଅନ୍ତର୍ଗତ ଇଟାହାରରେ ଭାଜପା ଯୁବନେତା ମିଥୁନ ଘୋଷଙ୍କୁ କେତେଜଣ ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଛନ୍ତି। ହତ୍ୟାକାଣ୍ଡ ପଛରେ ତୃଣମୂଳ କଂଗ୍ରେସର ଗୁଣ୍ଡା ସମ୍ପୃକ୍ତ ଥିବା ଭାଜପା ଅଭିଯୋଗ କରିଛି। ରବିବାର ଅପରାହ୍ନରେ ମିଥୁନ ରାଜଗ୍ରାମ ଘର ବାହାରେ ଛିଡ଼ା ହୋଇଥିବାବେଳେ ଦୁଇଟି ମୋଟରସାଇକେଲରେ ଦୁର୍ବୃତ୍ତମାନେ ଆସି ଗୁଳି ଚଳାଇଥିଲେ। ତାଙ୍କୁ ତୁରନ୍ତ ରାଇଗଞ୍ଜ ମେଡିକାଲ କଲେଜ ହସ୍ପିଟାଲ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ମିଥୁନ ଭାଜପା ଯୁବମୋର୍ଚ୍ଚାର ଜିଲା ସମ୍ପାଦକ ଥିଲେ। ଏକ ନିର୍ଦ୍ଦିଷ୍ଟ ଦଳ ପକ୍ଷରୁ ବିଭିନ୍ନ ସମୟରେ ତାଙ୍କୁ ଫୋନ୍ ଯୋଗେ ଧମକ ଦିଆଯାଉଥିଲା ବୋଲି ଜିଲା ଭାଜପା ସଭାପତି ବାସୁଦେବ ସର୍କାର କହିଛନ୍ତି।

## ଏନ୍‌ସିବି ବିରୋଧରେ ନ୍ୟାୟିକ ତଦନ୍ତ ଦାବି

**ନୂଆଦିଲ୍ଲୀ, ୧୮।୧୦(ପି.ଟି.)**

କ୍ରୁଜ୍ ଜାହାଜରୁ ଡ୍ରଗ୍ସ ଜବତ ଅଭିଯୋଗରେ ବଲିଉଡ୍ ଅଭିନେତା ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍ ଓ ଅନ୍ୟମାନଙ୍କୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଗିରଫ କରିବା ପରେ ଏହାର ମୁମ୍ବାଇ ଜୋନାଲ କାର୍ଯ୍ୟାଳୟ ଓ ଅଧିକାରୀମାନଙ୍କ କାର୍ଯ୍ୟର ବିଚାର ବିଭାଗୀୟ ତଦନ୍ତ ଦାବିରେ ଶିବସେନାର ଜଣେ ନେତା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏନ୍‌ଡିପିଏସ୍ ଆଇନରେ ଆର୍ଯ୍ୟନଙ୍କୁ ଗିରଫ କରାଯାଇଛି। ତାଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ସର୍ବୋଚ୍ଚ ଅଦାଲତ ନିଜ ଆଡୁ ମାମଲା ବିଚାର ପାଇଁ ଗ୍ରହଣ କରିବା ନିମନ୍ତେ ପିଟିଶନରେ ଅନୁରୋଧ କରାଯାଇଛି। ମୁମ୍ବାଇସ୍ଥିତ ଏନ୍‌ସିବି କାର୍ଯ୍ୟାଳୟ ଓ ଏହାର ଅଧିକାରୀମାନେ ନିର୍ଦ୍ଦିଷ୍ଟ ଫିଲ୍ମ ସେଲିବ୍ରିଟି ଓ ମଡେଲମାନଙ୍କୁ ଦୁଇବର୍ଷ ହେଲା ଟାର୍ଗେଟ କରିଆସୁଛନ୍ତି। ସେମାନେ ଏଥିପାଇଁ ବିଧିବଦ୍ଧ ଷଡ଼ଯନ୍ତ୍ର ରଚିଥିବା ମୁମ୍ବାଇର ଶିବସେନା ନେତା କିଶୋର ତିୱାରୀ ତାଙ୍କ ପିଟିଶନରେ ଦର୍ଶାଇବା ସହ ଏହାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେବା ଲାଗି ଅଦାଲତଙ୍କୁ ଅନୁରୋଧ କରିଛନ୍ତି।

## 'ବିଏସ୍‌ଏଫ୍ କାର୍ଯ୍ୟ ପରିସର ବୃଦ୍ଧି ସଂଘୀୟ ବ୍ୟବସ୍ଥା ବିରୋଧୀ'



ଚରଣଜିତ ସିଂ ଚନ୍ନି

**ଚଣ୍ଡିଗଡ଼, ୧୮।୧୦**

ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର କାର୍ଯ୍ୟ ପରିସର ୧୫ କିଲୋମିଟରରୁ ୫୦ କିଲୋମିଟରକୁ ବୃଦ୍ଧି କରିବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବାରୁ ଏହାକୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନି ବିରୋଧ କରିଛନ୍ତି। କେନ୍ଦ୍ରର ଏଭଳି ନିଷ୍ପତ୍ତି ସଂଘବାଦ ଚିନ୍ତାଧାରା ବିରୋଧୀ। ତାଙ୍କ ସରକାର ଉକ୍ତ ନିଷ୍ପତ୍ତିକୁ ଗ୍ରହଣ କରିବ ନାହିଁ। ଏହି ପ୍ରସଙ୍ଗରେ ସ୍ୱତନ୍ତ୍ର କ୍ୟାବିନେଟ ବୈଠକ ସହ ସର୍ବଦଳୀୟ ବୈଠକ ଓ ପଞ୍ଜାବ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବେ ବୋଲି ସେ ସୂଚନା ଦେଇଛନ୍ତି। କେନ୍ଦ୍ର ଏକପାଖିଆ ଭାବେ ବିଏସ୍‌ଏଫ୍ କାର୍ଯ୍ୟ ପରିସର ଅନ୍ତର୍ଜାତୀୟ ସୀମାଠାରୁ ୫୦ କିଲୋମିଟର ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏଭଳି ଗଣତନ୍ତ୍ର ଓ ସଂଘବାଦର ବିରୋଧୀ ନିଷ୍ପତ୍ତି ବିରୋଧରେ ପଞ୍ଜାବର ସାମ୍ବିଧାନିକ ମର୍ଯ୍ୟାଦା ରକ୍ଷା ପାଇଁ ସମସ୍ତ ରାଜ୍ୟବାସୀ ଏକାଠି ହେବାକୁ ଚନ୍ନି ଆହ୍ୱାନ ଦେଇଛନ୍ତି।



ଭୂମଧ୍ୟସାଗରରେ ବେଆଇନଭାବେ ଯାତ୍ରା କରୁଥିବା ପ୍ରବାସୀମାନଙ୍କୁ ଲିବ୍ୟାର ତଟରକ୍ଷୀ ବାହିନୀ ପିଛା କରି କୂଳକୁ ଫେରାଇ ଆଣୁଛି।

## ବିବାଦରେ ଫାବ୍‌ଇଣ୍ଡିଆ ବିଜ୍ଞାପନ

**ନୂଆଦିଲ୍ଲୀ, ୧୮।୧୦**

ପୋଷାକ, ଘର ସାଜସଜ୍ଜା ଏବଂ ଲାଇଫଷ୍ଟାଇଲ ଉତ୍ପାଦ କମ୍ପାନୀ ଫାବ୍‌ଇଣ୍ଡିଆ ପାର୍ବଣ ଋତୁ ଉପଲକ୍ଷେ ପ୍ରସ୍ତୁତ କରିଥିବା ଏକ ବିଜ୍ଞାପନକୁ ନେଇ ବିବାଦ ସୃଷ୍ଟି ହୋଇଛି। ନୂଆ ଦୀପାବଳି କଲେକ୍ସନକୁ ନେଇ ଫାବ୍‌ଇଣ୍ଡିଆ 'ଜଶ୍ନ-ଇ-ରିୱାଜ୍' ନାମରେ କରିଥିବା ଏକ କ୍ୟାମ୍ପେନ୍‌କୁ ବିରୋଧ କରାଯାଇଛି। ହିନ୍ଦୁ ପର୍ବ ଦୀପାବଳୀ 'ଜଶ୍ନ-ଇ-ରିୱାଜ୍' ନୁହେଁ ବୋଲି ଭାଜପା ଯୁବମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷ ତେଜସ୍ୱୀ ସୂର୍ଯ୍ୟ କହିଛନ୍ତି। ସେହିପରି ସୋସିଆଲ ମିଡିଆରେ ଏହାକୁ ନେଇ ଟ୍ରୋଲର ଶିକାର ହେବା ପରେ ଫାବ୍‌ଇଣ୍ଡିଆ ଉକ୍ତ ବିଜ୍ଞାପନକୁ ହଟାଇଦେଇଛି। ଫାବ୍ ଇଣ୍ଡିଆ ଏକ ପ୍ରମୋସନାଲ ଟୁଇଟ୍ କରିଥିଲା। 'ଆମେ ପ୍ରେମ ଏବଂ ପ୍ରକାଶର ଉତ୍ସବକୁ ସ୍ୱାଗତ କରିଥାଉ। ଫାବ୍‌ଇଣ୍ଡିଆ ଦ୍ୱାରା ଜଶ୍ନ-ଇ-ରିୱାଜ୍ ଏପରି ଏକ କଲେକ୍ସନ ଯାହା ଭାରତୀୟ ସଂସ୍କୃତିକୁ ସମ୍ମାନ ଦେଇଥାଏ' ବୋଲି ଟୁଇଟ୍‌ରେ ଲେଖାଯାଇଥିଲା।

## 'କ୍ଷମତାକୁ ଆସିବାକୁ ହେଲେ ଚାଷୀଙ୍କ କଥା ଶୁଣ'

**ଜୟପୁର, ୧୮।୧୦**



ସତ୍ୟପାଲ ମଲିକ

■ଭାଜପାକୁ ମେଘାଳୟ ରାଜ୍ୟପାଳଙ୍କ ପ୍ରସ୍ତାବ

■କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଦାବିକୁ ସମର୍ଥନ କଲେ

■ଏମ୍ଏସ୍‌ପି ଦାବିରେ ମଧ୍ୟସ୍ଥତା କରିବାକୁ ଆଗ୍ରହୀ

କୃଷି ଆଇନ ବିରୋଧରେ ଚାଷୀ ଦୀର୍ଘଦିନ ହେଲା ଆନ୍ଦୋଳନ ଜାରି ରଖିଛନ୍ତି। କେନ୍ଦ୍ର ସରକାର ଯଦି ସେମାନଙ୍କ କଥା ନ ଶୁଣନ୍ତି ତେବେ ଆଗାମୀ ଦିନରେ ଭାଜପା କ୍ଷମତାକୁ ଆସିପାରିବ ନାହିଁ ବୋଲି ମେଘାଳୟ ରାଜ୍ୟପାଳ ସତ୍ୟପାଲ ମଲିକ କହିଛନ୍ତି। ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ଦେବାକୁ କେନ୍ଦ୍ର ରାଜି ହେଲେ ସେ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ଥିବା କହିଛନ୍ତି। ଉତ୍ତରପ୍ରଦେଶର ଲଖିମପୁର ଖେରି ହିଂସା ଘଟଣାରେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ଇସ୍ତଫା ଦାବିକୁ ସତ୍ୟପାଲ ସମର୍ଥନ କରିଛନ୍ତି। ହିଂସାକାଣ୍ଡ ପରେ ଅଜୟ ମିଶ୍ରା ଉକ୍ତ ପଦବୀରେ ରହିବା ପାଇଁ ଯୋଗ୍ୟ ନୁହନ୍ତି। ହିଂସାକାଣ୍ଡ ଦିନ ସେ ଇସ୍ତଫା ଦେଇଦେବା ଉଚିତ ଥିଲା ବୋଲି ସତ୍ୟପାଲ କହିଛନ୍ତି।

ଗତ ୩ ତାରିଖରେ ଲଖିମପୁର ଖେରିରେ କୃଷକମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବାବେଳେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ଗାଡ଼ି ମାଡ଼ିଯାଇ ୪ ଚାଷୀଙ୍କ ମୃତ୍ୟୁ ହେବା ସହ ପରବର୍ତ୍ତୀ ହିଂସାରେ ଅନ୍ୟ ୪ ଜଣ ପ୍ରାଣ ହରାଇଥିଲେ। ଗାଡ଼ିରେ ଆଶିଷ ମିଶ୍ରା ଥିଲେ ବୋଲି ଚାଷୀମାନେ ଅଭିଯୋଗ କରୁଥିବାବେଳେ ଏହାକୁ କେନ୍ଦ୍ରମନ୍ତ୍ରୀ ଓ ତାଙ୍କ ପୁଅ ଖଣ୍ଡନ କରିଛନ୍ତି। ଗତ ୯ ତାରିଖରେ ତାଙ୍କୁ ଗିରଫ କରାଯାଇଥିଲା।

ସରକାରରେ ଥିବା ଲୋକେ ଅହଂକାରୀ ହୋଇଯାଉଛନ୍ତି। ସେମାନେ ସାଧାରଣ ଲୋକଙ୍କ ଦୁଃଖ ଯନ୍ତ୍ରଣାକୁ ଦେଖିପାରୁନାହାନ୍ତି। କ୍ଷମତାକୁ ଫେରିବାକୁ ହେଲେ ସେମାନଙ୍କୁ ଚାଷୀଙ୍କ କଥା ଶୁଣିବାକୁ ହେବ। ଏମ୍ଏସ୍‌ପିରେ ଗ୍ୟାରେଣ୍ଟି ଦେବାକୁ ସରକାର ରାଜି ହେଲେ ସବୁ ସମସ୍ୟାର ସମାଧାନ ହୋଇଯିବ। ପୂର୍ବରୁ ସତ୍ୟପାଲ ଚାଷୀ ଆନ୍ଦୋଳନକୁ ସମର୍ଥନ ଦେଇଆସିଛନ୍ତି ଓ ଏହାର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ କହିଛନ୍ତି।

## ଦିଲ୍ଲୀରେ ପ୍ରଥମ ଡେଙ୍ଗୁ ମୃତ୍ୟୁ

**ନୂଆଦିଲ୍ଲୀ, ୧୮।୧୦:** ଦିଲ୍ଲୀରେ ସୋମବାର ଜଣେ ଡେଙ୍ଗୁ ରୋଗୀଙ୍କ ମୃତ୍ୟୁ ଘଟିଛି। ଚଳିତ ବର୍ଷ ଡେଙ୍ଗୁରେ ଏହା ପ୍ରଥମ ମୃତ୍ୟୁ। ଜାତୀୟ ରାଜଧାନୀରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୭୨୦ ଅତିକ୍ରମ କରିଥିବା ସରକାରୀ ରିପୋର୍ଟରୁ ଜଣାପଡ଼ିଛି। ୪ ବର୍ଷ ମଧ୍ୟରେ ଏହା ସର୍ବାଧିକ ସଂକ୍ରମଣ। ସେମାନଙ୍କ କେବଳ ଅକ୍ଟୋବର ମାସର ପ୍ରଥମ ୧୬ ଦିନରେ ୩୮୨ ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି।

## ବାଂଲାଦେଶରେ ୨୦ ହିନ୍ଦୁଙ୍କ ଘର ଜାଳିଦେଲେ

**ଢାକା, ୧୮।୧୦(ପି.ଟି.)**

ବାଂଲାଦେଶରେ ଦୁର୍ଗାପୂଜା ବେଳେ ହିନ୍ଦୁ ମନ୍ଦିର ଭଙ୍ଗାରୁଜା କରାଯାଇଥିଲା। ସଂଖ୍ୟାଲଘୁଙ୍କ ପକ୍ଷରୁ ଏହାର ପ୍ରତିବାଦ କରାଯାଉଥିବାବେଳେ ସୋସିଆଲ ମିଡିଆରେ ଇସ୍‌ଲାମ ଧର୍ମ ପ୍ରତି ଅପମାନଜନକ ପୋଷ୍ଟକୁ ନେଇ ରବିବାର ୨୦ ଜଣ ହିନ୍ଦୁଙ୍କ ଘର ଜାଳିଦିଆଯାଇଥିବା ଜଣାପଡ଼ିଛି। ରବିବାର ବିଳମ୍ବିତ ରାତିରେ ରଙ୍ଗପୁର ଜିଲାର ପିରଗଞ୍ଜ ଉପଜିଲାରେ ଏଭଳି ପୋଡ଼ାଜଳା ହୋଇଛି। ମତ୍ସ୍ୟଜୀବୀ ବସ୍ତିର ଜଣେ ଯୁବକ ଫେସ୍‌ବୁକ୍‌ରେ ଧର୍ମକୁ ଅସମ୍ମାନ କରି ମନ୍ତବ୍ୟ ପୋଷ୍ଟ କରିଥିବା ଗୁଜବ ପ୍ରଚାରିତ ହେବା ପରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ପୋଲିସ ଉକ୍ତ ଗ୍ରାମରେ ପହଞ୍ଚିଥିଲା। ପୋଲିସ ଉକ୍ତ ଯୁବକଙ୍କ ଘରକୁ ସୁରକ୍ଷା ଦେଉଥିବା ବେଳେ ଉତ୍ତ୍ୟକ୍ତ ଲୋକେ ଅନ୍ୟ ଘରଗୁଡ଼ିକରେ ନିଆଁ ଲଗାଇଦେଇଥିଲେ। ଦୁର୍ଗାପୂଜା ବେଳେ କୁମିଲା ଅଞ୍ଚଳର ଏକ ପୂଜା ମଣ୍ଡପରେ ଇସ୍‌ଲାମ ଧର୍ମ ପ୍ରତି ଅପମାନ ଅଭିଯୋଗକୁ ନେଇ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ଉତ୍ତେଜନା ବିଭିନ୍ନ ଜିଲାକୁ ବ୍ୟାପିବା ସହ କେତେକ ହିନ୍ଦୁ ମନ୍ଦିର ଭଙ୍ଗାରୁଜା କରାଯାଇଥିଲା। ଏହି ହିଂସାକାଣ୍ଡରେ ୪ ଜଣ ହିନ୍ଦୁ ନିହତ ହୋଇଥିବା ବାଂଲାଦେଶ ହିନ୍ଦୁ ବୌଦ୍ଧ ଖ୍ରୀଷ୍ଟିଆନ ଏକତା ପରିଷଦ ପକ୍ଷରୁ ଅଭିଯୋଗ ହୋଇଛି। ଏହି ଘଟଣାରେ ଅନେକଙ୍କୁ ଗିରଫ କରାଗଲାଣି।



ହିଂସାକାଣ୍ଡବେଳେ ଜଳିଯାଇଥିବା ଗାଡ଼ି।

## ଚାଇନା ସୈନ୍ୟଙ୍କ ମୁକାବିଲା ପାଇଁ ବଜ୍ର, ତ୍ରିଶୂଳ

**ନୂଆଦିଲ୍ଲୀ, ୧୮।୧୦**

ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଗତବର୍ଷ ଜୁନ୍‌ରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା, ଯେଉଁଥିରେ ଭାରତର ୨୦ ଯବାନ ଶହୀଦ ହୋଇଥିଲେ। ଏହି ସଂଘର୍ଷରେ ଚାଇନା ସୈନ୍ୟ ଅଣମାରାତ୍ମକ ଅସ୍ତ୍ର ବ୍ୟବହାର କରିଥିଲେ। ଆଗାମୀ ଦିନରେ ଏଭଳି ସଂଘର୍ଷ ହେଲେ ଚାଇନା ସୈନ୍ୟଙ୍କୁ ମୁକାବିଲା କରିବା ଲାଗି ସେହିଭଳି ଅସ୍ତ୍ର ପ୍ରସ୍ତୁତ ହୋଇଛି। ଉତ୍ତରପ୍ରଦେଶ ନୋଏଡାର ଏକ କମ୍ପାନୀ ପ୍ରସ୍ତୁତ କରିଥିବା ବଜ୍ର, ତ୍ରିଶୂଳ, ଦଣ୍ଡ, ଭଦ୍ରା ଆଦି ଅସ୍ତ୍ର ଦ୍ୱାରା ଭାରତୀୟ ଯବାନ ଚାଇନା ପ୍ରତିପକ୍ଷଙ୍କୁ ଠିକଣା ଜବାବ ଦେଇପାରିବେ। ମେକ୍ ଇନ୍ ଇଣ୍ଡିଆ ଇନିସିଏଟିଭ୍‌ରେ ନୋଏଡାର ଆପାଷ୍ଟେରନ କମ୍ପାନୀ ସୈନ୍ୟବାହିନୀ ପାଇଁ ଉକ୍ତ ଅସ୍ତ୍ର ପ୍ରସ୍ତୁତ କରିଛି।



ବ୍ୟାଟେରି ସହାୟତାରେ କାର୍ଯ୍ୟ କରିବାକୁ ଥିବା ତ୍ରିଶୂଳ ପାଇଁ ଯବାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯିବ। ଏଥିରେ ଥିବା ଇଲେକ୍ଟ୍ରିକ୍ କରେଣ୍ଟ ସିଷ୍ଟମ ଯୋଗୁ ଶତ୍ରୁ ପକ୍ଷ ସୈନ୍ୟଙ୍କୁ ଶକ୍ତ ବିଦ୍ୟୁତ ଝଟ୍‌କା ଲାଗିବ। ସେହିପରି ବଜ୍ର ହେଉଛି ବ୍ୟାଟେରି ଚାଳିତ ଏକ ଧାତବ ଦଣ୍ଡ। ଏହା ମଧ୍ୟ ଶତ୍ରୁ ପକ୍ଷଙ୍କୁ ବିଦ୍ୟୁତ୍ ଝଟ୍‌କା ଦେବ। ଏଥିରେ ରହିଥିବା କଣ୍ଟା ଦ୍ୱାରା ଶତ୍ରୁ ପକ୍ଷର ଗାଡ଼ିକୁ ପଙ୍କ୍‌ଚର କରାଯାଇପାରିବ ଓ ଶତ୍ରୁଙ୍କୁ କିଛି ସମୟ ପାଇଁ ଅଚେତ କରିଦେବ। ସେହିପରି ଅନ୍ୟ ଏକ ଅସ୍ତ୍ର ହେଲା ସାପର୍ ପଞ୍ଚ୍। ମୁଷ୍ଟିଯୁଦ୍ଧ ବେଳେ ଏହି ବିଦ୍ୟୁତଚାଳିତ ଗ୍ଲୋଭ୍ସକୁ ପିନ୍ଧି ଶତ୍ରୁ ସୈନ୍ୟଙ୍କୁ ଆଘାତ କରାଯାଇପାରିବ। ଅନ୍ୟ ଏକ ଅସ୍ତ୍ର ହେଉଛି ବ୍ୟାଟେରି ଚାଳିତ ଦଣ୍ଡ। ଏହାକୁ ଶତ୍ରୁ ପକ୍ଷ ଛଡ଼ାଇନେଲେ ମଧ୍ୟ ନିରାପତ୍ତା ସୁଇଚ୍ ବିନା ବ୍ୟବହାର କରିପାରିବ ନାହିଁ। ସେହିପରି ଭଦ୍ରା ହେଉଛି ସ୍ୱତନ୍ତ୍ର ପ୍ରକାର ଢାଲ ଯାହା ଯବାନମାନଙ୍କୁ ପଥର ମାଡ଼ରୁ ରକ୍ଷା କରିପାରିବ। ଏଥିରୁ ବାହାରୁଥିବା ଆଲୋକ ପ୍ରଭାବରେ ଶତ୍ରୁ ସୈନ୍ୟ କିଛି ସମୟ ପାଇଁ ଦୃଷ୍ଟିଶକ୍ତି ହରାଇବେ। ଏଥିରେ ଥିବା ବିଦ୍ୟୁତ୍ କରେଣ୍ଟରେ ସେମାନଙ୍କୁ ଆଘାତ ଦିଆଯାଇପାରିବ। ଏହି ଅସ୍ତ୍ରଗୁଡ଼ିକ ଜଳନିରୋଧୀ ଏବଂ ବିଦ୍ୟୁତ୍ ଦ୍ୱାରା ଚାର୍ଜ କରାଯିବ।

# ପୋଟ୍ଲି ବ୍ୟାଗ୍

**ପାର୍ଟି କିମ୍ବା ଉତ୍ସବ ସମୟରେ ନିଜକୁ ଭିନ୍ନ ଲୁକ୍ ଦେବା ପାଇଁ ଶାଢ଼ି ଓ ଡ୍ରେସ ସହିତ ମ୍ୟାଚିଂ ହେଲାଭଳି ଇୟରରିଂ, ନେକ୍‌ଲେସ୍, ଚପଲ ଆଦି ସମସ୍ତେ ପିନ୍ଧନ୍ତି। ଆଜିକାଲି ଫ୍ୟାଶନରେ ପୋଟ୍‌ଲି ବ୍ୟାଗ୍‌ର ବି ଢେର୍ ଚାହିଦା ରହିଛି। ତେବେ କେଉଁ ଡ୍ରେସ୍‌ରେ କେଉଁ ପ୍ରକାରର ବ୍ୟାଗ୍ ବ୍ୟବହାର କରିବେ ଜାଣିରଖନ୍ତୁ...**





➤ବାହାଘର ପାର୍ଟିରେ ସାଧାରଣତଃ କାରୁକାର୍ଯ୍ୟ ହୋଇଥିବା ଓଜନିଆ ଶାଢ଼ି ପିନ୍ଧିବାକୁ ଭଲ ଲାଗେ। ଶାଢ଼ି ସହିତ ମ୍ୟାଚିଙ୍ଗ୍ କରି ସବୁ କିଛି ପିନ୍ଧିବାକୁ ପଡ଼େ। ତେବେ ପାର୍ଟିରେ ଟିକେ ଭିନ୍ନ ଲୁକ୍ ଦେବା ପାଇଁ ଆପଣ ଗୋଲ୍ଡେନ୍ ପୋଟ୍‌ଲି ବ୍ୟାଗ୍ ବ୍ୟବହାର କରିପାରିବେ। ଏହା ଆପଣଙ୍କୁ ବ୍ରାଇଡାଲ୍ ଲୁକ୍ ଦେବ। ବନାରସୀ କିମ୍ବା କାଞ୍ଜିବରମ୍ ଶାଢ଼ିରେ ଏହା ବେଶି ସୁନ୍ଦର ଲାଗିବ।

➤ପାର୍ଟି କିମ୍ବା ଫଙ୍କ୍‌ସନ୍‌ରେ ସାଧାରଣତଃ ଆମେ ଲେହେଙ୍ଗା କିମ୍ବା ଅନାରକଲି ପିନ୍ଧିଥାଉ। ତେଣୁ ଡ୍ରେସ୍‌କୁ ମ୍ୟାଚିଙ୍ଗ୍ କରି ସେହି ରଙ୍ଗର ପୋଟ୍‌ଲି ବ୍ୟାଗ୍ ଧରନ୍ତୁ। ହ୍ୱାଇଟ୍ ପରଲ୍ ବ୍ୟାଗ୍‌କୁ ଆପଣ ଯେ କୌଣସି ରଙ୍ଗର ଡ୍ରେସ୍‌ରେ ପକାଇପାରିବେ।

➤ପାର୍ଟିରେ କେତେଜଣ ୱାନ-ପିସ୍ ବି ପିନ୍ଧିଥାନ୍ତି। ସେମାନେ ଏହି ସମୟରେ ଗୋଲ୍ ଆକାରର ଭେଲ୍‌ଭେଟ୍ ପୋଟ୍‌ଲି ବ୍ୟାଗ୍ ବ୍ୟବହାର କରି ନିଜକୁ ଷ୍ଟାଇଲିସ୍ ଲୁକ୍ ଦେଇପାରିବେ।

➤ଯଦି ଆପଣ ଶାଢ଼ି ପିନ୍ଧୁଛନ୍ତି ତେବେ ଏମ୍ବ୍ରୋଡେରି ଥିବା ପୋଟ୍‌ଲି ବ୍ୟାଗ୍ ଧରନ୍ତୁ। ଫିକା ଶାଢ଼ି ସହ ରଙ୍ଗିନ୍ ପୋଟ୍‌ଲି ବ୍ୟାଗ୍ ବାଛନ୍ତୁ।

➤ସାଲ୍‌ୱାର୍ କିମ୍ବା ସିମ୍ପଲ୍ କୁର୍ତ୍ତା ପିନ୍ଧିଥିଲେ ସେଥିରେ ଏଥେନିକ୍ ଡିଜାଇନ୍‌ର ପୋଟ୍‌ଲି ବ୍ୟାଗ୍ ଧରିଲେ ଟିକିଏ ଭିନ୍ନ ଲୁକ୍ ଦେବ।



ସୌନ୍ଦର୍ଯ୍ୟ

# କୋମଳ ତ୍ୱଚା ପାଇଁ ଷ୍ଟିମ୍



**ଷ୍ଟିମ୍ ନେବା ଦ୍ୱାରା ତ୍ୱଚାରେ ଚମକ ଆସିବା ସହ ବ୍ରଣ ସମସ୍ୟା ଦୂର ହୋଇଥାଏ। ତ୍ୱଚାରେ ଦାଗ ପଡ଼ିବା ଏବଂ ବ୍ଲାକ୍‌ହେଡସ୍ ସମସ୍ୟାରୁ ମଧ୍ୟ ଷ୍ଟିମ୍ ଦ୍ୱାରା ମୁକ୍ତି ମିଳିଥାଏ। ତେଣୁ ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ଷ୍ଟିମ୍ କରିବାକୁ ଭୁଲନ୍ତୁ ନାହିଁ...**

➔ଷ୍ଟିମ୍ କରିବା ଦ୍ୱାରା ଆପଣଙ୍କ ମୁହଁର ସୂକ୍ଷ୍ମ ଛିଦ୍ର ଖୋଲିଥାଏ। ଏହା ତ୍ୱଚାରେ ଥିବା ମୃତ କୋଷଗୁଡ଼ିକୁ ଦୂର କରି ମୁହଁକୁ ପ୍ରାକୃତିକଭାବେ ସତେଜ କରିଥାଏ।

➔ତ୍ୱଚାକୁ ହାଇଡ୍ରେଟ କରିବାରେ ସାହାଯ୍ୟ କରିଥାଏ ଷ୍ଟିମ୍। ଚର୍ମରେ ତୈଳ ଅଂଶକୁ କମାଇ ମଇଳା ପରିଷ୍କାର କରିବା ସହ ପ୍ରାକୃତିକ ଭାବରେ ମଶ୍ଚରାଇଜ ମଧ୍ୟ କରିଥାଏ।

➔ନିୟମିତ ଷ୍ଟିମ୍ କରିବା ଦ୍ୱାରା ବ୍ଲାକହେଡସ୍ ଏବଂ ହ୍ୱାଇଟହେଡସ୍ ସମସ୍ୟା ଦୂର ହୋଇଥାଏ। ତ୍ୱଚାରେ ବ୍ଲାକହେଡ୍‌ସ ନ ରହିଲେ ମୁହଁ ଅଧିକ ଗ୍ଲୋ କରିବା ସହ କୋମଳ ଲାଗିଥାଏ।

➔ସ୍କିନ୍ କେୟାର ରୁଟିନ୍ ଫଲୋ କରୁଥିଲେ ବେଳେବେଳେ ତ୍ୱଚା ଶୁଖିଲା ଦେଖାଯିବା ସହ ଡିହାଇଡ୍ରେଟ ହୋଇଯାଏ। ଏହାର ମୁଖ୍ୟ କାରଣ ସେହି ସ୍ଥାନରେ ରକ୍ତ ସଞ୍ଚାଳନ ହୋଇ ନ ଥାଏ। ତେବେ ଫେସ୍ ଷ୍ଟିମିଂ ନେବା ଦ୍ୱାରା ରକ୍ତ ସଞ୍ଚାଳନ ହେବା ସହ ତ୍ୱଚା ଆକର୍ଷଣୀୟ ହୋଇଥାଏ।

➔ମୁହଁର ସୌନ୍ଦର୍ଯ୍ୟ ଅଧିକ ବଢ଼ାଇବାକୁ ଚାହୁଁଥିଲେ ଫେସ୍‌ମାସ୍କ ବ୍ୟବହାର କରି ଫେସ୍ ଷ୍ଟିମିଂ କରନ୍ତୁ। ଫେସ୍ ମାସ୍କକୁ ବାହାର କରିବା ପାଇଁ ଥଣ୍ଡା ପାଣିରେ ମୁହଁ ଧୁଅନ୍ତୁ। ପରେ ଆଇସ୍ କ୍ୟୁବ୍‌କୁ ମୁହଁ ଓ ବେକରେ କିଛି ସମୟ ପାଇଁ ଘଷନ୍ତୁ।

➔ବ୍ରଣ ସମସ୍ୟା ଦୂର କରିବା ପାଇଁ ମଧ୍ୟ ଷ୍ଟିମ୍ କରିପାରିବେ। ୩ରୁ ୪ମିନିଟ୍ ଫେସ୍ ଷ୍ଟିମ କରିବା ପରେ ଅଧଘଣ୍ଟା ପାଇଁ ଛାଡ଼ି ଦିଅନ୍ତୁ। ପରେ ସେଥିରେ ୫ମିନିଟ୍ ପାଇଁ ଆଇସ୍ କ୍ୟୁବ୍ ଘଷନ୍ତୁ। ଏହା ଦ୍ୱାରା ପିମ୍ପଲ୍ ଦୂର ହେବା ସହ ନାଲିଦାଗ କିମ୍ବା ତ୍ୱଚା ପୋଡାଜଳା ହେଉଥିଲେ ଉପଶମ ମିଳିବ।

➔ଯଦି ପ୍ରତିଦିନ ମେକ୍‌ଅପ ହେଉଛନ୍ତି ତେବେ ସପ୍ତାହକୁ ଅତିକମରେ ଥରେ ଫେସ୍ ଷ୍ଟିମିଂ କରନ୍ତୁ। ଏହା ଆପଣଙ୍କ ମେକଅପ୍‌କୁ ସଫା କରିଦେଇଥାଏ ଏବଂ କୌଣସି ଇନ୍‌ଫେକ୍‌ସନ ମଧ୍ୟ ହୋଇ ନ ଥାଏ।

**ନିବିଡ଼ ସମ୍ପର୍କ ପାଇଁ ବୁଝାମଣା କରୁ କରୁ କେବେ ନାରୀଟିଏ ନିଜ ଆତ୍ମସମ୍ମାନକୁ ବଳିଦିଏ ଜାଣି ପାରେନା। ପରିବାରର ଭଲ ପାଇ ବେଳେବେଳେ ଭୁଲ୍‌କୁ ମଧ୍ୟ ସ୍ୱୀକାର କରିନିଏ, ଯାହା ଭବିଷ୍ୟତ ପାଇଁ ଡାକିଆଣେ ବଡ଼ ବିପଦ। ତେଣୁ ସହିବାର ସୀମା ଡେଇଁବା ଆଗରୁ କହିବାକୁ ହେବ ନା, ଆଉ ନୁହେଁ...**

# ନା, ଆଉ ନୁହେଁ



ସମ୍ପର୍କର ଆଧାର ବୁଝାମଣା। ପରସ୍ପର ମଧ୍ୟରେ ଭଲ ବୁଝାମଣା ହିଁ ସମ୍ପର୍କକୁ ନିବିଡ଼ କରିଥାଏ। ପରିବାର ପାଇଁ ଅଧିକାଂଶ ସମୟରେ ନାରୀଟିଏ ବାଛି ନିଏ ଏହି ବାଟ। କିନ୍ତୁ ବୁଝାମଣା ଆଉ ସାଲିସ୍ ଭିତରେ ଢେର୍ ଫରକ। ଯେଉଁଠି ବୁଝାମଣା ଲାଗି ଆତ୍ମସମ୍ମାନ ଉପରେ ଆଞ୍ଚ ଆସେ ନାରୀର ଅନ୍ତର୍ମନ କରି ଉଠେ ବିଦ୍ରୋହ। କୁହୁଳେ ଅସନ୍ତୋଷ। ଏହା ବିସ୍ଫୋରଣର ରୂପ ନେବା ଆଗରୁ ଜାଣିବାକୁ ହେବ କେଉଁଠି କହିବେ ନା।

**ସହନଶୀଳତା ଦୁର୍ବଳତା ନ ହେଉ:** ତ୍ୟାଗ ଓ ସାହସ ଭିତରେ ଅନେକ ଫରକ। ସମ୍ପର୍କରେ ସବୁ ସମୟରେ ନିଜେ ଆଗୁଆ ବୁଝାମଣା କରିବାକୁ ଆଗେଇ ଆସିବା ଫଳରେ ପରିବାରରେ ଓ ଦାମ୍ପତ୍ୟ ଜୀବନରେ ବହୁ ସମସ୍ୟା ସହଜରେ ସମାଧାନ ହୋଇଯାଏ। ସହିବା ଏକ ମହାନ୍ ଗୁଣ। କିନ୍ତୁ ସବୁ ସମୟରେ ସବୁକିଛି ସହିଯିବା ବେଳେବେଳେ ବହୁ ଅସୁବିଧା ସୃଷ୍ଟି କରିଥାଏ। ଗୃହିଣୀମାନଙ୍କର ସହିବା ଗୁଣକୁ ଅନ୍ୟମାନେ ସେମାନଙ୍କର ଦୁର୍ବଳତା ଭାବି ଅନ୍ୟାୟ କରିଥାନ୍ତି। ତେଣୁ ନିଜର ସହନଶୀଳ ଗୁଣକୁ ଅନ୍ୟମାନେ ଯେପରି ଦୁର୍ବଳତା ନ ଭାବନ୍ତୁ ସେଥିପ୍ରତି ସଚେତନ ରହିବା ଆବଶ୍ୟକ।

**ଆତ୍ମସମ୍ମାନ ହରାନ୍ତୁ ନାହିଁ:** କୌଣସି ମହିଳା କେବେ ହେଲେ ନିଜ ଆତ୍ମ ସମ୍ମାନକୁ ବଳି ଦେବା ଉଚିତ ନୁହେଁ। କେତେଜଣ ଏପରି ଭାବିଥାନ୍ତି କି ମହିଳାମାନେ ଯଦି ରୋଜଗାର କରୁନାହାନ୍ତି ତେବେ ସେମାନଙ୍କ ସହିତ ଯେକୌଣସି ପ୍ରକାରର ବ୍ୟବହାର କରାଯାଇପାରେ। ଏଥିପାଇଁ ଘର ଲୋକଙ୍କ ଆଗରେ କିମ୍ବା ବନ୍ଧୁବାନ୍ଧବଙ୍କ ଆଗରେ ସେମାନଙ୍କୁ ଅପମାନିତ କରିଥାନ୍ତି। କିନ୍ତୁ ଏପରି ବ୍ୟବହାରକୁ ସହିବା ଆଦୌ ଠିକ୍ ନୁହେଁ।



**ହିଂସା କେବେ ନୁହେଁ:** ନିଜ ପ୍ରତି କୌଣସି ପ୍ରକାରର ହିଂସାକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ। ଏହା ଶାରୀରିକ ଓ ଭାବନାତ୍ମକ ରୂପେ ଖୁବ୍ ଆଘାତ ଦେଇଥାଏ। ବେଳେବେଳେ ଗୃହିଣୀମାନେ ଭାବିଥାନ୍ତି କି ତାଙ୍କ ଜୀବନସାଥୀଙ୍କୁ ଶୀଘ୍ର କ୍ରୋଧ ଆସିଥାଏ, ନଚେତ୍ ସେ ଭଲ ମଣିଷ। କିନ୍ତୁ ହିଂସା ସହିବା ଦ୍ୱାରା ସ୍ୱଭାବ ଆଦୌ ବଦଳି ନ ଥାଏ।

**ବଡ଼ ନିଷ୍ପତ୍ତି:** ବେଳେବେଳେ ଶାଶୁଘରର ଲୋକେ ବୋହୂ ଉପରେ ସେମାନଙ୍କ ନିଷ୍ପତ୍ତି ବାଧ କରି ଲଦି ଦିଅନ୍ତି। କିନ୍ତୁ ନିଜ ସହିତ ଜଡ଼ିତ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଜୀବନସାଥୀଙ୍କୁ ନିଜ ମନର ଅବସ୍ଥା ବୁଝାନ୍ତୁ। ଉଭୟଙ୍କ ସହମତିରେ ଭବିଷ୍ୟତର ନିଷ୍ପତ୍ତି ନିଅନ୍ତୁ। ବାଧ ହୋଇ କୌଣସି ନିଷ୍ପତ୍ତି ଗ୍ରହଣ କରିବା ଠିକ୍ ନୁହେଁ।

**ସ୍ୱାସ୍ଥ୍ୟ ବୁଝାମଣା:** ଗୃହିଣୀମାନେ ସବୁବେଳେ ଅନ୍ୟମାନଙ୍କ ଖୁସି ପାଇଁ ବେଶି ଚିନ୍ତା କରିଥାନ୍ତି। ତେଣୁ ନିଜ ପ୍ରତି ସେମାନେ ବାରମ୍ବାର ଅବହେଳା କରନ୍ତି। ଏମିତି କି ନିଜର ସ୍ୱାସ୍ଥ୍ୟ ଖରାପ ଥିଲେ ବି ଚିକିତ୍ସା ନିମନ୍ତେ କହିବାକୁ କୁଣ୍ଠାପ୍ରକାଶ କରନ୍ତି। କିନ୍ତୁ ସ୍ୱାସ୍ଥ୍ୟ କ୍ଷେତ୍ରରେ କୌଣସି ପ୍ରକାରର ଅବହେଳା ଆଦୌ ଠିକ୍ ନୁହେଁ।



ଅନୁପମା



କୁସୁମ



ରୁନୁ ରାଣୀ

**ଏମାନେ କ'ଣ କୁହନ୍ତି**

**ଖୁସି ପାଇଁ ବାହାରକୁ ଯାଏ:** ଶିକ୍ଷୟିତ୍ରୀ ହୋଇଥିବାରୁ ସ୍କୁଲରେ କାମ ସରିଲା ମାତ୍ରେ ମୋତେ ଯେମିତି ବି ହେଉ ଘରକୁ ଆସିବାକୁ ପଡ଼େ। କିନ୍ତୁ ମୋର ଇଚ୍ଛା ଥାଏ କାମ ସରିଲା ପରେ ବାହାରେ କିଛି ସମୟ ରହି ଟିକେ କିଣାକିଣି କରନ୍ତି, ହେଲେ ସବୁବେଳେ ଏହା ସମ୍ଭବ ହୋଇ ନ ଥାଏ। କିନ୍ତୁ ମଝିରେ ମଝିରେ ମୁଁ ଘର କାମକୁ ଛାଡି ନିଜ ଖୁସି ପାଇଁ ବାହାରକୁ ଯାଏ, ମାର୍କେଟିଂ କରେ ଆଉ ସାଙ୍ଗମାନଙ୍କୁ ଦେଖା କରେ।

*-ଅନୁପମା ପରିଡ଼ା*
*ଶିକ୍ଷୟିତ୍ରୀ, ସାକ୍ଷୀଗୋପାଳ, ପୁରୀ*

**ଅର୍ଥ ଯୋଗାଡ କରୁଛି:** ଅନାଥ ଆଶ୍ରମଟିଏ କରି କିଛି ଅନାଥ ପିଲାଙ୍କୁ ରଖି ପାଠ ପଢ଼ାଇବାକୁ ମୋର ବହୁତ ଇଚ୍ଛା ଅଛି। ଘର ଲୋକ ଯାହା କହିଲେ ବି ମୁଁ ଏ କାମ ନିଶ୍ଚୟ ପୁରା କରିବା ପାଇଁ ଲକ୍ଷ୍ୟ ରଖିଛି। ହେଲେ ଏବେ ମୋ ପାଖରେ ଯଥେଷ୍ଟ ଅର୍ଥ ନ ଥିବାରୁ ପ୍ରଥମେ ଅର୍ଥ ଯୋଗାଡ଼ କରୁଛି। ଘରର ଅନ୍ୟମାନେ ଏଥିପାଇଁ ସମର୍ଥନ ଦେବେ କି ନାହିଁ ଜାଣିନି ହେଲେ ମୋ ସ୍ୱାମୀ ମତେ ଏହି କାମ ପାଇଁ କେବେ ଆକଟ କରି ନାହାନ୍ତି।

*-କୁସୁମ ସାମନ୍ତ ସିଂହାର*
*ଅଙ୍ଗନୱାଡି କର୍ମୀ, ତାଳଚେର*

**ନିଜ ପାଇଁ ସମୟ ବାହାରୁନି:** ଘର କାମ ସିନା ସବୁ କରୁଛି, ହେଲେ ମନ ଲେଖାଲେଖିରେ। ପୂର୍ବରୁ ଛୋଟ ଛୋଟ ଗୀତ, ଗପସବୁ ଲେଖୁଥିଲି, ହେଲେ ବାହାଘର ପରେ ଆଉ ଟିକେ ବି ସମୟ ମିଳୁନି ଲେଖିବାକୁ। ଘରର ସବୁ ସଦସ୍ୟଙ୍କ କଥା ବୁଝୁ ବୁଝୁ ମୁଁ ଏ ସବୁକୁ ଛାଡ଼ି ସାରିଲିଣି। ନିଜ କଥା ବୁଝିବାକୁ ବି ସମୟ ମିଳୁନି। ମୋ ସ୍ୱାସ୍ଥ୍ୟର ଯତ୍ନ ବି ମୁଁ ଠିକ୍ ଭାବେ ନେଇପାରୁନି। ହେଲେ, ଏ ସବୁ ଭିତରେ ଆଗକୁ ସମୟ ମିଳିଲେ ପୁଣି ଲେଖା ଆରମ୍ଭ କରିବି ବୋଲି ଭାବିଛି।

*-ରୁନୁ ରାଣୀ ପଟ୍ଟନାୟକ, ୟୁନିଟ୍-୩*
*ଖାରବେଳ ନଗର, ଭୁବନେଶ୍ୱର*

ଖାଦ୍ୟରୁଚି

# ନଡ଼ିଆ ବର୍ଫି

**ଆବଶ୍ୟକ ସାମଗ୍ରୀ**

ପାଣି-୧କପ୍, ଚିନି-୧କପ୍, କୋରା ନଡ଼ିଆ-ଦେଢ଼ କପ୍, ଖୁଆ- ଅଧା ଚାମଚ, କଟା ବାଦାମ-୫ଟି, ଆଲ୍‌ମଣ୍ଡ-୬ଟି, ଗୁଜୁରାତି ଗୁଣ୍ଡ-୧ଚାମଚ, ଘିଅ-୧ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:-**ପ୍ରଥମେ ଗୋଟିଏ ପାତ୍ରରେ ପାଣି ନେଇ ସେଥିରେ ଚିନି ପକାନ୍ତୁ। ପାଣି ଏବଂ ଚିନି ବହଳିଆ ହେବା ପର୍ଯ୍ୟନ୍ତ ଭଲ ଭାବେ ଘାଣ୍ଟନ୍ତୁ। ଏବେ ସେଥିରେ କୋରା ହୋଇ ପୂର୍ବରୁ ରଖା ଯାଇଥିବା ନଡ଼ିଆକୁ ପକାନ୍ତୁ ଏବଂ ନଡ଼ିଆର ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏବେ କିଛି ଖୁଆ ଏବଂ ଗୁଜୁରାତି ଗୁଣ୍ଡ ପକାଇ ମିଶ୍ରଣକୁ ଘାଣ୍ଟନ୍ତୁ। ଅନ୍ୟ ଏକ ପାତ୍ର ବା ଟ୍ରେ ନେଇ ସେଥିରେ ଘିଅ ଲଗାନ୍ତୁ ଓ କଟା ହୋଇ ରଖାଯାଇଥିବା ବାଦାମ ଓ ଆଲ୍‌ମଣ୍ଡକୁ କାଟି ପୂର୍ବପ୍ରସ୍ତୁତ ମିଶ୍ରଣରେ ପକାନ୍ତୁ। ଏବେ ସେ ମିଶ୍ରଣକୁ ଟ୍ରେ'କୁ ବାହାର କରନ୍ତୁ ଓ ସେଟ୍ ହେବା ପାଇଁ ୧୫ ମିନିଟ୍ ଥଣ୍ଡା କରି ଦିଅନ୍ତୁ। ଏବେ ଥଣ୍ଡା ହୋଇସାରିଲା ପରେ ଆପଣ ଏହାକୁ ନିଜ ଇଚ୍ଛା ଅନୁସାରେ ଭିନ୍ନ ଭିନ୍ନ ଆକୃତିର କାଟି ପାରିବେ। ଏବେ ପ୍ରସ୍ତୁତ ହୋଇଗଲା ନଡିଆ ବର୍ଫି।



# ଘରକରଣା



▶ଏକ କପ୍ ପଇଡ ପାଣିରେ ଦୁଇଟି ବ୍ରେଡ ଓ ଏକ ଚାମଚ ଚିନି ମିଶାଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏହି ମିଶ୍ରଣକୁ ଇଡ୍‌ଲି ମିଶ୍ରଣରେ ମିଶାଇଲେ ଇଡ୍‌ଲି ଅଧିକ ସ୍ୱାଦିଷ୍ଟ ଏବଂ ନରମ ହେବ।

▶ଇଡ୍‌ଲି କିମ୍ବା ଦୋସାର ମିଶ୍ରଣ ଅଧିକ ଖଟା ହୋଇ ଯାଇଥିଲେ ସେଥିରେ ନଡିଆ କ୍ଷୀର ମିଶାଇ ଦିଅନ୍ତୁ।

▶ଦହି ବସାଇବା ପାଇଁ ଯଦି ଘରେ ଅଲଗା ଦହି ନ ଥାଏ ତେବେ ଗରମ କ୍ଷୀରରେ ଏକ କଞ୍ଚା ଲଙ୍କା ପକାଇ ରଖିଲେ ଦହିକୁ ରୂପାନ୍ତରିତ ହୋଇଯାଏ।



▶ତନ୍ଦୁରୀ ଚପାତିକୁ ନରମ କରିବାକୁ ଚାହୁଁଥିଲେ ଅଟାରେ ଅଳ୍ପ ଦହି ମିଶାଇ ଉଷୁମ ପାଣିରେ ଚକଟନ୍ତୁ।

▶ତରକାରି ଶୀଘ୍ର କରିବାକୁ ଚାହୁଁଥିଲେ ଗରମ ତେଲରେ ପ୍ରଥମେ କିଛି ଜୀରା ଓ ହେଙ୍ଗୁ ଫୁଟାନ୍ତୁ। ଏହାପରେ ପିଆଜ ପକାଇ ଭାଜନ୍ତୁ। ପିଆଜ ଅଧା ଭାଜି ହୋଇ ଆସିଲେ ସେଥିରେ ସମସ୍ତ ପରିବାକୁ ପକାଇ ଏକ ସଙ୍ଗରେ ଭାଜନ୍ତୁ। ତା'ପରେ ମସଲା ଓ ଲୁଣ ପକାଇ ଘୋଡ଼ାଇ ଦିଅନ୍ତୁ। ମଝିରେ ମଝିରେ ଗୋଳାଇ ଦିଅନ୍ତୁ। ଖୁବ୍ ଶୀଘ୍ର ଏହି ଶୁଖିଲା ତରକାରି ତିଆରି ହୋଇଯିବ।

▶ତରକାରିରେ କଞ୍ଚା ଲଙ୍କା ପକାଇବାକୁ ଚାହୁଁଥିଲେ ପ୍ରଥମେ ତା'ର ମଞ୍ଜି ବାହାର କରି ଦେଇ ପକାନ୍ତୁ। ଅଧିକ ସ୍ୱାଦିଷ୍ଟ ଲାଗିବ ଓ ରାଗ କିଛିଟା କମ୍ ହୋଇଯିବ।

▶ପିଆଜ ଭାଜିବା ସମୟରେ ସେଥିରେ ଅଳ୍ପ ଚିନି ପକାଇ ଦେଲେ ତାହା ଶୀଘ୍ର ଭାଜି ହୋଇଯାଏ।

▶ବେସନରେ ସ୍ୱାଦିଷ୍ଟ ପକୋଡା ତିଆରି କରିବାକୁ ଚାହୁଁଥିଲେ ବେସନ ଗୋଳାଇବା ସମୟରେ ସେଥିରେ କିଛି ବେକିଂ ସୋଡା ପକାଇ ସଙ୍ଗେ ସଙ୍ଗେ ଛାଣନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୯/୨୦୨୧ Bhubaneswar, Tuesday, October 19/ 2021

# ରାହୁଲ-ରୋହିତ ଇନିଂସ ଓପନ କରିବେ



ଲୋକେଶ ରାହୁଲ ଓ ରୋହିତ ଶର୍ମା।

**ଦୁବାଇ, ୧୮।୧୦(ପି.ଟି.)**

ଟି୨୦ ବିଶ୍ୱକପର ଯୋଗ୍ୟତା ପର୍ଯ୍ୟାୟ ରବିବାରଠାରୁ ଆରମ୍ଭ ହୋଇଯାଇଛି। ଯୋଗ୍ୟତା ଅର୍ଜନ କରିଥିବା ଦଳଗୁଡ଼ିକର ୱାର୍ମଅପ୍ ମ୍ୟାଚ ମଧ୍ୟ ଆରମ୍ଭ ହୋଇଛି। ଟିମ୍ କମ୍ବିନେଶନକୁ ପ୍ରତ୍ୟେକ ଦଳ ଗୁରୁତ୍ୱ ଦେଉଛନ୍ତି। ଭାରତୀୟ ଦଳର ଟିମ୍ କମ୍ବିନେଶନ ସମ୍ପର୍କରେ ସମ୍ୟକ ସୂଚନା ଦେଇଛନ୍ତି ଅଧିନାୟକ ବିରାଟ କୋହଲି। ଭାରତ ପକ୍ଷରୁ ରୋହିତ ଶର୍ମା ଓ ଲୋକେଶ ରାହୁଲ ଇନିଂସ ଓପନ କରିବେ। ନିଜେ କୋହଲି ୩ ନମ୍ବର ସ୍ଥାନରେ ଆସିବେ। ଭାରତ ଏହାର ପ୍ରଥମ ମ୍ୟାଚରେ ଚଳିତ ମାସ ୨୪ ତାରିଖରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ‘‘ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପୂର୍ବରୁ ଦୃଶ୍ୟପଟ ଭିନ୍ନ ଥିଲା। ଏବେ ଲୋକେଶ ରାହୁଲଙ୍କୁ ଟପ୍ ଅର୍ଡରରୁ ବାଦ୍ ଦେବା କଳ୍ପନା କରାଯାଇ ପାରିବନି। ରୋହିତ ଜଣେ ବିଶ୍ୱସ୍ତରୀୟ ଖେଳାଳି। ସେ ଓପନରଭାବେ ଚମତ୍କାର ପ୍ରଦର୍ଶନ କରି ଆସିଛନ୍ତି। ତେଣୁ ମୁଁ ୩ ନମ୍ବର ସ୍ଥାନରେ

**ଆଇସିସି ଟି୨୦ ବିଶ୍ୱକପ**

ବ୍ୟାଟିଂ କରିବାକୁ ଆସିବି’’ ବୋଲି ସୋମବାର ଇଂଲଣ୍ଡ ବିପକ୍ଷ ୱାର୍ମଅପ୍ ମ୍ୟାଚ ପୂର୍ବରୁ ଟସ୍ ଅବସରରେ କୋହଲି ପ୍ରକାଶ କରିଛନ୍ତି।

ଗତ ଆଇପିଏଲ୍‌ରେ ରାହୁଲ ତୃତୀୟ ସର୍ବାଧିକ ସ୍କୋରର ଭାବେ ୬୨୮ ରନ କରିଥିଲେ। ଏହା ବ୍ୟତୀତ ସେ ଲିଗ୍‌ରେ ସର୍ବାଧିକ ୩୦ଟି ଛକା ମଧ୍ୟ ମାରିଥିଲେ। ପ୍ରଥମ ଗେମ୍ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏଥିପାଇଁ ଆମେ ପ୍ରସ୍ତୁତ ହେଉଛୁ। ଯେତେଦୂର ସମ୍ଭବ ଅନ୍ୟ ଖେଳାଳିମାନଙ୍କୁ ମଧ୍ୟ ସୁଯୋଗ ଦିଆଯିବ। ପରିସ୍ଥିତି ଓ ପରିବେଶକୁ ନେଇ ବିଚାର କରାଯିବ। ଆଇପିଏଲ୍‌ରେ ଆମେମାନେ ବିଭିନ୍ନ ଦଳ ପକ୍ଷରୁ ଖେଳି ଆସିଛୁ। ତେଣୁ ଭାରତୀୟ ଦଳ ମଧ୍ୟରେ ଉତ୍ସାହ ସୃଷ୍ଟି ସହ ମୋମେଣ୍ଟମ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୋହଲି କହିଛନ୍ତି। ଏଥର ଆଇପିଏଲ୍ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହୋଇଥିଲା। ତେଣୁ ଭାରତୀୟ କ୍ରିକେଟକୁ ଶ୍ରେଷ୍ଠ ବୋଲି କହିବାକୁ ଭୁଲି ନାହାନ୍ତି ଏହି ଅଧିନାୟକ। ‘‘ଆମେ ଅତୀତରେ ସଫଳତା ପାଇଛୁ। ଦଳ ମଧ୍ୟରେ ସେହି ଉତ୍ସାହ ସୃଷ୍ଟି ପାଇଁ ଉଦ୍ୟମ କରିବୁ। ୧୧ ଖେଳାଳି ଏକାଠି ହେଲେ ଫିଲ୍ଡିଂକୁ ଗୁରୁତ୍ୱ ଦିଆଯିବ। ଆଇପିଏଲ୍‌ରେ ଭଲ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ମାତ୍ର ଏହା ଏକ ବଡ଼ ଟୁର୍ନାମେଣ୍ଟ। ଭାରତୀୟ କ୍ରିକେଟ ସମସ୍ତଙ୍କୁ ଅଗ୍ରାଧିକାର ଦେଇଥାଏ। ଆଇପିଏଲ୍ ଦଳଗୁଡ଼ିକ ସହ ଖେଳାଳିମାନେ ଭିନ୍ନ ଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ। ତେଣୁ ଯେତେଶୀଘ୍ର ସେମାନେ ଦଳଗତଭାବେ ଏକାଠି ହୋଇପାରିବେ ସେତେ ଭଲ ବୋଲି କୋହଲି ପ୍ରକାଶ କରିଛନ୍ତି।

# ବିଜୟଧାରା ବଜାୟ ରଖିବାକୁ ଚାହିଁବ ସ୍କଟ୍‌ଲାଣ୍ଡ

**ଅଲ୍ ଏମିରାଟ୍ ୧୮।୧୦ (ପି.ଟି.)**

ଓପନିଂ ମ୍ୟାଚରେ ବାଂଲାଦେଶ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଥିବାରୁ ସ୍କଟ୍‌ଲାଣ୍ଡର ମନୋବଳ ବୃଦ୍ଧି ପାଇଛି। ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଦଳ ମଙ୍ଗଳବାର ପାପୁଆ ନ୍ୟୁ ଗିନି ବିପକ୍ଷ ମ୍ୟାଚ ଜିତିବ ବୋଲି ଆଶା ରଖିଛି। ଓପନିଂ ମ୍ୟାଚରେ କ୍ରିସ୍ ଗ୍ରିଭ୍ସ ଚମତ୍କାର ଅଲରାଉଣ୍ଡ ପ୍ରଦର୍ଶନ କରି ୨୮ ବଲ୍‌ରେ ୪୫ ରନ ସଂଗ୍ରହ କରିଥିଲେ। ଏଥିସହିତ ସେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ଅକ୍ତିଆର କରିବାରୁ ବାଂଲାଦେଶ ବିପକ୍ଷ ଓପନିଂ ମ୍ୟାଚକୁ ସ୍କଟ୍‌ଲାଣ୍ଡ ୬ରନରେ ଜିତି ନେଇଥିଲା। ଅନ୍ୟପକ୍ଷରେ ଟୁର୍ନାମେଣ୍ଟର ସହ ଆୟୋଜକ ଓମାନଠାରୁ ନବାଗତ ପାପୁଆ ନ୍ୟୁ ଗିନି ୧୦ ଉଇକେଟରେ ପରାଜିତ ହୋଇଛି। ବାଂଲାଦେଶ ବିପକ୍ଷ ମ୍ୟାଚରେ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସ୍କଟ୍‌ଲାଣ୍ଡ ପାଇଁ ଚିନ୍ତାର ବିଷୟ। ଦଳ ଏକଦା ୫୩ ରନରେ ୬ ଉଇକେଟ ହରାଇଥିଲା। ମାତ୍ର ଲୋୟର ଅର୍ଡରରେ ଗ୍ରିଭ୍ସଙ୍କ ଲଢୁଆ ବ୍ୟାଟିଂ ଯୋଗୁ ଦଳର ସ୍ଥିତିରେ ସୁଧାର ଆସିଥିଲା। ମାର୍କ ୱାଏଟ୍ (୫୧ରନ) ଓ ଜୋସ୍ ଡାଭେ (୨୭ରନ)ଙ୍କ ସହ ଗୁରୁତ୍ୱପୂର୍ଣ୍ଣ ପାର୍ଟନରଶିପ୍ ଯୋଗୁ ସ୍କଟ୍‌ଲାଣ୍ଡ ଏକ ସମ୍ମାନଜନକ ଟାର୍ଗେଟ ଧାର୍ଯ୍ୟ କରିପାରିଥିଲା। ମଙ୍ଗଳବାର ମ୍ୟାଚରେ ବିଜୟ ହାସଲ କଲେ ସୁପର-୧୨ ଷ୍ଟେଜ୍ ପାଇଁ ଦୌଡ଼ରେ ସ୍କଟ୍‌ଲାଣ୍ଡ ସ୍ଥିତି ମଜଭୁତ ହୋଇଯିବ।

## ଶ୍ରୀଲଙ୍କା ପ୍ରଥମ ଟେଷ୍ଟ ଅଧିନାୟକଙ୍କ ପରଲୋକ

**କଲମ୍ବୋ, ୧୮।୧୦ (ପି.ଟି.):** ଶ୍ରୀଲଙ୍କାର ପ୍ରଥମ ଟେଷ୍ଟ କ୍ରିକେଟ ଅଧିନାୟକ ବାନ୍ଦୁଲା ୱାର୍ନାପୁରାଙ୍କ ସ୍ଥାନୀୟ ଏକ ହସ୍ପିଟାଲରେ ମୃତ୍ୟୁ ଘଟିଛି। ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ତାଙ୍କ ସୁଗାର ମାତ୍ରା ବୃଦ୍ଧି ପାଇଥିଲା। ଏହା ଶରୀରରେ ରକ୍ତ ସଞ୍ଚାଳନରେ ବାଧା ସୃଷ୍ଟି କରିଥିଲା। ଫଳରେ ଚଳିତ ମାସରେ ତାଙ୍କର ଡାହାଣ ଗୋଡ଼ ଅସ୍ତ୍ରୋପଚାର କରାଯାଇ କଟାଯାଇଥିଲା। ସେ ଜଣେ ଉତ୍ତମ ଟେକ୍‌ନିକ୍ ବ୍ୟାଟ୍ସମ୍ୟାନ



ଥିଲେ। ସେ ମିଡିୟମ ପେସ୍ ବୋଲିଂ ମଧ୍ୟ କରିପାରୁଥିଲେ। ୧୯୮୨ରେ ଶ୍ରୀଲଙ୍କା ଏହାର ପ୍ରଥମ ଟେଷ୍ଟ ମ୍ୟାଚ ଖେଳିଥିଲା। ଇଂଲଣ୍ଡ ବିପକ୍ଷ ଏହି ମ୍ୟାଚରେ ସେ ପ୍ରଥମ ବଲ୍ ସାମ୍ନା କରିବା ସହ ଦେଶ ତରଫରୁ ପ୍ରଥମ ରନ ମଧ୍ୟ ସ୍କୋର କରିଥିଲେ। ତାଙ୍କ ନାମରେ ଏକ ବିରଳ ରେକର୍ଡ ରହିଛି। ତାହା ହେଲା ଏହି ମ୍ୟାଚରେ ସେ ବ୍ୟାଟିଂ ଓପନିଂ କରିବା ସହ ବୋଲିଂ( ଦ୍ୱିତୀୟ ଇନିଂସ) ମଧ୍ୟ ଓପନିଂ କରିଥିଲେ। ତାଙ୍କ ବିୟୋଗରେ ଶ୍ରୀଲଙ୍କା କ୍ରିକେଟ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ୱାର୍ନାପୁରା ତାଙ୍କ ଦେଶ ତରଫରୁ ୧୯୭୫ରୁ ୧୯୮୨ ମଧ୍ୟରେ ୪ ଟେଷ୍ଟ ଏବଂ ୧୨ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ୧୯୮୨-୮୩ରେ ଏକ ବିଦ୍ରୋହୀ ଦଳ ସହ ସେ ବର୍ଣ୍ଣ ବୈଷମ୍ୟ ଦକ୍ଷିଣ ଆଫ୍ରିକା ଟୁର୍‌ରେ ଯିବା ପରେ ଶ୍ରୀଲଙ୍କା କ୍ରିକେଟ ତାଙ୍କୁ ଆଜୀବନ ବାସନ୍ଦ କରିଥିଲା।

# ଆବୁଧାବି ଟି୧୦ରେ ଟି୨୦ ବିଶ୍ୱକପ୍‌ର ୩୨ଖେଳାଳି

**ଆବୁଧାବି, ୧୮।୧୦ (ପି.ଟି.)**

ଆବୁଧାବି ଟି୧୦ର ୫ମ ସଂସ୍କରଣରେ ବିଭିନ୍ନ ଫ୍ରାଞ୍ଚାଇଜ ତରଫରୁ ପ୍ରତିନିଧିତ୍ୱ କରିବାକୁ ଥିବା ୩୨ ଖେଳାଳି ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ସେମାନଙ୍କ ଦେଶ ତରଫରୁ ପ୍ରତିନିଧିତ୍ୱ କରୁଛନ୍ତି। ଆବୁଧାବି ଟି୧୦ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ରାଜଧାନୀରେ ନଭେମ୍ବର ୧୯ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଖେଳାଯିବ। ଟି୨୦ ବିଶ୍ୱକପ୍ ଶେଷ ହେବାର ୫ ଦିନ ପରେ ଟୁର୍ନାମେଣ୍ଟ ଆରମ୍ଭ ହେବ। ନିକୋଲାସ ପୁରନ, କ୍ରିସ୍ ଗେଲ୍, ଆନ୍ଦ୍ରେ ରସେଲ, ଫାବିଏନ ଆଲେନ୍, ଡ୍ୱେନ ବ୍ରାଭୋ, ଏଭିନ ଲିୱିସ, ଓବେଡ୍ ମ୍ୟାକ୍‌କୟ, ରବି ରାମପଲ୍, ଡାରେନ ବ୍ରାଭୋ, ଅକିଲ ହୋସେନ୍ ଓ ଆନ୍ଦ୍ରେ ଫ୍ଲେଚରଙ୍କ ଭଳି ବିସ୍ଫୋରକ ଖେଳାଳି ଟି୨୦




ବିଶ୍ୱକପ୍‌ରେ ଗତଥରର ଚାମ୍ପିୟନ ୱେଷ୍ଟଇଣ୍ଡିଜ ତରଫରୁ ପ୍ରତିନିଧିତ୍ୱ କରୁଛନ୍ତି। ଅନପକ୍ଷରେ ଇଅନ ମୋର୍ଗାନ,ମୋଇନ ଅଲି, କ୍ରିସ୍ ଜୋର୍ଡାନ, ରିସି ଟପ୍‌ଲେ, ଲିଆମ ଲିଭିଙ୍ଗଷ୍ଟୋନ୍, ଟାଇମଲ ମିଲ୍ସ, ଆଦିଲ ରଶିଦ୍ ଓ ଜାସନ ରୟ ପ୍ରମୁଖ ଇଂଲଣ୍ଡ ଚ୍ୟାଲେଞ୍ଜ୍‌ର ନେତୃତ୍ୱ ନେବେ। ହଜରତୁଲ୍ଲା ଜାଜାଇ, କ୍ୱାଇସ୍ ଅହମ୍ମଦ ଓ ରହମାନୁଲ୍ଲା ଗୁର୍‌ବାଜ ଆଫଗାନିସ୍ତାନରୁ ପ୍ରତିନିଧିତ୍ୱ କରୁଥିବା ବେଳେ ୨୦୧୪ ଆଇସିସି ଟି୨୦ ବିଶ୍ୱକପ୍ ଚାମ୍ପିୟନ ଶ୍ରୀଲଙ୍କା ତରଫରୁ ଦୁଷ୍ମନ୍ତ ଚାମିରା, ମହେଶ ଥିକ୍‌ସାନା, ଚାମିକା କରୁଣାରତ୍ନେ ଓ ୱାନିନ୍ଦୁ ହସରଙ୍ଗା ଖେଳୁଛନ୍ତି। ଅନ୍ୟପକ୍ଷରେ ବିଧ୍ୱଂସକାରୀ ଖେଳାଳି ପଲ୍ ଷ୍ଟର୍ଲିଂ, ମାର୍କ ଆଡେର ; କର୍ଟିସ କାମ୍ଫର ଓ ଜୋଶୁଆ ଲିଟଲ ପ୍ରମୁଖ ଆୟର୍ଲାଣ୍ଡ ତରଫରୁ ପ୍ରତିନିଧିତ୍ୱ କରୁଥିବା ବେଳେ ମହମ୍ମଦ ସୈଫୁଦ୍ଦିନ ବାଂଲାଦେଶ ଏବଂ ଡେଭିଡ ୱିଜ୍ ନାମ୍ବିଆ ଟିମ୍ ତରଫରୁ ଟି୨୦ ବିଶ୍ୱକପ୍‌ରେ ଖେଳୁଛନ୍ତି। ଆବୁଧାବି ଟି୧୦ ସିରିଜ ହେଉଛି ବିଶ୍ୱର ଏକମାତ୍ର ୧୦ ଓଭରବିଶିଷ୍ଟ କ୍ରିକେଟ ଟୁର୍ନାମେଣ୍ଟ। ଏହାର ଆୟୋଜନ ଲାଗି ଏମିରେଟ୍ସ କ୍ରିକେଟ ବୋର୍ଡ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ରୁ ଅନୁମତି ପାଇଛି।

# ଅଷ୍ଟ୍ରିଆ ଜି-୧ ଓପନ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ଖେଳିବେ ଜଗନ୍ନାଥ

**ବନ୍ତ, ୧୮।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଗଣିଜାଙ୍ଗ ପଞ୍ଚାୟତ ହାସିନପୁର ଗ୍ରାମର ଗୋବିନ୍ଦ ବେହେରାଙ୍କ ପୁତ୍ର ଜଗନ୍ନାଥ ବେହେରା(୧୯) ଆସନ୍ତା ନଭେମ୍ବର ୨୮ରେ ଅଷ୍ଟ୍ରିଆର ଭିଏନାରେ ହେବାକୁ ଥିବା ଜି-୧ ଓପନ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାରତ ପକ୍ଷରୁ ଖେଳିବେ ବୋଲି ଜଣାଯାଇଛି। ୫୦ରୁ ଅଧିକ ଦେଶ ପ୍ରତିଯୋଗିତାରେ


ଜଗନ୍ନାଥ ବେହେରା

ଅଂଶଗ୍ରହଣ କରିବେ। ପୂର୍ବରୁ ଜଗନ୍ନାଥ ରାଜ୍ୟ ଓ ଜାତୀୟ ସ୍ତରରେ ଟାଏକୋଣ୍ଡୋ ପ୍ରତିଯୋଗିତରେ ଭାଗ ନେଇ ବହୁ ପଦକ ହାସଲ କରିଛନ୍ତି। ସେ ଏବେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବି.କମ୍ ପଢୁଛନ୍ତି। ଆଗାମୀ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସେ ଦେଶ ପାଇଁ ଭଲ ଖେଳ ପ୍ରଦର୍ଶନ କରି ପଦକ ହାସଲ କରିବେ ବୋଲି ଆଶାବାଦୀ ଅଛନ୍ତି।





**Bhubaneswar:** Rohan Hero – 7799766422, Bharat Hero –7799766378,DD Hero – 7799766329, Arundhati Hero - 9311733967; **Cuttack:** JMG Hero - 7799766366, Sunny Hero - 7799766401, Essen Hero - 7799766425;**Angul:** Parbati Hero - 7799766342; **Balasore**: Neelam Hero - 7799766393;**Baripada:** Aditya Hero - 7799766370;**Bhadrak:**Sanjib Hero - 7799766380;**Chandikhol:** S. K. Hero - 7799766362;**Jagatsinghpur:** Trishul Hero - 7799766383;**Jajpur Road:** Soumik Hero -7799766410;**Jaleswar:** Sai Hero - 7799766407;**Jatni:** Vishal Hero - 7799766398;**Keonjhar:** Supreme Hero - 7799766360;**Nayagarh:** Bhagabati Hero - 7799766417; **Puri:**Sanjib Hero- 8448389695; **Behrampur:** Lakshmi Motors, Dharma Nagar–7799766350, Lakshmi Automotives, Gajapati Nagar– 9311853279;**Jeypore:** Supreme Hero - 7799766340;**Phulbani:**Narayani Hero - 7799766373;**Raygada:**Ajit Hero - 7799766358; **Bargarh:** Aakash Hero - 7799766396;**Bhawanipatna:** Arundhati Hero - 7799766385;**Bolangir:** Arundhati Hero - 7799766327;**Jharsuguda:** Vijaylaxmi Hero - 7799766368;**Rourkela:** Dua Hero -7799766391;**Sambalpur:** Sri Shyam Hero - 7799766356;**Sonepur:** Jai Jawan Hero - 7799766419; **Sundergarh:**Robotech Hero: 8448183659;**Dhenkanal:** Som Hero - 7799766347;**Talcher:** Tarini Hero - 7799766374


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ନୟାଗଡ଼ ବଜାରରେ ଜବରଦଖଲ ଉଚ୍ଛେଦ

ନୟାଗଡ଼ ଅଫିସ,୧୮।୧୦

- ଟ୍ରାଫିକ ସମସ୍ୟା, ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ
- ମଦ ଦୋକାନକୁ ଅନୁକମ୍ପା ନେଇ ସମାଲୋଚନା

ନୟାଗଡ଼ ସହରରେ ସୋମବାର ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ଟ୍ରାଫିକ ସମସ୍ୟା ଏଡ଼ାଇବା, ସହରକୁ ସରସସୁନ୍ଦର ଓ ସୌନ୍ଦର୍ଯ୍ୟକରଣ କରିବାକୁ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି। ମ୍ୟୁନିସିପାଲିଟିଠାରୁ ତ୍ରିନାଥ ଛକ ପର୍ଯ୍ୟନ୍ତ ଜବରଦଖଲ କରିଥିବା ଦୋକାନ ଓ ଉଠା ଦୋକାନଗୁଡ଼ିକର ସାମ୍ନାରୁ ଉଚ୍ଛେଦ କରାଯାଇଛି। ଟ୍ରାଫିକ ଛକରେ ଥିବା ମଦ ଦୋକାନର ଜବରଦଖଲ ଅଂଶକୁ ଭଙ୍ଗା ଯାଇ ନ ଥିବାରୁ ସାଧାରଣରେ ସମାଲୋଚନା କରାଯାଇଛି। ପ୍ରଶ୍ନ ଉଠିଛି ଉଠା ଦୋକାନୀକୁ ଭାଙ୍ଗିବାକୁ ଯେପରି ଗୁରୁତ୍ୱ ଦିଆଗଲା ସେପରି ମଦ ଦୋକାନର ଜବରଦଖଲକୁ ଭଙ୍ଗାଗଲା ନାହିଁ କାହିଁକି। ପ୍ରଶାସନ ପକ୍ଷରୁ ମଦ ଦୋକାନକୁ ଅନୁକମ୍ପା କରାଯାଇଥିବାରୁ ଏ ନେଇ ଖୁବ୍‌ଶୀଘ୍ର ଆନ୍ଦୋଳନ ହେବାକୁ ଯାଉଛି ବୋଲି କେତେଜଣ ସାମାଜିକ କର୍ମୀ ସୂଚନା ଦେଇଛନ୍ତି।

ନୟାଗଡ ସହରରେ ଜବରଦଖଲ ବଢ଼ି ଚାଲିଛି। ବ୍ୟବସାୟୀମାନେ ଯିଏ ଯେଉଁଠି ପାଇଲା ସେଠାରେ ଜବରଦଖଲ କରି ଅସ୍ଥାୟୀ ଦୋକାନ ପକାଉଛନ୍ତି। ପୁଣି ନିଜ ଦୋକାନ ସମ୍ମୁଖରେ ଆଜବେଷ୍ଟସ ଗଡ଼ାଇ ୫୭ ନଂ. ଜାତୀୟ ରାଜପଥ, ୨୪ ନଂ. ରାଜ୍ୟ ରାଜପଥ, ନୟାଗଡ଼–ଖଣ୍ଡପଡ଼ା ଓ ନୟାଗଡ଼–ଦଶପଲ୍ଲା ରୋଡ୍‌କୁ ଅବରୋଧ କରି ରଖିଛନ୍ତି। ମ୍ୟୁନିସିପାଲିଟି ପକ୍ଷରୁ ନୟାଗଡ଼ ବଜାରର ସବୁ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯିବ ବୋଲି କୁହାଯାଇଛି। ଏ ନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା କୁହନ୍ତି, ସୋମବାର ନୟାଗଡ଼ଠାରୁ ତ୍ରିନାଥ ଛକ ପର୍ଯ୍ୟନ୍ତ ବଜାର ଅଞ୍ଚଳର ଜବରଦଖଲ ଉଚ୍ଛେଦ ହୋଇଛି। ମଙ୍ଗଳବାର ତ୍ରିନାଥ ଛକଠାରୁ ପିଟିଏସ୍ ରୋଡ୍, ନୟାଗଡ଼–ଖଣ୍ଡପଡ଼ା ରାସ୍ତାର ବଜାର ଅଞ୍ଚଳରୁ ଉଚ୍ଛେଦ କରାଯିବ। ଏହି ପ୍ରକ୍ରିୟା କିଛି ଦିନ ପର୍ଯ୍ୟନ୍ତ ଚାଲୁ ରହିବ। ଅନ୍ୟପକ୍ଷେ ମଦ ଦୋକାନର ଜବରଦଖଲ ଅଂଶ ମଙ୍ଗଳବାର ହଟାଯିବ। ଉଚ୍ଛେଦ ପୂର୍ବରୁ କେତେଜଣ ଦୋକାନୀ ଆପେ ଆପେ ଦୋକାନ ଭାଙ୍ଗି ଦେଉଥିବା ଜେନା କହିଛନ୍ତି।



ବଜାରରୁ ମ୍ୟୁନିସିପାଲିଟି ପକ୍ଷରୁ ଜେସିବି ଲଗାଇ ଜବରଦଖଲ ଉଚ୍ଛେଦ କରାଯାଉଛି।

## ଡ୍ରେନ ଉପରେ ସ୍ଥାୟୀ ଘର

ଅମରେନ୍ଦ୍ର ବଜାରର ଅନେକ ସ୍ଥାନରେ ଡ୍ରେନ ଉପରେ ଛାତ ଘର ଗଢ଼ିଉଠିଛି। ଡ୍ରେନ ଉପରେ ଘର ହୋଇଥିବାରୁ ପାଣି ନିଷ୍କାସନ ପଥ ବନ୍ଦ ହୋଇଯାଇଛି। ରାସ୍ତା ଉପରେ ପାଣି ଯାଉଛି। ପୁଣି ରାସ୍ତା ସଙ୍କୁଚିତ ହୋଇ ସବୁବେଳେ ଜାମ୍ ହେଉଛି। ହେଲେ ଡ୍ରେନ ଉପରୁ ଘର ଭାଙ୍ଗି ଜବରଦଖଲ ଉଚ୍ଛେଦ କରାଯାଉନି। ଏ ନେଇ ମ୍ୟୁନିସିପାଲିଟି ପକ୍ଷରୁ କେବେ ଜବରଦଖଲ ଉଚ୍ଛେଦ କରାଯିବ ସେନେଇ ସାଧାରଣରେ ଅପେକ୍ଷା କରାଯାଇଛି।

## ସକାଳେ ଭାଙ୍ଗିଲେ, ସନ୍ଧ୍ୟାରେ ଗଢ଼ିଲେ

ନୟାଗଡ଼ ବଜାରରେ ସୋମବାର ପୂର୍ବାହ୍ନ ଓ ମଧ୍ୟାହ୍ନରେ ଜବରଦଖଲ ଉଚ୍ଛେଦ ହୋଇଥିଲା। ସନ୍ଧ୍ୟାରେ ପୁଣି ଅସ୍ଥାୟୀ ଜବରଦଖଲ ହୋଇଛି। ମ୍ୟୁନିସିପାଲିଟି ପକ୍ଷରୁ ଏହାର ସ୍ଥାୟୀ ସମାଧାନ କରା ନ ଗଲେ ପୁଣି ଜବରଦଖଲ ସମସ୍ୟା ଦେଖାଦେବ। କିଛିଦିନ ଅସ୍ଥାୟୀ ଭାବେ, ପରେ ଆଜବେଷ୍ଟସ ଗଡାଇ ଜବରଦଖଲ କରାଯାଉଛି। ଡ୍ରେନକୁ ମଡାଇ ଦୋକାନୀମାନେ ଜବରଦଖଲ କରୁଛନ୍ତି।

## ୧୫୫ କେଜି ଗଞ୍ଜେଇ ଜବତ, ୨ ଗିରଫ

ଫୁଲବାଣୀ ଅଫିସ, ୧୮।୧୦: କନ୍ଧମାଳ ଜିଲା ସଦର ଥାନା ପୋଲିସ ମିଣିଆ ପଞ୍ଚାୟତ ଅର୍ଣ୍ଣଡା ଗ୍ରାମ ପାଖରେ ଚଢ଼ାଉ କରି ୫ଟି ବସ୍ତାରେ ଥିବା ୧୫୫ କେଜି ୭ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ଅଭିଯୁକ୍ତ ଫେରାର୍ ହୋଇ ଯାଇଛନ୍ତି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ମନୋଜ କହଁର ଓ ପଙ୍କଜ କହଁର। ଏସ୍‌ଆଇ ପି.ରାଉତରାୟ ଏକ ଟିମ୍ ସହ ପାଟ୍ରୋଲିଂ କରୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲେ। ଏ ନେଇ ଥାନାରେ ନଂ.୧୨୬/୨୧ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ବେହେରା କହିଛନ୍ତି।

## କେନାଲରେ ବୁଡ଼ି ଯୁବକ ମୃତ

ଧରାକୋଟ,୧୮।୧୦(ଡି.ଏନ.ଏ.): ଧରାକୋଟ ନିକଟସ୍ଥ ମୁଣ୍ଡମରାଇ ଋଷିକୁଲ୍ୟା କେନାଲରେ ଭାସୁଥିବା ଜଣେ ଯୁବକଙ୍କ ମୃତଦେହ ପୋଲିସ ସୋମବାର ଜବତ କରିଛି। ସେ ହେଲେ ମୁଣ୍ଡମରାଇ ଗାଁ ଦଳିତସାହିର କାମରାଜୁ ନାଇକଙ୍କ ପୁଅ ବିନୁ (୨୫)। ଉକ୍ତ କେନାଲରେ ମୃତଦେହ ଭାସୁଥିବା ବେଳେ ଧରାକୋଟ ଅଗ୍ନିଶମ ବିଭାଗ କର୍ମଚାରୀ ବାହାର କରିଥିଲେ।

## କବିତା ପାଠୋତ୍ସବ

ନୟାଗଡ଼ ଅଫିସ,୧୮।୧୦

ନୟାଗଡ଼ ଜିଲା ଦର୍ପନାରାୟଣପୁର ଜନତା ଉଚ୍ଚ ବିଦ୍ୟାଳୟରେ ରବିବାର କଳ୍ପନା ଓଡ଼ିଆ ଭାଷା ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କବି ସମ୍ମିଳନୀରେ କବିତା ପାଠୋତ୍ସବ କରାଯାଇଥିଲା। ଏଥିରେ କବି ଅଲେଖ କୁମାର ଭଞ୍ଜ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲା ଲେଖକ ସାମ୍ମୁଖ୍ୟ ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ର , ମନ୍ଦାକିନୀ ସାହିତ୍ୟ ସଂସଦର ସଭାପତି ଅଧ୍ୟାପକ ବିଜୟ କୁମାର ଜେନା, କବି ଓ ସାହିତ୍ୟିକ ବିରଞ୍ଚି ନାରାୟଣ ତ୍ରିପାଠୀ, ପରମ୍ପରାର ସମ୍ପାଦକ ନିର୍ମଳ ଚନ୍ଦ୍ର ସୁରଦେଓ, ମନ୍ଦାକିନୀ ସାହିତ୍ୟ ସଂସଦର ସମ୍ପାଦକ ନବ କିଶୋର ସାମନ୍ତରାୟ, ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଅଶୋକ କୁମାର ନାୟକ, ଐତିହାସିକ ରବୀନ୍ଦ୍ର କୁମାର ପରିଡା, ନୟାଗଡ଼ ଜିଲା ଲେଖକ ସାମ୍ମୁଖ୍ୟର ସମ୍ପାଦକ ଶେଖ୍ ଅବଦୁଲ୍ ଖାଲିକ୍ ଯୋଗଦେଇଥିଲେ। ଜିଲାର ବହୁ କବି ଓ କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ କବି, କବୟିତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପଦ୍ମଚରଣ ପରିଡା ସଂଯୋଜନା କରିଥିଲେ।





ବନ୍ଧୁ ମିଳନରେ ଏକାଠି ହୋଇଥିବା ସହପାଠୀ ଓ ପରିବାର ସଦସ୍ୟ।

## ୨୯ ବର୍ଷ ପରେ ଏକାଠି ହେଲେ ସହପାଠୀ

ନୟାଗଡ଼ ଅଫିସ,୧୮।୧୦

ଦୀର୍ଘ ୨୯ ବର୍ଷ ପରେ ଏକାଠି ହେଲେ ନୟାଗଡ଼ ଜିଲା ଗୋଡିପଡା ସର୍ଦ୍ଦାର ପଟେଲ ବିଦ୍ୟାପୀଠର ୧୯୯୨ ବ୍ୟାଚର ଛାତ୍ରୀଛାତ୍ର। ସହପାଠୀମାନେ ଏକାଠି ହୋଇ ପୁରୁଣା ସ୍ମୃତିକୁ ବଖାଣି ଥିଲେ। ଏପରିକି ସେମାନଙ୍କର ପରିବାର ସଦସ୍ୟମାନେ ଏକାଠି ହୋଇ ମଜା ଉଠାଇ ଥିଲେ। ସବୁବର୍ଷ ଏହାକୁ କରିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରସନ୍ନ ସାହୁ, ଅଲେଖ ସାହୁ, ସୁରେଶ ପାତ୍ର, ଗିରିଶ ମିଶ୍ର, ଉପେନ୍ଦ୍ର ନାୟକ, ସୁବ୍ରତ ଜୟସିଂ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# ୬ ବର୍ଷ ବିତିଲା, ମନ୍ଦିର କାର୍ଯ୍ୟାଳୟ ନିର୍ମାଣ ଅଧା

ଖଣ୍ଡପଡ଼ା, ୧୮।୧୦ (ସ୍ୱ.ପ୍ର.)

**ଦେବୋତ୍ତର ବିଭାଗ ସୁଧ ଅର୍ଥରେ ବି ହେଉନି**

ଦୀର୍ଘ ୬ବର୍ଷରୁ ବିତି ଯାଇଥିଲେ ହେଁ ଶ୍ରୀନୀଳମାଧବ ଜୀଉ ମନ୍ଦିର କାର୍ଯ୍ୟାଳୟ କାର୍ଯ୍ୟ ଅଧା ହୋଇ ପଡ଼ିଛି। କାମ କରୁଥିବା ଇନ୍‌ଟାକ ସଂସ୍ଥାର କାର୍ଯ୍ୟାଦେଶ ରଦ୍ଦ କରାଯାଇ ଦେବୋତ୍ତର ବିଭାଗ ସୁଧ ଟଙ୍କାରେ କାର୍ଯ୍ୟ ସମ୍ପନ୍ନ ହେବ ବୋଲି ପ୍ରଶାସନ ସ୍ତରରେ ନିଷ୍ପତ୍ତି ହୋଇଥିଲା। ମାତ୍ର ନିଷ୍ପତ୍ତି ଗ୍ରହଣର ଏକ ବର୍ଷ ବିତି ଯାଇଥିଲେ ମଧ ଏହି ପ୍ରସ୍ତାବ ଫାଇଲ ମଧ୍ୟରେ ଲୁଚି ଯାଇଥିବା ସାଧାରଣରେ ଆଲୋଚନା ହେଉଛି।

ଶ୍ରୀଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉ ମନ୍ଦିର ଦେବୋତ୍ତର କାର୍ଯ୍ୟାଳୟ ପାଇଁ ପ୍ରାୟ ୪୨ ଲକ୍ଷ ୬୭ ହଜାର ଟଙ୍କା ଅର୍ଥ ମଞ୍ଜୁର ହୋଇଛି। ଏହି କାର୍ଯ୍ୟର ଭିତ୍ତିପ୍ରସ୍ତର ଉତ୍ସବ ଗତ ୨୦୧୫ ଜାନୁୟାରୀ ୧୪ରେ ତତ୍କାଳୀନ ରାଜ୍ୟ ପଞ୍ଚାୟତିରାଜ ଓ ଆଇନ ମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟଅତିଥି, ଅନ୍ୟତମ ଅତିଥି ତତ୍କାଳୀନ ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ତେବେ ସମ୍ପୃକ୍ତ କାର୍ଯ୍ୟଟି ଧୀର ମନ୍ଥର ଗତିରେ ଆରମ୍ଭ ହୋଇ ଦୀର୍ଘ ୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ଶେଷ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ସମୁଦାୟ ୩୫ ଲକ୍ଷ ୫୦ ହଜାର ଟଙ୍କା ପେମେଣ୍ଟ କରାଯାଇଥିବା ବେଳେ ମଧ୍ୟ ଅଦ୍ୟାବଧି ସମ୍ପୃକ୍ତ କାର୍ଯ୍ୟ ସମ୍ପନ୍ନ ହୋଇପାରିଲାନାହିଁ।



ସୂଚନାଯୋଗ୍ୟ, ଉକ୍ତ କାର୍ଯ୍ୟାଳୟ ନିର୍ମାଣ ପାଇଁ ଭୁବନେଶ୍ୱରସ୍ଥିତ ଏକ ବେସରକାରୀ ସଂସ୍ଥା 'ଇନଟାକ୍'କୁ କାର୍ଯ୍ୟ ସମ୍ପାଦିତ କରିବାକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟ ୨୦୧୮ ଦୁର୍ଗାପୂଜା ପୂର୍ବରୁ ହସ୍ତାନ୍ତର କରିବାକୁ ସମ୍ପୃକ୍ତ ସଂସ୍ଥା ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପ୍ରତିଶ୍ରୁତି ମତେ କାର୍ଯ୍ୟ ଆଉ ଆଗେଇ ପାରିନି। ତେବେ ବହୁ ଅଭିଯୋଗ ପରେ ନୟାଗଡ଼ ଜିଲାପାଳ ଡ. ପୋମା ଟୁଡୁ ୨୦୨୦ଅକ୍ଟୋବର ୨୦ରେ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉ ମନ୍ଦିର ପରିଦର୍ଶନ ସମୟରେ ସମ୍ପୃକ୍ତ କାର୍ଯ୍ୟାଳୟର ଅଧପନ୍ତରିଆ କାର୍ଯ୍ୟ ଦେଖି ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀଙ୍କ କାର୍ଯ୍ୟାଦେଶ ରଦ୍ଦ କରାଯାଇ ଖଣ୍ଡପଡ଼ା ଦେବୋତ୍ତର ବିଭାଗ ସୁଧ ଅର୍ଥରେ କାର୍ଯ୍ୟକୁ ଶେଷ କରାଯିବ ବୋଲି ତତ୍କାଳୀନ ଖଣ୍ଡପଡ଼ା ବିଡିଓ ପ୍ରମୋଦ କୁମାର ନାଏକ ସୂଚନା ଦେଇଥିଲେ। ଏଥିପାଇଁ ଅଟକଳ ପ୍ରସ୍ତୁତ କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ସମ୍ପୃକ୍ତ କାର୍ଯ୍ୟ ଅଧାରେ ହିଁ ଅଟକି ଯାଇଛି। ଏ ସମ୍ପର୍କରେ ଦେବୋତ୍ତର ମ୍ୟାନେଜର ହରିହର ଦାଶଙ୍କୁ ପଚାରିବାରେ ଅଟକଳ ପ୍ରସ୍ତୁତ ହୋଇ ସାରିଥିଲେ ମଧ ଅର୍ଥ ମଞ୍ଜୁର ହୋଇ ନ ଥିବାରୁ କାର୍ଯ୍ୟଟି ଆଗେଇ ପାରୁନି ବୋଲି ସେ କହିଛନ୍ତି।

## କଳାକାରଙ୍କ ପରଲୋକ

ଖଣ୍ଡପଡା,୧୮।୧୦(ସ୍ୱ.ପ୍ର.)



ଖଣ୍ଡପଡା ବ୍ଲକ ଅଧୀନ ମର୍ଦ୍ଦରାଜପୁର ଗାଁର କଳାକାର ତଥା ନାଟ୍ୟ ନିର୍ଦ୍ଦେଶକ ପ୍ରସନ୍ନ କୁମାର ବେହେରା (୪୮)ଙ୍କର ସୋମବାର ଅପରାହ୍ନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ବେହେରା ଜଣେ ସୁନାମଧନ୍ୟ କଳାକାର ଭାବ ଆଖପାଖ ଅଞ୍ଚଳରେ ବେଶ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳବାସୀ ଓ କଳାକାର ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ଖଣ୍ଡପଡା କଳାକାର ସଂଘର ସଦସ୍ୟମାନେ ସ୍ୱର୍ଗତ ବେହେରାଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।


**DISTRICT OFFICE: DHENKANAL**

**NOTIFICATION**

E-537

No. 4891 Date: 17.10.2021

As per the letter No. 27711/11 dated 05.10.2021 of additional Chief Secretary to Govt. Health & FW Department, Odisha a committee under the chairmanship of Addl. District Magistrate (Administration) Dhenkanal has been formed in Dhenkanal District to issue official Documents for COVID-19 Death, to the next of kin of the deceased, who died of COVID-19.

The committee is responsible for issuance of official documents for COVID-19 death occurred within the jurisdiction of Dhenkanal District. This committee will follow the procedures as outlined in the guidelines of the Ministry of Health & Family Welfare dated. 03.09.2021.

**Sd./- Collector & District Magistrate Dhenkanal**

OIPR-10059/11/0013/2122

**TRIBAL DEVELOPMENT CO-OPERATIVE CORPORATION OF ORISSA LTD**

Tel.0674-2542475/2542617, Fax- 2544828, Email: admin@tdccorissa.org.website : www.tdccodisha.org

**Tender Notice no.2003, dated 18.10.2021**

**Tender for supply, installation, testing and commissioning of one coffee pulping machine along with accessories on turnkey basis at Koraput, Odisha.**

**No.CAD-1495:-** Sealed tender/s is invited from registered dealers/manufacturers/authorized suppliers for supply, installation, testing and commissioning of one coffee pulping. The detail terms and conditions can be downloaded from the official website- www.tdccodisha.org. The last date and time of receipt of tender documents is upto **2.00 pm on 02.11.2021.**

**Sd./- Managing Director**

OIPR-26005/11/0020/2122

**OFFICE OF THE SUPERINTENDING ENGINEER, GANGADHAR MEHER LIFT IRRIGATION PROJECT DIVISION NO.-III, BURLA**

**DIST.- SAMBALPUR, ODISHA, PIN - 768017**

**(Email ID: eegmlcdiv@gmail.com)**

**No. 458** **Dated: 08.10.2021**

**QUOTATION CALL NOTICE No. GMLIP-02/2021-22 Dated: 08.10.2021**

No. A-517: Sealed quotations are invited from interested reputed Travel Agencies/Tour Operators/Private individuals having valid GST and GeM registration number, Income Tax Clearance Certificate, PAN Card etc. for providing one number of AC Diesel/Petrol Driven Vehicle or BS-IV/ BS-VI compliant (TUV 300/Sumo Gold/Ertiga/Mahindra Marazzo) having seating capacity not more than ten including Driver (which shall confirm to the terms & conditions of the quotation call notice) for official use of the **superintending Engineer Gangadhar Meher Lift Irrigation Project Division No.-III, Burla** for inspection of the official work on monthly rent basis.

The details of the quotation call notice and document are available in the websites **https://dowrodisha.gov.in, https://odisha.gov.in** and **https://sambalpur.nic.in**. Date & time of sale of quotation document is from **21.10.2021 (10.00 A.M.) to 30.10.2021 (5.00 P.M.)**. The last date & time of dropping of quotation **at Office of the Superintending Engineer, Gangadhar Meher Lift Irrigation Project Division No.-III, Burla is 01.11.2021 upto 11.00 A.M. and will be opened on 01.11.2021 at 11.30 A.M.**

**Sd./- Superintending Engineer Gangadhar Meher Lift Irrigation Project Division No.-III, Burla**

**OIPR-32402/11/0003/2122**

**GOVERNMENT OF ODISHA** **No. B-485**

**OFFICE OF THE EXECUTIVE ENGINEER, JHARSUGUDA (R&B) DIVISION, JHARSUGUDA**

**E-mail ID: eepwdjsg2014@gmail.com, Telephone: 06645-271242, Kalimandir Road, Jharsuguda - 768202**

**"e" Procurement Notice**

**Bid Identification No. EE-R&B-JSG-09 of 2021-22**

| | | |
|---|---|---|
| 1. | The Executive Engineer, Jharsuguda (R&B) Division on behalf of Governor of Odisha inviting percentage rate bid in **Single Cover** System on ONLINE mode from eligible contractors for construction of **Buildings (Civil + EI + PH)/ CD Work** as detailed in DTCN. | |
| 2. | Nature of Work | : Buildings (Civil + EI + PH)/CD Works |
| 3. | Estimated Cost | : Rs.17.68 lakhs to Rs.43.97 lakhs |
| 4. | No. of Work | : 09 (Nine) Nos. |
| 5. | Tender Cost | : Rs.6000/- (as per DTCN) |
| 6. | Class of Contractor | : "D" & "C", B" & "A" |
| 7. | Availability of bid document in the website | : 10.00 A.M. of Dt.26.10.2021 to 5.00 P.M. of Dt.05.11.2021 |
| 8. | Date of opening of Technical Bid (Cover-I) | : 11.30 A.M. on Dt.06.11.2021 |
| 9. | The bidders have to participate in ONLINE bidding only. Further details can be seen from the website **https://tendersodisha.gov.in**. Any addendum/corrigendum/ cancellation of tender can also be seen in the said website. | |

**Sd./- Executive Engineer Jharsuguda (R&B) Division**

**OIPR-34094/11/0012/2122**

**GOVT. OF ODISHA**

**DEPARTMENT OF WATER RESOURCES, OFFICE OF THE CHIEF ENGINEER, RENGALI RIGHT IRRIGATION PROJECT, DHENKANAL**

**Email Id: cerripdkl@gmail.com**

**'e' Procurement Notice**

No. A-518: The Chief Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites Online percentage rate bids in double cover system for construction of the work as detailed below:

1. Name of the Work : Excavation of Gundichapada Distributary from RD 0.00 Km. to 3.60 Km including construction of its structures (excluding NH crossing) of Rengali Right Irrigation Project.
2. Tender Cost : Rs.1384.17 lakh
3. Bid document cost : Rs.10,000.00 (Online)
4. Bid Security : Bid Security Declaration as per proforma
5. Class of Contractor : 'Special' & 'Super' Class
6. Period of Completion : 18 Calendar months
7. Other details are as follows :

| Procurement Officer | Bid Identification No. | Availability of Tender Online for Bidding | | Date of Opening of Technical Bid (Cover - I) |
|---|---|---|---|---|
| | | From | To | |
| Chief Engineer, RRIP, Dhenkanal | CERRIP-02/2021-22 | 25.10.2021 10.00 A.M. | 09.11.2021 5.30 P.M. | 10.11.2021 11.00 A.M. |

Further details can be seen from the e-procurement portal **https://www.tendersodisha.gov.in**. Any addendum/corrigendum/cancellation to the above notice will be published in the Govt. website **www.tendersodisha.gov.in**.

**Sd./- Chief Engineer Rengali Right Irrigation Project, Dhenkanal**

**OIPR-32351/11/0002/2122**

**GOVERNMENT OF ODISHA** No. B-482

**"e"-PROCUREMENT NOTICE**

**Bid Identification No. S.E. GTN(R&B) - 09/2021-22**

**E-mail address: eeghatagaon2015@gmail.com**

**Letter No. 5570** **Dt.11.10.2021**

1. The Superintending Engineer, Ghatagaon (R&B) Division on behalf of Governor of Odisha invites percentage rate bids in Single Cover System in Online mode from the eligible contractor's for road works as mentioned below.
2. Nature of the Work : Road Works
3. Numbers of Work : 08 (Eight) Nos.
4. Estimated Cost : Rs.33.36 lakhs to 48.06 lakhs (Approx.)
5. Period of Completion : 3 (Three) Calendar Months
6. Date & time of availability of bid document in the portal : From 11.30 A.M. of Dt.22.10.2021 to 05.00 P.M. of Dt.01.11.2021
7. Last Date/Time for receipt of bids in the portal : 05.00 P.M. of Dt.01.11.2021
8. Date of Opening of Bid : 11.00 A.M. of Dt.02.11.2021
9. Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/ cancellation of tender can also be seen in the same website only.

**Sd./- Superintending Engineer Ghatagaon (R&B) Division**

**OIPR-34140/11/0005/2122**

**DIRECTORATE OF FISHERIES, ODISHA, CUTTACK**

**Ph-0671-2414061, Fax-0671-2410521,**

**E-mail Id- director.odifish@gmail.com**

M-36

**EOI No. 12637 / DOF-IE-MISC - 0058/2021**

**Dated 15th October, 2021**

**Expression of Interest (EoI) for taking up reservoir cage culture in Hirakud Reservoir, Odisha from interested and eligible PFCS/Fish Farmers/ Self Help Group / Private Entrepreneur / Companies on Lease-Install-Operate Basis**

Director of fisheries, Odisha, Cuttack, invites sealed Expression of Interest (EoI) for taking up reservoir cage culture in Hirakud Reservoir, Odisha from interested and eligible PFCS/Fish Farmers/ Self Help Group / Private Entrepreneur / Companies on Lease-Install-Operate Basis. Applicants are advised to go through the EoI document carefully before filling up the application form. Filled up application form shall be submitted along with required document and fees. There is no time limit for submission of EoI. The EoI shall be opened every month till the exhaustion of all zones. The details of criteria, submission requirement, objective, scope of work etc is available in websites of FISHFED Bhubaneswar, at www.fishfedodisha.in and F & ARD Department at www.fardodisha.gov.in.

Sealed envelope containing EoI application along with all relevant documents should be submitted to below address, mentioning "**Expression of Interest (EoI) for taking up reservoir cage culture in Hirakud Reservoir, Odisha from interested and eligible PFCS/Fish Farmers/ Self Help Group/Private Entrepreneur / Companies on Lease-Install-Operate Basis**" on the top of envelope.

Director of Fisheries reserves the right to fix/ alter the date of opening EoI and also to reject any all the EoI without assigning any reason whatsoever.

Sd/- Director of Fisheries

**The Director of Fisheries, Odisha, Cuttack**
**Directorate of Fisheries, Mangalabag**
**Cuttack-753001**

OIPR-06015/11/0011/2122

**GOVERNMENT OF ODISHA FISHERIES & ANIMAL RESOURCES DEVELOPMENT DEPARTMENT ODISHA SECRETARIAT, BHUBANESWAR**

**QUOTATION CALL NOTICE**

**Advertisement No................ Date.................**

No. M-34: Sealed Quotations/Tenders are invited from interested Travel Agencies/Tour Operators/ Private Individuals with valid GST registration for providing one number of AC(Petrol) Swift Dzire Driven Vehicle including the Driver for official use in Fisheries and ARD Department, Odisha Loka Seva Bhawan Bhubaneswar on monthly rent basis. The date & time for submission of the Sealed Tenders is latest by **29.10.21 up to 12 Noon.** For details, visit the 'All Tenders Link' of Government of Odisha Website **"http://www.odisha.gov.in"**.

**S/d- Deputy Secretary to Government Fisheries and ARD Department**

OIPR-06001/11/0004/2122

**GOVERNMENT OF ODISHA** RR-18

**ODIA LANGUAGE, LITERATURE & CULTURE DEPARTMENT**

**TENDER CALL NOTICE**

Sealed quotations of rates (exclusive of transport) are invited form the intending reputed Sculptors / Firms for construction and supply of Bronze Statue of eminent personalities for the year, 2021-22. Quotation in prescribed from should be sent in sealed cover through registered post / speed post / by courier service so as to reach the office of the undersigned on or before 20.11.2021 up to 5.00 P.M. The quotation not received during the prescribed period shall not be entertained. Tender papers shall accompany a refundable E.M.D. of Rs. 5,000/- deposited as DD drawn in favour of Director, Odia Language, Literature & Culture Department, Odisha, Bhubaneswar payble at Bhubaneswar.

Technical bids of the quotation will be opened on 23.11.2021 at 11.00 A.M. and financial bid of qualified technical bidders on 23.11.2021 at 4.00 P.M. in presence of the Committee Members and also the participating Bidder / or his authorized Representative. Details of tender can be downloaded from the Odia Language, Literature & Culture Department, Govt. of Odisha website (www.orissaculture.gov.in) or shall be collected from the Directorate Wing, Odia Language, Literature & Culture Department, Sanskruti Bhawan. Odisha, Bhubaneswar. The tender format can be used while submitting quotation on or before the scheduled date.

Sd/-

**Director & Additional Secretary to Govt., Odia Language, Literature & Culture Department**

**Address:**
Directorate Wing, Department of Odia Language, Literature & Culture, Sanskruti Bhawan, Museum Campus, Kalpana Square, Odisha, Bhubaneswar-14,
Tel. No.: 2431945, Fax No. 0674-2432269,
E-mail: directorateofculture@gmail.com

**OIPR-03001/11/0012/2122**

